

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

*The Dhwani Pratidhwani*

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୩ ମାର୍ଚ୍ଚ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 03 MARCH 2024

Vol.No. 35 ■ No.62 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧







## ସ୍ୱାସ୍ଥ୍ୟ ଓ ଶିକ୍ଷାରେ ଯୋଡି ହେଲା ଆଉ ଏକ ଫର୍ଦ୍ଦ: ୫ଟି ମେଡିକାଲ କଲେଜରେ ଟିଚିଂ ହସ୍ପିଟାଲ ଉଦ୍‌ଘାଟିତ

ଭୁବନେଶ୍ୱର , ୦୨/୩ (ନି.ପ୍ର): ଓଡିଶାର ସ୍ୱାସ୍ଥ୍ୟ ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯୋଡି ହୋଇଛ ଆଉ ଏକ ନୂଆ ଫର୍ଦ୍ଦ। ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ଆହୁରି ସୁଦୃଢ କରିବା ପାଇଁ ରାଜ୍ୟର ବିଭିନ୍ନ ସରକାରୀ ମେଡିକାଲ କଲେଜ ଗୁଡିକରେ ଟିଚିଂ ହସ୍‌ପିଟାଲର ଶୁଭ ଉଦ୍‌ଘାଟନ କରିବା ସହିତ ୪ଟି ମେଡିକାଲ କଲେଜର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ବିଶ୍ୱ ସ୍ତରୀୟ କରିବା ପାଇଁ ଭିତ୍ତି ରଖିଛନ୍ତି। ଉଦ୍‌ଘାଟିତ ହୋଇଥିବା ଟିଚିଂ ହସ୍‌ପିଟାଲ ଗୁଡିକ ହେଲା- ବଲାଙ୍ଗିରରେ ୬୫୦ ଶଯ୍ୟା ବିଶିଷ୍ଟ ଭୀମଭୋଇ ମେଡିକାଲ କଲେଜ୍ ଏବଂ ହସ୍‌ପିଟାଲ, ବାରିପଦାରେ ୬୫୦ ଶଯ୍ୟା ବିଶିଷ୍ଟ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ ଏବଂ ହସ୍‌ପିଟାଲ, ସୁନ୍ଦରଗଡରେ ୫୦୦ ଶଯ୍ୟା ବିଶିଷ୍ଟ ସରକାରୀ ମେଡିକାଲ୍ କଲେଜ୍ ଏବଂ ହସ୍‌ପିଟାଲ, କେନ୍ଦୁଝରରେ ୫୦୦ ଶଯ୍ୟା ବିଶିଷ୍ଟ ଧରଣୀ ଧର ମେଡିକାଲ୍ କଲେଜ୍ ଏବଂ ହସ୍‌ପିଟାଲ ଓ ବାଲେଶ୍ୱରରେ ୬୫୦ ଶଯ୍ୟା ବିଶିଷ୍ଟ ଫକୀର ମୋହନ ମେଡିକାଲ୍ କଲେଜ୍ ଏବଂ ହସ୍‌ପିଟାଲ। ଏଥିସହିତ କଟକ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କ୍ୟାନସର ଗବେଷଣା ପ୍ରତିଷ୍ଠାନ, ବ୍ରହ୍ମପୁରରେ ଏମ୍.କେ.ସି.ଜି. ମେଡିକାଲ କଲେଜ ଏବଂ ▶▶ପୃଷ୍ଠା ୭



## ୧୯୫ ଜଣଙ୍କ ତାଲିକା ଘୋଷଣା କଲା ବିଜେପି: ବାରାଣସୀରୁ ମୋଦି

ନୂଆଦିଲ୍ଲୀ, ୦୨/୩ : ୨୦୨୪ ଲୋକସଭା ନିର୍ବାଚନ ପାଇଁ ଆଜି ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି ବିଜେପି। ଏହି ପର୍ଯ୍ୟାୟରେ ୧୯୫ ଜଣ ପ୍ରାର୍ଥୀଙ୍କ ନାଁ ରହିଛି। ତା' ମଧ୍ୟରେ ରହିଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାଁ। ସେ ପୁଣି ବାରଣାସୀରୁ ନିର୍ବାଚନ ଲଢ଼ିବା। ସେହିପରି ଲୋକସଭା ବାଚସ୍ପତି ଓମ୍ ବିର୍ଲା ରାଜସ୍ଥାନର









ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୩ ମାର୍ଚ୍ଚ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 03 MARCH 2024

Vol.No. 35 ■ No.62 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଭାଇଭଉଣୀଙ୍କ ଆତ୍ମହତ୍ୟା

ଭଦ୍ରକ, ୦୨/୩ (ନି.ପ୍ର): ଗୋଟିଏ ଦିନରେ ଗୋଟିଏ ପରିବାରର ଦୁଇ ଜଣ ସଦସ୍ୟଙ୍କର ଆତ୍ମହତ୍ୟା ! ମୃତକ ଦ୍ୱୟ ସଂପର୍କରେ ଭାଇଭଉଣୀ। ଘଟଣାଟି ଘଟିଛି ଭଦ୍ରକ ଜିଲ୍ଲା ଧୂଷୁରୀ ଥାନା କୋଠାର ଗାଁରେ। ଗାଁର ବିଦ୍ୟାଧର ବେହେରାଙ୍କ ପୁଅ ସନାତନ ବେହେରା ଆଜି ସକାଳେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏହା ପରେ ମଧ୍ୟାହ୍ନରେ ବିଦ୍ୟାଧର ବେହେରାଙ୍କ ବଡ଼ ଭାଇଙ୍କ ଝିଅ ଅର୍ଥାତ୍ ସନାତନଙ୍କ ବଡ଼ ବାପା ଝିଅ ନିରୁପମା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ନିରୁପମା ଘରେ ଆତ୍ମହତ୍ୟା କରିଥିଲେ। ଭାଇଭଉଣୀ କାହିଁକି ଆତ୍ମହତ୍ୟା କଲେ, ତାହା ସ୍ପଷ୍ଟ ହୋଇପାରିନାହିଁ।

# ମମତାଙ୍କ ଗଡ଼ରେ ବର୍ଷିଲେ ମୋଦି

ନୂଆଦିଲ୍ଲୀ, ୦୨/୩ : ବର୍ତ୍ତମାନ ରାଜନୀତିର କେନ୍ଦ୍ର ବିନ୍ଦୁ ପାଲଟିଛି ପଶ୍ଚିମବଙ୍ଗ। ଏଠାକାର ସନ୍ଦେଶଖାଲିକୁ ନେଇ ରାଜନୀତି ଜୋର ଧରିଛି। ଏହାରି ଭିତରେ ଲୋକସଭା ନିର୍ବାଚନ ପୂର୍ବରୁ ମମତାଙ୍କ ଗଡରେ ରାଲି କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏଠାକାର କୃଷ୍ଣ ନଗରରେ ଏକ ରାଲିକୁ ସମ୍ବୋଧିତ କରି ସେ ପଶ୍ଚିମବଙ୍ଗ ସରକାରଙ୍କ ଉପରେ ବର୍ଷିଛନ୍ତି। ରାଲିକୁ ସମ୍ବୋଧିତ କରି ଟିଏମ୍‌ସି ଅର୍ଥ ଲୋକଙ୍କୁ ବୁଝାଇଛନ୍ତି ମୋଦି। ସେ କହିଛନ୍ତି, 'ଟିଏମ୍‌ସିର ଅନ୍ୟ ନାଁ ହେଉଛି ଅତ୍ୟାଚାର। ଟିଏମ୍‌ସି ଅର୍ଥ 'ତୁ, ମେ ଓ କରପ୍ସନ୍'। ମମତା ବାନାର୍ଜୀ ସରକାର ପଶ୍ଚିମବଙ୍ଗର ନାଁକୁ ଖରାପ କରିଦେଇଛି। ଚାରିଆଡେ ଏଠି ଯୋଜନା ନାଁରେ ଦୁର୍ନୀତି ଦେଖିବାକୁ ମିଳୁଛି। ଆମ ଯୋଜନାରେ ତାଙ୍କ ଷ୍ଟିକର ଲଗାଇ ଲୋକଙ୍କୁ ସେ ଭୂଆଁ ବୁଲାଉଛନ୍ତି। ସେ ଗରିବଙ୍କ ଅଧିକାର ଛଡାଇ ତାଙ୍କୁ ଲୁଟୁଛନ୍ତି। ମମତା ବାନାର୍ଜୀଙ୍କ ଟିଏମସି ଲୋକଙ୍କୁ ଗରିବ ରଖିବାକୁ ଚାହୁଁଛି। ମା', ମାଟି ଆଉ ମଣିଷ ସମସ୍ତେ ଟିଏମ୍‌ସିର କୁଶାସନ ଯୋଗୁ ଆଜି ଏଠି କାନ୍ଦୁଛନ୍ତି।' କେବଳ ସେତିକି ନୁହେଁ ପଶ୍ଚିମବଙ୍ଗର ସନ୍ଦେଶଖାଲି ମାମଲାକୁ ନେଇ ମଧ ମୋଦି ମମତା ସରକାରଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି, ଆଜି ପଶ୍ଚିମବଙ୍ଗରେ ଏଭଳି ସ୍ଥିତି ରହିଛି, ଯେଉଁଠି ପୁଲିସ ନୁହେଁ ଅପରାଧୀ ନିଜେ ସୁନିଶ୍ଚିତ କରୁଛି ଯେ, ସେ କେବେ ଆତ୍ମସମର୍ପଣ କରିବ। ରାଜ୍ୟ ସରକାର ଚାହୁଁନଥିଲେ ଯେ, ସନ୍ଦେଶଖାଲି ଅଭିଯୁକ୍ତ ଗିରଫ ହେଉ ବୋଲି। କିନ୍ତୁ ଏଠାକାର ମହିଳାମନେ ଦୁର୍ଗା ରୂପ ଧାରଣ କିରବା ଓ ବିଜେପି କର୍ମୀମାନେ ତାଙ୍କ ସହ ଛିଡା ହେବା ପରେ ରାଜ୍ୟ ସରକାରଙ୍କୁ ବାଧ ହୋଇ ନଇଁବାକୁ ପଡିଲା। ପଶ୍ଚିମବଙ୍ଗରେ ଆଜି ହେଉଛି ମୋଦିଙ୍କ ଦ୍ୱିତୀୟ ଦିନ। ଆଜି ଦ୍ୱିତୀୟ ଦିନରେ କୃଷ୍ଣ ନଗରରେ ମୋଦି ୧୫ ହଜାର କୋଟି ଟଙ୍କାର ଏକ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, 'ପଶ୍ଚିମବଙ୍ଗରେ ଏହା ମୋର ଦ୍ୱିତୀୟ ଦିନ। ଗତ ୨ ଦିନରେ ମୋତେ ବଙ୍ଗଳା ପାଇଁ ବିଭିନ୍ନ ପ୍ରକଳ୍ପର ମୂଳଦୁଆ ପକାଇବା ଏବଂ ସ୍ଥାପନ କରିବାର ସୁଯୋଗ ମିଳିଲା। ଏହା ପୁଞ୍ଜି ବିନିଯୋଗ ଆଣିବ, ରୋଜଗାରର ସୁଯୋଗ ସୃଷ୍ଟି କରିବ ଏବଂ ପଡୋଶୀ ଅଞ୍ଚଳରେ ଏହାର ପ୍ରଭାବ ପକାଇବ। ତେବେ ଆମକୁ ସ୍ୱୀକାର କରିବାକୁ ହେବ ଯେ ଟିଏମସି ସରକାର ପଶ୍ଚିମବଙ୍ଗବାସୀଙ୍କୁ ନିରାଶ କରିଛନ୍ତି। ସେମାନେ ଲୋକଙ୍କ ସହ ବିଶ୍ୱାସଘାତକତା କରନ୍ତି।'



## ଓଡ଼ିଶାରେ ବିଜେପି ଓ ବିଜେଡି ମଧ୍ୟରେ ହେବନି ମେଣ୍ଟ: ମନମୋହନ ସାମଲ



ଭୁବନେଶ୍ୱର, ୦୨/୩ (ନି.ପ୍ର): ଓଡ଼ିଶାରେ ବିଜେପି ଓ ବିଜେଡି ମଧ୍ୟରେ ମେଣ୍ଟ ହେବା ନେଇ ରାଜନୀତି ମହଲରେ କିଛି ଦିନ ହେବ ଚର୍ଚ୍ଚା ଜୋର ଧରିଥିଲା। ଏହି ଚର୍ଚ୍ଚାର ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ। ସେ କହିଛନ୍ତି, ଓଡ଼ିଶାରେ ମେଣ୍ଟ ହେବ ନାହିଁ। ଏକାକୀ ବିଜେପି ଲଢ଼ିବ। ଦିଲ୍ଲୀରୁ ଫେରି ରାଜ୍ୟ ବିଜେପି ସଭାପତି ଏହି ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ରାଜ୍ୟରେ ବିଜେଡି ସହ କୌଣସି ମେଣ୍ଟ ହେବନି। ୧୪୭ ବିଧାନସଭା ଏବଂ ୨୧ ଲୋକସଭାରେ ବିଜେପି ଏକା ଲଢିବ। ବିଜେପି ଲୋକସଭାରେ ୨୧ସିଟ୍ ଜିତିବ। ନରେନ୍ଦ୍ର ମୋଦି ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ହେବେ। ଏପରିକି ରାଜ୍ୟରେ ମଧ ବିଜେପି ସରକାର ଗଢିବ ▶▶ପୃଷ୍ଠା ୭

## ପାରଦ ଉପର ମୁହାଁ: ବଢ଼ିବ ଦିନର ତାତି

ଭୁବନେଶ୍ୱର, ୦୨/୩ (ନି.ପ୍ର): ରାଜ୍ୟରେ ପାରଦ ଉପର ମୁହାଁ ହୋଇଛି। ତେଣୁ ଆଗାମୀ ଦୁଇ ଦିନ ଯାଏଁ ତାପମାତ୍ରା ଆହୁରି ୨ ଡିଗ୍ରୀ ବଢ଼ିବାର ସମ୍ଭାବନା ରହିଛି। ଦିନର ତାତି ବଢ଼ିବାକୁ ଯାଉଛି। ସେଥିପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ସେପଟେ ଆଜି ୩୬ ଡ଼ିଗ୍ରୀ ତାପମାତ୍ରା ଅତିକ୍ରମ କରିଛି ରାଜଧାନୀ ଭୁବନେଶ୍ୱର। ପାଣିପାଗ ବିଜ୍ଞାନୀଙ୍କ କହିବା ଅନୁସାରେ ତାତି ସହିତ ଓଡ଼ିଶାରେ ପ୍ରବାହିତ ହେବ ପଶ୍ଚିମା ଝଡ଼। ▶▶ପୃଷ୍ଠା ୭

## ଆମେରିକାରେ ଭାରତୀୟ ଡ୍ୟାନ୍ସରଙ୍କୁ ଗୁଳି କରି ହତ୍ୟା

ନୂଆଦିଲ୍ଲୀ, ୦୨/୩ : ଆମେରିକାରେ ସୁରକ୍ଷିତ ନୁହନ୍ତି ଭାରତୀୟ। ପୁଣି ଜଣେ ଭାରତୀୟଙ୍କ ଏଠି ହତ୍ୟା ହୋଇଛି। କୋଲକାତାର ଭରତନାଟ୍ୟମ ଓ କୁଚିପୁଡି ଡ୍ୟାନ୍ସର ଅମରନାଥ ଘୋଷଙ୍କୁ ଆମେରିକାରେ ଗୁଳି କରି ହତ୍ୟା କରାଯାଇଛି। ଏନେଇ ଲୋକପ୍ରିୟ ଟିଭି ସିରିଏଲ୍ 'ସାଥ ନିଭାନା ସାଥିଆ'ର ଗୋପୁ ବହୁ ତଥା ଅଭିନେତ୍ରୀ ଦେବୋଲିନା ଭଟ୍ଟାଚାର୍ଜୀ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ମଙ୍ଗଳବାର ସନ୍ଧ୍ୟାରେ ଅମରନାଥଘୋଷଙ୍କୁ ମିସୌରୀର ସେଣ୍ଟ ଲୁଇସ୍‌ରେ ହତ୍ୟା କରାଯାଇଛି। ▶▶ପୃଷ୍ଠା ୭

## ରାଜ୍ୟସ୍ତରୀୟ ଭଜନ ପ୍ରତିଯୋଗିତା

କୋରେଇ, ୦୨/୩ (ନି.ପ୍ର): ପବିତ୍ର ଶିବରାତ୍ରୀ ଉପରେ ମୂଳାପାଳ ଲିଙ୍ଗେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରାଜ୍ୟସ୍ତରୀୟ ଭଜନ ପ୍ରତିଯୋଗୀତା ଅନୁଷ୍ଠିତ ହେବ । ଏହା ସକାଳ ୯ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ଚାଲୁ ରହିବ । ଏହି ପ୍ରତିଯୋଗିତା ପାଇଁ ପଂଜୀକରଣ ଦେୟ ମୁକ୍ତ କରାଯାଇଥିବା ବେଳେ କନିଷ୍ଠ ଓ ବରିଷ୍ଠ ୨ଭାଗରେ ବିଭକ୍ତ କରାଯାଇଛି । କନିଷ୍ଠ ବିଭାଗରେ ପ୍ରତିଯୋଗୀଙ୍କ ବୟସ ୯ରୁ ୧୬ ବର୍ଷ ରଖାଯାଇଥିବା ବେଳେ ବରିଷ୍ଠ ବିଭାଗରେ ପ୍ରତିଯୋଗିମାନଙ୍କ ବୟସ ସୀମା ୧୭ରୁ ୩୦ ବର୍ଷ ରଖାଯାଇଛି । ଉଭୟ ବର୍ଗର କୃତି ପ୍ରତିଯୋଗୀଙ୍କ ମଧ୍ୟରୁ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ନଗଦ ଅର୍ଥରାଶି ଦେଇ ପୁରସ୍କୃତ କରାଯିବ ।

# ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୦୨/୩ (ନି.ପ୍ର): ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ ଏକ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ବିଭାଗ ଆନୁକୂଲ୍ୟ ରେ ଅନୁଷ୍ଠିତ ଏହି ବୈଠକରେ ଗ୍ରୀଷ୍ମ ଋତୁରେ ଅଂଶୁଘାତ ସମସ୍ୟା ଓ ତାର ସଫଳ ମୁକାବିଲା କରିବା ପାଇଁ ଆବଶ୍ୟକ ଆଗୁଆ ପଦକ୍ଷେପ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନେ କଣ ନେଇଛନ୍ତି ତାର ସୁନିଶ୍ଚିନ୍ତ କରିବା ସହ ଜିଲ୍ଲାପାଳଙ୍କୁ ଏବଂ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ବିଭାଗକୁ ଅବଗତ କରିବା ପାଇଁ ଆଦେଶ ଦେଇଥିଲେ । ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ ପ୍ରଦତ ନିର୍ଦ୍ଦେଶାବୀ ଅନୁଯାଇ ସମସ୍ତ ବିଭାଗୀୟ ଅଧିକାରୀ ମାନେ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜନ ସଚେତନତା ସୃଷ୍ଟି ପାଇଁ ସ୍ୱେଚ୍ଛାସେବୀ ସଂଗଠନ, ଜନ ପ୍ରତିନିଧି ଓ ଗଣ ମାଧ୍ୟମର ପ୍ରମୁଖ ଭୂମିକା ରହିଛି । ଏଥିପାଇଁ ବ୍ଲକ, ଗ୍ରାମ ପଂଚାୟତ ସ୍ତରରେ ଜନ ପ୍ରତିନିଧି ସଂକ୍ତ କ୍ଷେତ୍ର କର୍ମଚାରୀ,ସ୍ଥାନୀୟ ଏନଜିଓ ସଂସ୍ଥାକୁ ନେଇ ସଚେତନତା ମୂଳକ ବୈଠକ ଆୟୋଜନ କରିବାକୁ ଜିଲ୍ଲାର ସମସ୍ତ ବ୍ଲକ ଓ ତହସିଲଦାର ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଦିନ ୧୧ଟା ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଅଂଶୁଘାତ ର ଆଶଙ୍କା ଥିବାରୁ ଏହି ସମୟସୀମା ମଧ୍ୟରେ ଶ୍ରମିକ ମାନଙ୍କୁ କାର୍ଯ୍ୟରେ ନିୟୋଜିତ ନ କରିବା ସହ ଶ୍ରମିକ ମାନଙ୍କ ପାଇଁ ଛାୟାର ବ୍ୟବସ୍ଥା ଏବଂ ପାନୀୟ ଜଳ ର ବ୍ୟବସ୍ତା କରିବାକୁ ଠିକା ସଂସ୍ଥା ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ନିର୍ଦ୍ଦେଶ କିପରି କାର୍ଯ୍ୟକାରୀ ହେଉଛି ତାହା ମଧ୍ୟ ଶ୍ରମ ଅଧିକାରୀ ତଦାରଖ କରି ରିପୋର୍ଟ ପ୍ରଦାନ କରିବାକୁ ଆଦେଶ ଦିଆଯାଇଛି । ଅଙ୍ଗନୱାଡି କେନ୍ଦ୍ର ଓ ସ୍କୁଲ ସମୟର ପରିବର୍ତନ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ କରିବାକୁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସେଠାରେ ପାନୀୟ ଜଳର ସୁବିଧା ପର୍ଯ୍ୟାପ୍ତ ପରିମାଣ ରେ ଓଆରଏସ୍ ପ୍ୟାକେଟ ମହଜୁଦ ବିଭାଗୀୟ ଅଧିକାରୀ ମାନେ ଯୋଗାଇବେ । ପାଇପ, ନଳକୂପ ଜରିଆରେ ପାନୀୟ ଜଳ ଯୋଗାଣ ସୁନିଶ୍ଚିନ୍ତ କରାଇବା ସହ ଜଳ କ୍ଲିଷ୍ଟ ଅଂଚଳକୁ ଚିହ୍ନଟ କରାଯାଇ ଟ୍ୟାଙ୍କର ଯୋଗେ ଜଳ ଯୋଗାଇବା ପାଇଁ ଜନସ୍ୱାସ୍ଥ୍ୟ ଓ ଗ୍ରାମୀଣ ଜଳ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ଜନ ଗହଳି ସ୍ଥାନ, ହାଟ, ଛକ ମାନଙ୍କରେ ବ୍ଲକ ଓ ପୌର ପ୍ରଶାସନ ଦ୍ୱାରା ପରିଷ୍କାର ଓ ପରିଛନ୍ନ ସ୍ୱାସ୍ଥ୍ୟକର ଜଳଛତ୍ର ବ୍ୟବସ୍ଥା ପାଇଁ ସଂପୃକ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସଡକ ପରିବହନ ବ୍ୟବସ୍ଥାରେ ସେମାନଙ୍କ ପାଇଁ ପାନୀୟ ଜଳ, ପ୍ରାଥମିକ ଚିକିତ୍ସା, ଓଆରଏସ୍ ପ୍ୟାକେଟ୍ ମହଜୁଦ ରଖିବା, ଖୋଲା ଗାଡିରେ ଶ୍ରମିକ ପରିବହନ ନକରିବା, ଓଭର ଲୋଡିଂ ନ କରିବା ଆଦି ବିଷୟରେ ତଦାରଖ ପାଇଁ ଆଂଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହ ସମସ୍ତ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଅଂଶୁଘାତ ଚିକିତ୍ସା ପାଇଁ ସ୍ୱତନ୍ତ୍ର କୋଠରୀ ଶଯ୍ୟା ଡାକ୍ତର ଓ ନର୍ସ ନିଯୁକ୍ତ କରାଇବା, ନିରବଛିନ୍ନ ବିଦ୍ୟୁତ୍ ପ୍ରବାହ, ବ୍ଲକ ଓ ତହସିଲ ରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲିବା, ଗୃହ ପାଳିତ ପଶୁ ମାନଙ୍କ ପାଇଁ ପୋଖରୀ ଓ କେନାଲ ରେ ପାଣି ଯୋଗାଇବା ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଥିଲା । ଅଂଶୁଘାତ ଜନିତ ମୃତ୍ୟୁ ଖବର ୨୪ ଘଣ୍ଟିଆ ମଧ୍ୟରେ ପ୍ରଶାସନ କୁ ଜଣାଇବା ସହ ଡାକ୍ତର ଓ ସ୍ଥାନୀୟ ତହସିଲଦାର ଙ୍କ ଦ୍ୱାରା ଯୁଗ୍ମ ତଦନ୍ତ କରାଯାଇ ଶବ ବ୍ୟବଚ୍ଛେଦ ରିପୋର୍ଟ ୩୬ ଘଣ୍ଟିଆ ମଧ୍ୟରେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କୁ ଅବଗତ କରାଇବା ପାଇଁ ଥିବା ଉଦ୍ଦିଷ୍ଟ ନିୟମ ସମ୍ପର୍କରେ ଆଲୋଚନା ହୋଇଥିଲା । ଆୟୋଜିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ସ୍ୱାଗତ ଭାଷଣ କରିଥିବା ବେଳେ ଅରିତିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ, ଜିଲ୍ଲା ପରିଷଦ ଉନ୍ନୟନ ମୁଖ୍ୟ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଉପ ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅନିତା ପଟ୍ଟନାୟକଙ୍କ ସହ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ବୀର ସୁରେନ୍ଦ୍ର ସାଏଙ୍କ ଶ୍ରାଦ୍ଧ ଓ ଜାତୀୟ ବିଜ୍ଞାନ ଦିବସ

ସମ୍ବଲପୁର, ୦୨/୩ (ନି.ପ୍ର): ଫୁଲଝରଣ ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଠାରେ ବୀର ସୁରେନ୍ଦ୍ର ସାଏଙ୍କ ୧୪୦ତମ ଶ୍ରାଦ୍ଧ ଦିବସ ଓ ଜାତୀୟ ବିଜ୍ଞାନ ଦିବସ ପାଳନ କରାଯାଇଥିଲା କ୍ଷ ଅନୁଷ୍ଠାନର ମୁଖ୍ୟ କୁଳଧର ପ୍ରଧାନ ଏହି ସଭାରେ ସଭାପତିତ୍ୱ କରିବା ସହ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ କ୍ଷ ମୁଖ୍ୟ ଅତିଥି ସମ୍ବଲପୁର ମହିଳା କଲେଜର ପୂର୍ବତନ ଅଧ୍ୟକ୍ଷ ଡ଼ ସନ୍ତୋଷ ଦାଶ ସୁରେନ୍ଦ୍ର ସାଏଙ୍କ ଯୁଦ୍ଧ ପରାକାଷ୍ଠା ଓ ତାଙ୍କ ଅବଦାନ ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ବୁଝେଇଥିଲେ କ୍ଷ ଡ଼. ପରେଶ ଚନ୍ଦ୍ର ଦାନୀ ମୁଖ୍ୟବକ୍ତା ଭାବରେ ଯୋଗଦାନ କରି କହିଲେ ପୃଥିବୀର କୌଣସି ସ୍ୱାଧୀନତା ସଂଗ୍ରାମରେ ଦୀର୍ଘ ୩୭ ବର୍ଷ ଜେଲ ବରଣ କରିଥିବା ଦୃଷ୍ଟାନ୍ତ ନାହିଁ କିନ୍ତୁ ସୁରେନ୍ଦ୍ର ସାଏଙ୍କୁ ଇତିହାସରେ ଉପଯୁକ୍ତ ସ୍ଥାନ ଦିଆଯାଇ ନାହିଁ କ୍ଷ ଅତି ଦୟନୀୟ ଅବସ୍ଥାରେ ସୁରେନ୍ଦ୍ର ସାଏଙ୍କ ଦେହାନ୍ତ ହୋଇଥିବା ଅସୀରଗଡ଼ ଜେଲର ପରିଦର୍ଶନ ସମ୍ପର୍କରେ ଡ଼. ଦାନୀ ତାଙ୍କ ହୃଦୟବିଦାରକ ଅନୁଭୁତି ସମ୍ପର୍କରେ ଆଲୋକପାତ କରିଥିଲେ କ୍ଷ ଜାତୀୟ ବିଜ୍ଞାନ ଦିବସ ପାଳନ ଅବସରରେ ସମ୍ମାନିତ ଅତିଥି ସାହିତ୍ୟ ସାଧକ ହୃଷିକେଶ ପୂଜାରୀ ଅନ୍ଧବିଶ୍ୱାସରୁ ଦୂରରେ ରହି ବିଜ୍ଞାନ ସମ୍ମତ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ଛାତ୍ରଛାତ୍ରୀ ମାନଂକୁ କହିଥିଲେ କ୍ଷ ଗାୟତ୍ରୀ ସନ୍ତୋଷ ଚେରିଟେବୁଲ ଟ୍ରଷ୍ଟ ପକ୍ଷରୁ ରେଡ଼କ୍ରସ ବୃଦ୍ଧାଶ୍ରମ ଓ ବାଳନିକେତନର ଅନ୍ତେବାସୀ ମାନଙ୍କୁ ଖାଦ୍ୟ ପରିବେଷଣ କରାଯିବା ସହ ଏହି ସମସ୍ତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା କ୍ଷ ସନ୍ତୋଷ ଦାଶ, ପରେଶ ଦାନୀ, ହୃଷିକେଶ ପୂଜାରୀ, ପ୍ରଫୁଲ୍ଲ ପଣ୍ଡା, କୂଳଧର ପ୍ରଧାନ ପ୍ରମୁଖ ଜୁଯୋମୁରା ସ୍ଥିତ ସହିଦ ମଧୁ ଗଡତିଆ ଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

## ପାଣିକୋଇଲିରେ ଜଳୁନି ଉଚ୍ଚ କ୍ଷମତା ସମ୍ପନ୍ନ ଉଜ୍ଜ୍ୱଳ ଆଲୋକ, ଯାତ୍ରୀ ହନ୍ତସନ୍ତ

କୋରେଇ, ୦୨/୩ (ନି.ପ୍ର): ପାଣିକୋଇଲି ବଜାର ଭୌଗଳିକ ଦୃଷ୍ଟି କୋଣରୁ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି । ଦୁଇଟି ରାଜପଥର ସଂଯୋଗସ୍ଥଳ ହୋଇଥିବା ବେଳେ ଦିବାରାତ୍ରୀ ବଜାର ଖୋଲାରୁହେ । ସାରାରାତ୍ରୀ ବିଭିନ୍ନ ରାଜ୍ୟରୁ ଯାତ୍ରୀମାନେ ଯାତାୟତ କରିଥାନ୍ତି । ୧୬ ନମ୍ବର ଜାତୀୟ ରାଜପଥର ଓଭରବ୍ରିଜ ବଜାରକୁ ଦୁଇ ଭାଗରେ ବିଭକ୍ତ କରିଛି । ଉଭୟ ପାର୍ଶ୍ୱରୁ ଯାତ୍ରୀମାନେ ବିଭିନ୍ନ ସ୍ଥାନକୁ ଯିବା ପାଇ ଅନ୍ଧାର ଏକ ବଡ ସମସ୍ୟା । ବିଶେଷ କରି ମହିଳା ଯାତ୍ରୀ ମାନଙ୍କ ପାଇଁ ଏହା ସମସ୍ୟା ହୋଇଥିବାରୁ ଓଭରବ୍ରିଜର ଉଭୟ ପାର୍ଶ୍ୱରେ ଉଚ୍ଚ କ୍ଷମତା ସମ୍ପନ୍ନ ଆଲୋକ ବ୍ୟବସ୍ଥା କରାଯାଇଥିଲା । ହେଲେ ବିଭିନ୍ନ ସମୟରେ ଉଜ୍ଜ୍ୱଳ ଆଲୋକ ଗୁଡିକ ବନ୍ଦ ରହୁଛି । ଫଳରେ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ପାଣିକୋଇଲି ଗଣେଷ ବଜାରରେ ଥିବା ଉଜ୍ଜ୍ୱଳ ଆଲୋକଟି କିଛି ଦିନ ଜଳୁଛି ତ ପୁଣି କିଛି ଦିନ ବନ୍ଦ ରହୁଛି । ଗଣମାଧ୍ୟମରେ ଖବର ପ୍ରକାଶ ପରେ ଆଲୋକ ମରାମତି କରାଯାଉଛି । ପୁଣି କିଛି ଦିନ ପରେ ଯେଉଁ ଅବସ୍ଥାକୁ ସେହି ଅବସ୍ଥା । କେତେବେଳେ ଦିନରେ ଲାଇଟ ଜଳୁଛି ତ ପୁଣି ରାତ୍ରୀରେ ବନ୍ଦ ରହୁଛି । ଏଭଳି ଅବ୍ୟବସ୍ଥା ଯୋଗୁ ବିଶେଷ କରି ରାତ୍ରୀରେ କଲିକତାରୁ ଆସୁଥିବା ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ତ୍ୱରୀତ ଯୁଦ୍ଧକାଳୀନ ଭିତିରେ ଉକ୍ତ ଉଜ୍ଜ୍ୱଳ ଆଲୋକ ମରାମତି କରି ଚାଲୁ କରିବାକୁ ବଜାର କମିଟି ପକ୍ଷରୁ ଦାବି ହୋଇଛି ।

## ଧର୍ମଶାଳା ପ୍ରେସ୍ କ୍ଲବର ୨୧ତମ ବାର୍ଷିକ ସମାରୋହ ଓ ସମ୍ବର୍ଦ୍ଧନା ପର୍ବ

ଧର୍ମଶାଳା, ୦୨/୩ (ନି.ପ୍ର): ଯାଜପୁର ଜିଲା ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ସଭାଗୃହ ପରିସରରେ ଧର୍ମଶାଳା ପ୍ରେସ୍ କ୍ଲବର ୨୧ତମ ବାର୍ଷିକ ସମାରୋହ ଓ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଯାଇଛି । ପ୍ରେସ୍ କ୍ଲବର ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଉଦଘାଟକଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଅନ୍ୟ ଅତିଥି ଭାବେ ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ,ବରିଷ୍ଠ ସାମ୍ବାଦିକ ସନ୍ଦୀପ ସାହୁ,ଧର୍ମଶାଳା ପେସ୍ କ୍ଲବ ଉପଦେଷ୍ଟା ବଟକୃଷ୍ଣ ପରିଡା,ଇନ୍ଦ୍ରମଣୀ ନାୟକ ଓ କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ ପ୍ରମୁଖଯୋଗ ଦେଇ ଏବେ ଗଣମାଧ୍ୟମ ସଙ୍କଟରେ ରହିଛି । ବିଭିନ୍ନ ରାଜନୈତିକ ଦଳ ସାମ୍ବାଦିକଙ୍କ କ୍ଷମତାକୁ ଚାପ ପ୍ରୟୋଗ କରୁଛନ୍ତି । ଏହାକୁ ସୁଧାରିବାକୁ ହେଲେ ସାମ୍ବାଦିକମାନେ ଏକତ୍ର ହେବାର ଏକ ମାଧ୍ୟମ ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ । ସାମ୍ବାଦିକ ଅଖିଳ ସ୍ୱାଇଁ ଅଚିଥି ପରିଚୟ ଓ ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ ବାର୍ଷିକ ବିବରଣୀପାଠ କରିଥିଲେ । ସ୍ଥାନୀୟ ବିଦ୍ୟାଳୟର କୁନି କଳାକାରମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସଫଳ ପାଇ ଥିବା ବ୍ୟକ୍ତି ବିଶେଷଙ୍କୁ ଅତିଥିମାନେ ମାନପତ୍ର ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ସାମ୍ବାଦିକ ମାନସ ରଂଜନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଜିଲାର କୋଣ ଅନୁକୋଣରୁ ଶତାଧିକ ସାମ୍ବାଦିକ, କବି ଓ ସୁସାହିତ୍ୟିକ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଧର୍ମଶାଳା ପ୍ରେସ୍ କ୍ଲବର ବରିଷ୍ଠ ସଭ୍ୟ ଗୁଲାମ ଗସ୍, ସୀତାକାନ୍ତ ସାମଲ, ପ୍ରଶାନ୍ତ ଗନ୍ତାୟତ, କପିଳେନ୍ଦ୍ର ରାଉତ, ଅକ୍ଷୟ ରାଉତ, ଗିରିଧାରୀ ବେହେରା, ସୁବ୍ରତ ଜେନା, କିଶୋର ରାଉତ, କ୍ଷିରୋଦ ମୁଦୁଲି, ବିକ୍ରମ ମହାନ୍ତି, ରଶ୍ମିରଂଜନ ରାୟ, ବିବେକାନନ୍ଦ ରାୟ, ବିନୋଦ ବିହାରୀ ସାହୁ,ଅନିଲ କୁମାର ନାୟକ ଓ ବିନୋଦ କୁମାର ପରିଡା ପ୍ରମୁଖ ସହଯୋଗ କରିଥିଲେ ।

## ଆର୍ଥିକ ସାକ୍ଷରତା ଓ ଅନ୍ତର୍ଭୁକ୍ତ କାର୍ଯ୍ୟକ୍ରମ ଉଦ୍‌ଯାପିତ

ମାଲକାନଗିରି, ୦୨/୩ (ନି.ପ୍ର): ରିଜର୍ଭ ବ୍ୟାଙ୍କ ଓ ଷ୍ଟେଟ ବ୍ୟାଙ୍କ ମିଳିତ ଆନୁକୂଲ୍ୟରେ ମାଲକାନଗିରି ମହାବିଦ୍ୟାଳୟରେ ଆର୍ଥିକ ସାକ୍ଷରତା ସପ୍ତାହ ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ମୁଖ୍ୟ ଅତିଥି ଭାବେ ଏଲ.ଡି.ଓ ଉତ୍କଳ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ସଠିକ ଆରମ୍ଭ କରନ୍ତୁ ଏବଂ ଆର୍ଥିକ ସ୍ମାର୍ଟ ହୁଅନ୍ତୁ ବିଷୟରେ ସଚେତନ କରାଇଥିଲେ । ମୁଖ୍ୟବକ୍ତା ଷ୍ଟେଟ ବ୍ୟାଙ୍କ ରୁରାଲ କର୍ମ ନିଯୁକ୍ତି ପ୍ରତିଷ୍ଠାର ସେନ ଗୁପ୍ତା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଜନଧନ ଯୋଜନା,ପ୍ରଧାନମନ୍ତ୍ରୀ ବୀମା ଯୋଜନା, ୟୁ.ପି.ଆଇ ବିଷୟରେ ଛାତ୍ରଛାତ୍ରୀଙ୍କୁ ଭରପୁର ଫାଇଦା ନେବା ପାଇଁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ନରସିଂହ ପାଢ଼ୀ, ଏଲ.ଡି.ଏମ ମାଲକାନଗିରି ସାଇବର ଠକେଇ ଠାରୁ କିପରି ଦୁରେଇ ରହିପାରିବ ସେ ବିଷୟରେ ଆଲୋକପାତ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ହରିହର ପଣ୍ଡା ଏଫ.ଏଲ.ସି ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ବାଣିଜ୍ୟ ବିଭାଗର ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ବେଟି ବଂଚାଓ ଓ ବେଟି ପଢାଅ ଓ ଆର୍ଥିକ ଅନ୍ତର୍ଭୁକ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ପ୍ରଧାପକ ଅଶୋକ କୁମାର ଷଡ଼ଙ୍ଗୀ, ପ୍ରେମରେଖା ଭତ୍ରା,ସୁଶାନ୍ତ ମାଝୀ, ଆରତୀ ଲୁଗୁନ,ଦିପ୍ତୀରେଖା ମିଶ୍ର ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଏଥିରେ ୨୦୦ରୁ ଉର୍ଦ୍ଧ୍ୱ ଯୁକ୍ତ ଦୁଇ କଳା ଓ ବାଣିଜ୍ୟ ଛାତ୍ରଛାତ୍ରୀ ଉପସ୍ଥିତ ରହି ବିଭିନ୍ନ ପ୍ରକାର ପ୍ରଶ୍ନ ଉତର କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମଟି ଆଇ.କ୍ୟୁ.ଏସ.ସି ସଂଯୋଜକ ଡକ୍ଟର ରଞ୍ଜନ କୁମାର ସ୍ୱାଇଁଙ୍କ ଉଦ୍ୟମରେ ହୋଇ ପାରିଛି । ସଭା ଶେଷରେ ଜାତୀୟ ସେବା ସଂସ୍ଥା ଯୋଜନା ଅଧିକାରୀ ପ୍ରମୀୟ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଧାରାବାହିକ ଉପନ୍ୟାସ

## ଡ.ଭାଗବତ ବେହେରା



# ବୈଦେହୀ

**ଭାଗ-୪୧**
(ପୂର୍ବ ପ୍ରକାଶିତ ଉତ୍ତାରୁ...)



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ତାଙ୍କ କଥାକୁ ମନଭରି ପିଇ ଯାଉଛି ବୈଦେହୀଙ୍କ ଅନୁଗାମିନୀ ସୁଧାମୟୀ, ପ୍ରୀତିଦା, କମଳା, ଐଶ୍ୱର୍ଯ୍ୟା, ଶ୍ୟାମଳୀ ଆଦି ଋଷିକନ୍ୟା ମାନେ । ବନବାସିନୀ ସୀତାଙ୍କର ଦୁଃଖ ଶୁଣି ସେମାନେ କେତେବେଳେ ନୟନରୁ ଧାରଧାର ଅଶ୍ରୁ ଝରାଇ ଦେଉଥା'ନ୍ତି ତ କେତେବେଳେ ରାମ ସୀତାଙ୍କର ମଧୁମୟ ଦାମ୍ପତ୍ୟ ଜୀବନର କଥା ଶୁଣି ଉଲ୍ଲସିତ ହୋଇଉଠୁଥା'ନ୍ତି ।

ସେଦିନ ଥିଲା ଆଶ୍ରମରେ ଶରତ ପୂର୍ଣ୍ଣିମାର ରଜନୀ । ଆଶ୍ରମରେ ବିଛେଇ ହୋଇ ପଡ଼ିଥାଏ ଶରତ ପୂର୍ଣ୍ଣମୀ ଚନ୍ଦ୍ରର ରୁପାଧୂଆ ସଜଳ କିରଣ । ମୁନିକୁମାରୀ ମାନେ ଚନ୍ଦ୍ରପୂଜା କରିବା ନିମିତ୍ତ ଏକତ୍ରିତ ହୋଇଛନ୍ତି ଆଶ୍ରମସ୍ଥ ବଉଳବେଦୀ ମୂଳରେ । ସେମାନଙ୍କ ଗହଣରେ ଅଛନ୍ତି ତପସ୍ୱିନୀ ସୀତା । ଶରତର ଶୀତଳ ଚନ୍ଦ୍ର କିରଣରେ ସ୍ନାନକରି ମୁନିକନ୍ୟାମାନେ ଆମୋଦିତ ହୋଇ ଉଠୁଥିବାବେଳେ, ସୀତାଦେବୀ କିନ୍ତୁ ବିରସ ମନରେ ବସି ରହିଥାନ୍ତି ବଉଳବେଦୀ ମୂଳରେ । ତାଙ୍କୁ ଦେଖି ପ୍ରୀତିଦା, ସୁଧାମୟୀ ପଚାରିଥିଲେ ଦେବୀ ଆଜିଭଳି ଦିନରେ ଆପଣ ଏମିତି ମୁହଁ ଶୁଖାଇ ବସିଛନ୍ତି କାହିଁକି ? ଆପଣ ଯେତେ ବିରସ ରହିବେ ତାର ପ୍ରଭାବ ଆପଣଙ୍କ ଗର୍ଭସ୍ଥ ଶିଶୁ ଉପରେ ପଡ଼ିବ ବୋଲି ମାତା ଅନୁକମ୍ପା କହୁଥିଲେ । ସେ ଆମକୁ ନିର୍ଦ୍ଦେଶ ଦେଇଛନ୍ତି ଯେମିତିବି ହେଉ ଆମେ ଆପଣଙ୍କୁ ହସଖୁସିରେ ରଖିବୁ । ହେଲେ ଆପଣ ଆମକଥା ମାନୁଛନ୍ତି କେତେକେ ? ପ୍ରିୟସଖୀ ସୁଧାମୟୀ, ପ୍ରୀତିଦାଙ୍କ କଥାଶୁଣି ଓଠରେ ଶୁଷ୍କହସର ରେଖାଟିଏ ଟାଣି ସୀତା କହିଥିଲେ, ସଖୀ ତୁମେମାନେ ମୋତେ ଭୁଲ୍ ବୁଝନାହିଁ । ଅତୀତକୁ ମୁଁ ଯେତେ ଭୁଲିବାକୁ ଚାହିଁଲେ ମଧ ଭୁଲିପାରୁ ନାହିଁ । ପ୍ରତ୍ୟେକ ମୁହୂର୍ତ୍ତରେ ମୋ ପ୍ରଭୁଙ୍କ ସ୍ମୃତି ମୋ ମାନସପଟରେ ଜାଗି ମୋତେ ଦୁଃଖ ଦେଉଛି । ଆଜି ମୋର ମନେ ପଡ଼ିଯାଉଛି ବନବାସ କାଳୀନ ଏଇ ଶରତ ସନ୍ଧ୍ୟାର କଥା । ଆମେ ପଞ୍ଚବଟୀରେ ଥାଉ । ପଞ୍ଚବଟୀ ଅତ୍ୟନ୍ତ ମନୋରମ ସ୍ଥାନ । ଗୋଦାବରୀ ନଦୀତଟରେ ବର୍ଦ୍ଧିତ ପାଞ୍ଚଗୋଟି ବିଶାଳ ବଟବୃକ୍ଷ । ଅତ୍ୟନ୍ତ ମନୋରମ ତାର ଶୋଭା । ଏମିତି ଛତ୍ର ଛାୟା ମେଲି ସେ ବୃକ୍ଷ ରହିଥାନ୍ତି, ଯେ ଦିବସରେ ସୂର୍ଯ୍ୟକିରଣ ତଳେ ପଡ଼େନାହିଁ । ସେ ବନର ଶୋଭା ଅବର୍ଣ୍ଣନୀୟ । ରାଶିରାଶି ବୃକ୍ଷଲତାରେ ଆଚ୍ଛାଦିତ ବନରେ ନାନା ଜାତି ପଶୁ ପକ୍ଷୀ କ୍ରୀଡ଼ା କରୁଥାନ୍ତି । ବିଶେଷକରି ବହୁ ସଂଖ୍ୟାରେ ହରିଣ ହରିଣୀଙ୍କ କ୍ରୀଡ଼ା ସେ ବନର ଶୋଭାକୁ ବର୍ଦ୍ଧନ କରୁଥାଏ । ବୃକ୍ଷରେ ଲଦି ହୋଇ ପଡ଼ିଥିବା ଲତାଙ୍କର ମନୋରମ ଶୋଭା ସାଂଗକୁ, ଲତାମାନଙ୍କରେ ଶୋଭିତ ନାନା ଜାତି ଫୁଲ, ପକ୍ଷୀମାନଙ୍କର ମଧୁର କାକଳି, ଗୋଦାବରୀର କୁଳୁକୁଳୁ ନାଦ ସେ ଅରଣ୍ୟ ପ୍ରକୃତିକୁ ଏମିତି ରମଣୀୟ କରୁଥାଏ ଯେ, ମୋ ସ୍ୱାମୀ ସେ ଦୃଶ୍ୟ ଦେଖିକରି କହିଥିଲେ ଲକ୍ଷ୍ମଣ ଏହି ନିକଟରେ ପାହାଡ଼ର ଯେଉଁ ଗୁମ୍ଫା ଦେଖୁଛ ଏହା ଆମ ପାଇଁ ସୁନ୍ଦର ଆଶ୍ରୟ ସ୍ଥଳ ହେବ । ଆମେ ଏହିଠାରେ କିଛିଦିନ ରହି, ତାପରେ ଅନ୍ୟତ୍ର ଯାତ୍ରା କରିବା । ପଞ୍ଚବଟୀରେ ବେଶ୍ କିଛିଦିନ ଆମେ ଆନନ୍ଦରେ କଟାଇଥିଲୁ । ପ୍ରତ୍ୟହ ପ୍ରଭାତ ସମୟ ହେଲେ ପକ୍ଷୀମାନଙ୍କର ମଧୁର ସଂଗୀତ ଶ୍ରବଣରେ ମୋ ଚକ୍ଷୁରୁ ନିଦ୍ରା ଅପସରି ଯାଏ । ଶଯ୍ୟା ତ୍ୟାଗ କରି ବାହାରକୁ ଆସି ମୁଁ ମନଭରି ଉପଭୋଗ କରେ ପ୍ରାତଃ କାଳୀନ ଶୋଭାକୁ । ଲକ୍ଷ୍ମଣ ଚାଲିଯାଆନ୍ତି ଅରଣ୍ୟକୁ ଫଳମୂଳ ସନ୍ଧାନରେ । ମୋ ପାଖରେ ରୁହନ୍ତି ଏକା ମୋ ସ୍ୱାମୀ । ମୋତେ ଆଦର କରି ସେ କୁହନ୍ତି ବୈଦେହୀ ! ସତରେ ଏ ବନ ପ୍ରକୃତି କେତେ ମନୋରମ । ଏ ବୃକ୍ଷଲତା ମାନଙ୍କରୁ ଝରି ପଡୁଥିବା ଶିରିଶିରି ମଧୁର ପବନ, ପକ୍ଷୀମାନଙ୍କର ମଧୁର ଗୁଞ୍ଜନ, ହରିଣ ହରିଣୀଙ୍କ କ୍ରୀଡ଼ା, ଯୂଥ ଯୂଥ ମୟୂରଙ୍କର ନୃତ୍ୟ ଆମକୁ ପ୍ରତ୍ୟହ ଅମୃତରେ ସ୍ନାନ କରାଉଛନ୍ତି । ତୁମେ ଏହି ପଥର ଉପରେ ବସ ସୀତେ, ମୁଁ ତୁମକୁ ଏ ବନ ଫୁଲରେ ସଜାଇଦେବି । ଏହାକହି ସେ ଲତା ମାନଙ୍କରୁ ଫୁଲ ସବୁ ତୋଳିଆଣି ଆଞ୍ଜୁଳା ଆଞ୍ଜୁଳା କରି ମୋ ଉପରେ ଅଜାଡ଼ି ଦିଅନ୍ତି । ନାନା ଜାତି ଫୁଲରେ ମାଳା ଗୁନ୍ଥି ମୋ ଗଳାରେ ଲମ୍ବାଇ ଦିଅନ୍ତି । ଫୁଲରେ ଅଳଙ୍କାର ମାନ କରି ମୋତେ ପିନ୍ଧାଇ ଦିଅନ୍ତି । ପ୍ରତ୍ୟହ ଏମିତି ଫୁଲରେ ଫୁଲରେ ମୋତେ ସଜାଇ ସେ କୁହନ୍ତି, ଜାନକୀ ମୋର ପରମ ସୌଭାଗ୍ୟ ମୁଁ ପ୍ରତ୍ୟହ ତୁମକୁ ଏକ ପ୍ରସ୍ଫୁଟିତ ପୁଷ୍ପଲତା ରୂପରେ ଦେଖୁଛି । ଏପରି ଐଶ୍ୱର୍ଯ୍ୟ ଲତାକୁ ମୁଁ କ'ଣ ଅଯୋଧ୍ୟାରେ ଦେଖି ପାରିଥାନ୍ତି ? ଫୁଲରେ ସଜାଇଦେଇ ସ୍ୱାମୀ ମୋତେ କୋଳକରି କହନ୍ତି, ଦେବୀ ସୀତେ ! ସତରେ ତୁମେ ବନଲକ୍ଷ୍ମୀ । ବିଧାତା କରନ୍ତୁ ଏ ବନବାସର ଜୀବନ ଆମର ଶେଷ ନହେଉ । ତୁମକୁ ପ୍ରତ୍ୟହ ଏହି ବନଦେବୀ ରୂପରେ ଦେଖି ମୁଁ ମୋ ଜୀବନକୁ ବିତାଇଦିଏ । ତାଙ୍କର ଏହି ସ୍ନେହପୂର୍ଣ୍ଣ କଥା ଶୁଣି ମୋ ଅନ୍ତର ପୂରିଯାଏ ସୁଧାମୟୀ । ମୁଁ ଭାବେ ସତରେ ବିଧାତା ଆମକୁ ବନବାସୀ କରାଇ ଦୁଃଖୀ କରି ନାହାନ୍ତି ବରଂ ମହାସୁଖର ଅଧିକାରୀ କରାଇଛନ୍ତି । ସୂର୍ଯ୍ୟ ଧୀରେଧୀରେ ଉଠି ଆସନ୍ତି ପୂର୍ବାକାଶରେ । ମୁଁ ସ୍ନାନପାଇଁ ଗୋଦାବରୀକୁ ଯାତ୍ରା କରେ । ସ୍ୱାମୀ ମୋର ମୋ ସ୍ନାନ ପାଇଁ ଶର ମୂନରେ ଏକ କ୍ଷୁଦ୍ର ତଡ଼ାଗ ସୃଷ୍ଟିକରି ତାହାକୁ ଗୋଦାବରୀ ସହ ସଂଯୋଜିତ କରି ଦେଇଥାନ୍ତି । ଗୋଦାବରୀରୁ ପାଣି ଆସି ସେଥିରେ ପୂର୍ଣ୍ଣ ହୋଇଥାଏ । ମୁଁ ସ୍ନାନ କରିବାକୁ ଯିବାବେଳେ ମୋ ସ୍ୱାମୀ ଧନୁଶର ଧରି ମୋତେ ଅନୁସରଣ କରନ୍ତି । ପଞ୍ଚବଟୀରେ ଅସୁରମାନେ ବିଚରଣ କରୁଥିବାରୁ ସେ ସଜାଗ ରୁହନ୍ତି । ମୁଁ ସୂକ୍ଷ୍ମ ପାଟ ବସ୍ତ୍ରଟିଏ ଧରି ସ୍ନାନକୁ ଯାତ୍ରା କରେ । ଦିଅର ଲକ୍ଷ୍ମଣ ମୋର ଅତି ଚତୁରତାର ସହିତ ଚଉଦଟି ପାଟଲୁଗା ଗୋଟାଏ ସରୁ ବାଉଁଶନଳୀ ଭିତରେ ପୂରାଇ ଅଯୋଧ୍ୟାରୁ ନେଇ ଆସିଥିଲେ । ସେ ଜାଣିଥିଲେ ତାଙ୍କ ଭାଉଜ କେବେ ଅରଣ୍ୟରେ ବଳ୍କଳ ପିନ୍ଧି ଚଳି ପାରିବେ ନାହିଁ । ସେଥିପାଇଁ ସେ ଆମ ଅଜାଣତରେ ଚଉଦଟି ବସ୍ତ୍ର ଚଉଦବର୍ଷ ପାଇଁ ଘେନି ଆସିଥିଲେ । ଲକ୍ଷ୍ମଣଙ୍କର ଏହି ଉପସ୍ଥିତ ବୁଦ୍ଧି ପାଇଁ ଅରଣ୍ୟବାସରେ ମୋ ସ୍ୱାମୀଙ୍କୁ ଲଜ୍ଜିତ ହେବାକୁ ପଡ଼ିନଥିଲା । ସେହି ଲୁଗା ପିନ୍ଧି ମହା ଆନନ୍ଦରେ ମୁଁ ରହୁଥାଏ ।

ନଦୀରୁ ସ୍ନାନ ସାରି ଫେରୁଥିବା ବେଳେ ସ୍ୱାମୀ ମୋର କୁହନ୍ତି "ସୀତେ ! ତୁମେ ସେହି ଓଦା ଲୁଗାପିନ୍ଧି ମୋ ସମ୍ମୁଖରେ କିଛି ସମୟ ପାଇଁ ଛିଡ଼ା ହୋଇ ରୁହ । ତୁମର ଏହି ସଦ୍ୟସ୍ନାତ ରୂପ ଶୋଭାକୁ ଦର୍ଶନ କରି ମୁଁ ମୋର ନେତ୍ର ତୃଷ୍ଣାକୁ ମେଣ୍ଟାଇ ନିଏ ଦେବୀ । ଏ ସୁଯୋଗ ମୁଁ କେବେବି ଅଯୋଧ୍ୟାରେ ପାଇ ନଥାନ୍ତି ।" ତାଙ୍କର ଏ ଅମୃତ ଭରା ବଚନ ଶୁଣି ଲଜ୍ଜାରେ ମୁଁ ମୁହଁ ତଳକୁ କରିନେଇ କହେ "ସ୍ୱାମୀ ! ଆପଣ ଏମିତି ଅଲାଜୁକ ହେଲେ କେମିତି ? ଅନୁଜ ଲକ୍ଷ୍ମଣ ଯଦି ଆସୁଥିବେ ?" ମୋ କଥା ଶୁଣି ହସିହସି ସେ କହନ୍ତି ଦେବୀ, "ମୁଁ ଜାଣେ ଲକ୍ଷ୍ମଣ ଏ ସ୍ଥାନକୁ କେବେବି ଆସିବ ନାହିଁ । ଏ ନିର୍ଜନ ବନଭୂମି । ଅରଣ୍ୟର ପଶୁପକ୍ଷୀ, ବୃକ୍ଷଲତା, ଗୋଦାବରୀର କଳକଳ ନାଦ ବ୍ୟତିରେକେ ଏଠାରେ ଆଉ କେହି ନାହାନ୍ତି ସଖୀ । ତୁମର ଏ ସଦ୍ୟସ୍ନାତା ଲବଣୀ ପିତୁଳା ଦେହରେ ଜଡ଼ି ରହିଥିବା ଏ ଓଦା ବସ୍ତ୍ର ତୁମକୁ ଅତ୍ୟନ୍ତ ମନୋରମ କରିଛି ପ୍ରିୟେ । ଏ ଅଭାଗା ରାମର ନୟନ ମନ ଚରିତାର୍ଥ ହୋଇଯାଉଛି ତୁମର ଏ ରୂପକୁ ଦେଖି ।" ଏହା କହି ସେ ନିକଟରେ ଥିବା ବୃକ୍ଷଲତାକୁ ହଲାଇ ଦିଅନ୍ତି । ରାଶିରାଶି ଫୁଲ କୁଢ଼ ହୋଇଯାଏ ମୋ ଉପରେ । ଅତ୍ୟନ୍ତ ଆବେଗର ସହିତ ମୋତେ କୋଳକରି ନେଇ ସେ କୁହନ୍ତି "ଦେବୀ ତୁମର ଏ ପୂର୍ଣ୍ଣମୀ ଚନ୍ଦ୍ରକୁ ନିନ୍ଦା କରୁଥିବା ମୁଖମଣ୍ଡଳରେ ଗୋଦାବରୀର ଜଳକଣା ଲାଗି ମୁକ୍ତାବିନ୍ଦୁର ଭ୍ରମ ସୃଷ୍ଟି କରୁଛି ।

(କ୍ରମଶଃ)

♥ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

# ବିକଶିତ ଶ୍ରୀକ୍ଷେତ୍ର ଓ ଜଗନ୍ନାଥମୟ ଓଡ଼ିଶା

## ଯଶସ୍ୱିନୀ ପଟ୍ଟନାୟକ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ପୁରୀ କହିଲେ ଆମେ କାହିଁକି, ସମସ୍ତେ ଜଗନ୍ନାଥଙ୍କୁ ହିଁ ବୁଝନ୍ତି। ଗୋଟେ ସମୟରେ ଓଡ଼ିଶା ଅପେକ୍ଷା ପୁରୀକୁ ବାହାର ଦେଶର ଲୋକେ ଅଧିକ ଜାଣୁଥିଲେ ଚିହ୍ନୁଥିଲେ। ପୁରୀର ପରିଚୟ ଜଗନ୍ନାଥଙ୍କୁ ନେଇ। ତେଣୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ଯେଉଁ ରୂପାନ୍ତରୀକରଣ କରାଯାଇଛି ଯାହାକୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କୁହାଯାଉଛି। ତାର ଆବଶ୍ୟକତା ଥିଲା। ଠିକ ସମୟରେ ଏ କାମ ହାତକୁ ନିଆଯାଇଛି। ଏହା ଜଗନ୍ନାଥଙ୍କ ଇଙ୍ଗିତ ଏବଂ ଇଛା ବୋଲି କହିହେବ।

ଆମେ ଯଦି ବିଶ୍ୱାସ କରୁଛେ ଜଗନ୍ନାଥ ନ ଚାହିଁଲେ ଗଛର ପତ୍ରଟିଏ ମଧ ହଲେ ନାହିଁ, ସେ ଦୃଷ୍ଟିରୁ ବିଚାର କଲେ ଶ୍ରୀମନ୍ଦିରକୁ ନେଇ ଯେଉଁ ସବୁ କାମ ହେଲା ତାହା ଜଗନ୍ନାଥଙ୍କ ଇଛାରୁ ହିଁ ହେଲା। ଅନେକ ମତ ଦେଲେ ପୁରୁଣା ମଠ ଗୁଡ଼ିକୁ କାହିଁକି ଭଙ୍ଗା ଗଲା ? ସେଗୁଡ଼ିକୁ ରଖାଯାଇପାରିଥାନ୍ତା। କିନ୍ତୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଯେଉଁ ନକ୍ସା ପ୍ରସ୍ତୁତ କରାଯାଇଛି ସେଥିରେ ଓଡ଼ିଶାର କଳା, ଭାସ୍କର୍ଯ୍ୟ ଏବଂ ମନ୍ଦିର ନିର୍ମାଣ ଶୈଳୀକୁ ଗୁରୁତ୍ୱ ଦିଆଯାଇଛି ଏବଂ ସେଇ ଆଧାରରେ ହିଁ ନିର୍ମାଣ କାର୍ଯ୍ୟ କରାଯାଇଛି। ତେଣୁ ଯେଉଁ ସବୁ ମଠ ଭଙ୍ଗାଯାଇଛି ତାର ପୁନଃ ନିର୍ମାଣ ଶୈଳୀରେ ଉତ୍କଳ ଭାସ୍କର୍ଯ୍ୟ ଶୈଳୀର ପ୍ରତିଫଳନ ଦେଖିବାକୁ ମିଳୁଛି। ତେଣୁ ଏହାର ଏକ ସ୍ୱାତନ୍ତ୍ର୍ୟ ରହିଛି ଏବଂ ଆଗାମୀ ଦିନ ମାନଙ୍କ ପାଇଁ ଏହା ରହିବ। ବଡ଼ଦାଣ୍ଡରେ ଯେ କୌଣସି ନିର୍ମାଣ କାର୍ଯ୍ୟ କରାଯାଇଛି ସେ ପାଚେରୀ ହେଉ କି ବିଶ୍ରାମସ୍ଥଳୀ ସବୁ ଗୁଡ଼ିକ ଶ୍ରୀମନ୍ଦିରର ଏକ ଅଂଶ ଭଳି ହିଁ ଲାଗୁଛି। ଏହା ଶ୍ରଦ୍ଧାଳୁଙ୍କୁ ପ୍ରୀତ କରିବା ସହ ପର୍ଯ୍ୟଟକଙ୍କୁ ମଧ ମୁଗ୍ଧ କରିବ।

କେହି କେହି ମତ ଦେଲେ ତୀର୍ଥସ୍ଥଳୀକୁ ପର୍ଯ୍ୟଟନସ୍ଥଳୀରେ ରୂପାନ୍ତରିତ କରାଯାଉଛି। ଏହା କେବଳ ହୋଟେଲ ଶିଳ୍ପକୁ ସମୃଦ୍ଧ କରିବ। ଆମେ ଜାଣିବା ଉଚିତ ଯେ ଶ୍ରଦ୍ଧାଳୁମାନେ ମଧ ଜଣେ ପର୍ଯ୍ୟଟକ। ଏବଂ ପର୍ଯ୍ୟଟକମାନେ ମଧ ଧର୍ମସ୍ଥଳୀ ଏବଂ ପୀଠସ୍ଥଳୀ ଗୁଡ଼ିକୁ ବୁଲିବାର ଆଗ୍ରହ ରଖିଥାନ୍ତି ଯେତେବେଳେ କୌଣସି ଜାଗାକୁ ବୁଲିବାକୁ ଯାଆନ୍ତି। ଅନେକ ପର୍ଯ୍ୟଟକ ଅଛନ୍ତି ସେମାନେ ପଚାରି ବୁଝନ୍ତି ଆଖପାଖରେ କେଉଁ କେଉଁ ଧର୍ମସ୍ଥଳୀ ଏବଂ ପୀଠସ୍ଥଳୀ ରହିଛି। ପୁରୀକୁ ପ୍ରତିଦିନ ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁଙ୍କ ଆସିବା ସଂଖ୍ୟା ବଢୁଛି। ପ୍ରତିଦିନ ଲକ୍ଷାଧିକ ଲୋକ ପୁରୀ ଆସିଥାନ୍ତି। ଏସବୁକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିରର ଆଖାପାଖ ଅଞ୍ଚଳର ସଂପ୍ରସାରଣ ଯେ ଆବଶ୍ୟକ ଥିଲା ଏଥିରେ ସନ୍ଦେହ ନାହିଁ। ଏ କାମ ସୁରୁଖୁରୁରେ ହୋଇପାରିଲା ତାହା ସୂଚାଉଛି ଯେ ଏ ରୂପାନ୍ତରୀକରଣ ଏବଂ ସଂପ୍ରସାରଣ ସ୍ୱୟଂ ଜଗନ୍ନାଥ ଚାହୁଁଥିଲେ। ଲୋକଙ୍କ ଦ୍ୱାରା ଏବଂ ସରକାରଙ୍କ ଦ୍ୱାରା ସେ ଏ କାର୍ଯ୍ୟ କରାଇନେଲେ। ସେ ଚାହିଁ ନଥିଲେ ହୁଏତ ଏତେ ସବୁ କାମ ହୋଇପାରିନଥାନ୍ତା, ଯଦି ଆମେ ବିଶ୍ୱାସ କରୁଛେ ସେ ନ ଚାହିଁଲେ ପତ୍ରଟିଏ ମଧ ହଲେନି।

ବିଭିନ୍ନ ଦେଶରେ ଧର୍ମ ମଧ ପର୍ଯ୍ୟଟନକୁ ସମୃଦ୍ଧ କରିଛି। ଆମେ ଯଦି ଭାଟିକାନସିଟି କଥା ଦେଖିବା ଏବଂ ମକ୍କା-ମଦିନା କଥା ଦେଖିବା ସେଠାକୁ ଯେଉଁ ଶ୍ରଦ୍ଧାଳୁମାନେ ଯାଆନ୍ତି ସେମାନେ ଯେ ସେଠାକାର ପର୍ଯ୍ୟଟନଶିଳ୍ପକୁ ସମୃଦ୍ଧ କରନ୍ତି ଏଥିରେ ସନ୍ଦେହ ନାହିଁ। ଦେଶ ବିଦେଶରେ ମଧ ଜଗନ୍ନାଥଙ୍କର ଅନେକ ଭକ୍ତ ଏବଂ ଶ୍ରଦ୍ଧାଳୁ ଅଛନ୍ତି। ଜଗନ୍ନାଥ ସଂସ୍କୃତି ଉପରେ ଗବେଷଣା ଚାଲିଛି। ତେଣୁ ଅନେକ ପୁରୀ ଆସିବାର ଇଛା ଏବଂ ଆଗ୍ରହ ରଖିଥାନ୍ତି। ଏହା ଯଦି ପରୋକ୍ଷରେ ପର୍ଯ୍ୟଟନକୁ ଋଦ୍ଧମନ୍ତ କଲା କ୍ଷତି କ'ଣ ? କୋଟି ଓଡିଆର ମଉଡମଣି ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଐତିହାସିକ ପରିକ୍ରମା ପ୍ରକଳ୍ପ କେବଳ ଉଦଘାଟନ ହୋଇନାହିଁ ଏହି ଲୋକାର୍ପଣ ଉତ୍ସବକୁ ନେଇ ରାଜ୍ୟବ୍ୟାପୀ ଜଗନ୍ନାଥମୟ ହୋଇଉଠିଥିଲା। ଗାଁ ଠାରୁ ସହର ଯାଏ ପ୍ରତିଟି ସ୍ଥାନରେ ଘଣ୍ଟ, ଘଣ୍ଟି, ମୃଦଙ୍ଗ, କୀର୍ତ୍ତନର ତାଳେ ତାଳେ ମହାପ୍ରଭୁଙ୍କୁ ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ ରାଜ୍ୟବାସୀ। ପୁରୀ ଇତିହାସରେ ଚିରକାଳ ପାଇଁ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ି ହୋଇଯାଇଛି। ରାଜ୍ୟବାସୀ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଶଂସା ଓ ଆଶୀର୍ବାଦ ଅଜାଡ଼ି ଦେବା ସହ ଏହି ପ୍ରକଳ୍ପର ଶ୍ରେୟ ୫ଟି ତଥା ନବୀନ ଓଡ଼ିଶା ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଦେଇଛନ୍ତି। ଅନେକ ହୁଏତ ଜାଣିନଥିବେ ୨୦୧୭ ନୂଆ ବର୍ଷରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ପୁରୀରୁ ଫେରିବା ବେଳେ ମୁଖ୍ୟମନ୍ତ୍ରୀ ବିଭିନ୍ନ ସ୍ଥାନରେ ଜଗନ୍ନାଥଙ୍କ ଫଟୋକୁ ପ୍ରଣାମ କରୁଥିବା ଦେଖିଥିଲେ ତାଙ୍କ ସହଯାତ୍ରୀ ତଥା ତତ୍କାଳୀନ ବ୍ୟକ୍ତିଗତ ସଚିବ କାର୍ତ୍ତିକ ପାଣ୍ଡିଆନ। ଏହି ସମୟରେ ଗାଡ଼ିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରୀ ପାଣ୍ଡିଆନଙ୍କ ସହ ଶ୍ରୀକ୍ଷେତ୍ରର ବିକାଶ ନିମିତ୍ତ ଆଲୋଚନା କରିଥିଲେ ଓ ସେହିଠାରୁ ହିଁ ହୋଇଥିଲା ପରିକ୍ରମା ପ୍ରକଳ୍ପର ନକ୍ସା। ୨୦୧୭ରେ ପ୍ରାରମ୍ଭିକ କାର୍ଯ୍ୟକ୍ରମ ଆରମ୍ଭ ହେବା ପରେ ୫ଟି ସଚିବ ଦିନରାତି ଏକ କରିଦେଇଥିଲେ। ଅନେକ ହୁଏତ ଜାଣି ନଥିବେ ଭୋର ୪ଟାରେ ପୁରୀରେ ପହଞ୍ଚି ସେ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ଗତ ଚାରିବର୍ଷରେ ଅନ୍ୟୁନ ୪ଶହରୁ ଊର୍ଦ୍ଧ୍ୱଥର ପୁରୀ ଗସ୍ତ କରି ଏହି ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ଶ୍ରୀଜଗନ୍ନାଥ ଆସ୍ଥା ଓ ଭାବର ଠାକୁର ତାଙ୍କରି ଆଶୀର୍ବାଦରୁ ଓଡ଼ିଶା ଯୁଗେ ଯୁଗେ ଏକ ସମୃଦ୍ଧ ସଂସ୍କୃତିର ରାଜ୍ୟ ଭାବେ ପରିଚିତ। ଆସନ୍ତୁ ଚକାନୟନକୁ ପ୍ରାର୍ଥନା କରି ଆମ ଜୀବନର ସମସ୍ତ ଆଶା, ଆକାଂକ୍ଷା, ସ୍ୱପ୍ନ, ସଂକଳ୍ପ ଓ ସିଦ୍ଧିକୁ ଚତୁର୍ଦ୍ଧାମୂରତିଙ୍କ ପାଦ ତଳେ ସମର୍ପି ଦେଇ ଓଡ଼ିଶାର ଉତ୍ତରୋତ୍ତର ସମୃଦ୍ଧି କାମନା କରିବା। (ସମାପ୍ତ)

♥ ଅଧକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,
ସେକ୍ଟର-୮, ସିଡିଏ, କଟକ

# କବିତା...



## ॥ ଫଗୁଣ ॥

**● ଧନଞ୍ଜୟ ସ୍ୱାଇଁ**

ଶୀତ ଯାଉ ଯାଉ ଫଗୁଣ ଗାଁରେ
ଲାଗିଲାଣି ସଜବାଜ
ସଜେଇ ହେଲାଣି ଚଇତାଳି ପିନ୍ଧି
କଷି ବଉଳର ଲାଜ ।

ନାହିଁ ଏବେ ଆଉ ଜାଡର ଯାତନା
ମାଘୁଆ ମେଘର ରୋଷ
ଖୁସିଆଳି ଖଣା ଚରିଲାଣି ପରା
ମାଟିରେ ବାସନ୍ତୀ ରାସ
ତୁମେ କାମନାର କୃଷ୍ଣଚୂଡ଼ାଗୋ !
ମୁଁ ତୁମର ଫୁଲସଂଜ ।

ନଈଆଳି ବାଆ ନୂଆ ନିଦ ଡାକି
ଦେଲାଣି ଆଖିରେ ମାଖି
ବଧୂଳି ପଳାଶ କିମିଆଁ କଲାଣି
ଦୂର ଗାଁ ବାଟୋଇ ଦେଖି
ଡେଇଁ ଡେଇଁ ଆସେ ଖରାର ଖଣ୍ଡିଆ-
ଭୂତ ଗଣି ପାଦ ଖୋଜ ।

ବଉଳର ଦାନା ଚଞ୍ଚୁରେ ଗୋଟେଇ
କଣ୍ଠ ମାଜିଲାଣି ପିକ
ବଉଳ ଶେଯରୁ ରହିରହି ଶୁଭେ
ମହୁଲିଆ କୁହୁ ଡାକ
ଝୋଟି ପାରି ଝାଳେ ଦି'ପହର ଖରା
ଦେଲାଣି ତା' ଦହଗଞ୍ଜ ।

♥ (ମୋ) ୯୪୩୭୦୦୦୬୩୬



## ॥ କବିର ଜୀବନ କବିତାର ଘର ॥

**● ସୁକୁମାର ଦାସ**

କବିତା କାହାର ଖେଳଘର ନୁହେଁ
କବିତା ଅନ୍ତର ବେଦନାର ଅୟୁତ ନିର୍ଝର
ଯିଏ ଯୋଡୁଥାଏ ସମ୍ପର୍କର ସେତୁବନ୍ଧ

କବିତାର ସମସ୍ତ ବିଭବରେ
ଲୁଚିଥାଏ ସମର୍ପଣର ଶୁଭ୍ରତା
ନିଜ ଭିତରର ସବୁରି ସମସ୍ୟା ଓ ଯାତନା

ହାନିଲାଭ, ସୁଖଦୁଃଖର ଅଙ୍ଗିକାର ଭିତରୁ
ଝରୁଥାଏ କବିତାର ବର୍ଣ୍ଣବିଭା ।

କବିତାର ଅକ୍ଷର ଭିତରେ ଛପି ରହିଥାଏ
ସମବେଦନାର ପରିଭାଷା
ଯାହା ଖାଣ୍ଟି ମଣିଷର କଥା କହେ
କଥା କହେ ହୃଦୟ ବଗିଚାର

ଅନୁପମ ଶ୍ରଦ୍ଧାର ନିରବଧି ପୁଷ୍ପିତ ଆଭା ।

କବିତାର ଅକ୍ଷର ଗୁଡିକ ସମର୍ପିତ
ଦୁନିଆ ବୁକୁରେ ଆଙ୍କିବ ସବୁଜ ମାନଚିତ୍ର
ହାତକୁ ହାତ ପାଦକୁ ପାଦ ଓ ସମ୍ପର୍କର
ମହୁଫେଣା ଭିତରେ ଲେଖି ହୋଇଯିବ
ଦୁଃଖି କବିର ରକ୍ତରେ ଲେଖା ହସ୍ତାକ୍ଷର ।

କବିତାର ପ୍ରତ୍ୟେକ ଅକ୍ଷର ଓ ଶବ୍ଦକୁ
କବିଟିଏ ଚିରକାଳ ପ୍ରଣାମ କରେ,
କୃତାର୍ଥ ହୁଏ

ସୁଲଗ୍ନକ ଭୂମିକାଟି ଉତୁରି ଆସୁ
ଦୁଃଖ ଓ ସୁଖର ହାଟରେ
ଗଢିଯାଉ ସମ୍ପର୍କର ତାଜମହଲ
ଏକାନ୍ତ ପ୍ରାଣର ମନ୍ଦିର ।

ଯାହା ଦେଇଯିବ ସଭିଙ୍କୁ
ମନୁଷତ୍ୱର ଫୁଲ ହାର ଓ
ନୂତନ ଝାଟିମାଟି ନଡାଛପର ଘର
ଯେଉଁଠାରେ ପୂଜାହେବେ
ସମସ୍ତ ଅସହାୟ ଦୁଃଖୀ ମଣିଷ ।

♥ କବି ସଂସାର
ଆରୁହାବୃତ୍ତି, ବାଲେଶ୍ୱର-୭୫୬୦୭୯
(ମୋ) ୯୯୩୭୭୫୩୧୯୯୩

## ॥ ଉଭା କେତେ, ପୋତା କେତେ ॥

**● ନୀଳମାଧବ କର**



ତୋତେ ବାନ୍ଧି ରଖିଛି ବୋଲି, ପକ୍ଷୀରେ
ଲୁଚେଇ ଲୁଚେଇ କାନ୍ଦେ ମୋର ଆତ୍ମା
କବାଟ ପଛରେ, ଅନ୍ଧାର ରାତିରେ
ନୀଳ ଆକାଶକୁ ଦେଖି, ସାଗରକୁ ଛୁଇଁ
ତୋ ପାଇଁ, ମୋ ମନ ଦବି ଦବି ଯାଏ
ତୋତେ ବାନ୍ଧି ରଖିଛି ବୋଲି, ପକ୍ଷୀରେ

ତୋ ପାଇଁ ସଜେଇଛି, ବସାଟିଏ, ମୋ ପଞ୍ଜରା ହାଡ଼ରେ,
ମୋ ମନର କବାଟ ବନ୍ଦ କରି ଦେଇଛି
ଅନ୍ୟସବୁ ନିମନ୍ତ୍ରଣ ପାଇଁ
ଆଉ ଯେତେ କଳ୍ପନୀୟ, କାମନା ବାସନା ପାଇଁ
କେବଳ ତୁ ଅଛୁ ବୋଲି, ପକ୍ଷୀରେ, ମୋ ହୃଦୟରେ

ତୁ ଅଛୁ ବୋଲି, ମୋ ହୃଦୟରେ
ମୋ ହୃଦୟ ନାଚୁଛି, ସ୍ପନ୍ଦନରେ ଥରିଥରି
ଜୀବନର କବିତା ଗାଉଛି
ତୁ ଯଦି ଉଡ଼ିଯିବୁ କେବେ
ନିଶ୍ୱାସ ମୋ ଥମିଯିବ, ମୁଁ ନୀଳ ପଡ଼ିଯିବି,
ମୋ ପଞ୍ଜୁରୀ ଭାଙ୍ଗିରୁଜି ଯିବ

ତୋତେ ବାନ୍ଧି ରଖିଛି ବୋଲି, ପକ୍ଷୀରେ

ମୁଁ ବି ପଡ଼ିଛି ବନ୍ଧା ମୋ ପଞ୍ଜୁରୀରେ,
ଶୀତ ରାତି, ଓଦା ଓଦା ଆଖିର ଦୁଃଖରେ

ତୁ ମୁକୁଳି ଉଡିଯିବାକୁ ଚାହୁଁନା
ମୁଁ ତୋତେ ବାନ୍ଧିରଖିବାକୁ ଚାହେଁନା
ତେବେ, ଦିହେଁ ବନ୍ଧା ପଡ଼ିଛେ ଆମେ
ଭାସି ଭାସି ଅଣାୟତ, ସମୟ ସୁଅରେ

ତୁ ଅଛୁ ବୋଲି,ଖୁସି
ଆଉ ତୋତେ ବାନ୍ଧି ରଖିଥିବାର, ଦୁଃଖ
ଉଭା କେତେ, ପୋତା କେତେ
ତଉଲିବାରେ ବ୍ୟସ୍ତ ଏ ଜୀବନ ମୋର,
ପକ୍ଷୀରେ, କେବଳ ତୁ ଅଛୁ ବୋଲି
ମୁଁ ଅଛି, ମୋ ପଞ୍ଜରାରେ ।

♥ ଓଲଭରହାମ୍ପଟନ, ୟୁକେ

## ॥ ନିର୍ବୋଧତା ॥

**● ବିକେଶ ସାହୁ**



ସବୁ ଗତାନୁଗତିକ ଭାବେ ଘଟିଚାଲେ

କୌଣସି ଘଟଣା
ଅବା ଆବେଗ ଉପରେ ମୋର
କୌଣସି ଆୟତ୍ତ ନ ଥାଏ ।

ସବୁକିଛି ଯେମିତି ପୂର୍ବନିର୍ଦ୍ଧାରିତ,
ସବୁକିଛି ଯେମିତି ଘଟିବା ହିଁ ନିୟତି
ଯଦିଓ ସେକଥା ବିଶ୍ୱାସ କରି ହୁଏନା
ଏତେ ସହଜରେ,
ଅଥଚ ଭଉଁରୀରେ ପଡ଼ି
ଶୁଷ୍କପତ୍ରଟିର ଘୂର୍ଣ୍ଣାୟମାନ ଅବସ୍ଥା ଯେପରି
ମୁଁ ବି ଘୂରୁଥାଏ ସେମିତି
ମୋର ପ୍ରବୃତ୍ତି,
ଆଉ ଘଟଣାମାନଙ୍କ ଚତୁଃପାର୍ଶ୍ୱରେ ।

ଜାଣେ ସବୁକିଛି ବୃଥା
ଏସବୁର ମୂଲ୍ୟ କିଛି ନାହିଁ ।

ଯାହା ଘଟମାନ ତାହା ତ ଘଟିବ
ତଥାପି କାହିଁକି ମନ ଭିତରେ
ସବୁକିଛି ମୋର ଆୟତ୍ତାଧୀନ ମନେକରି
ଏତେ 'ମୁଁ'କାର ।

ବେଳେବେଳେ ହସ ଲାଗେ
ନିଜର ନିର୍ବୋଧତା;

ଯେମିତି ମୁଁ ହିଁ ମୋର ଅଧୀଶ୍ୱର,
ମୁଁ ଚାହିଁଲେ ନିୟତି ବଦଳି ଯାଇବପାରିବ,
ସମୁଦ୍ର ବାଟ ଛାଡ଼ି ଦେବ,
ପବନ ଗତିପଥ ବଦଳେଇ ଦେବ,
ସୂର୍ଯ୍ୟ ଘଡ଼ିଏ ରହିଯିବେ ମଝା ଆକାଶରେ,

ଦିନରାତିର ବ୍ୟତିକ୍ରମ
ମୋର ଇଛା ମାତ୍ରେ ସଂଘଠିତ ହେବ ।

ନିଜ ଉପରେ ଦୟା ଆସେ
ମୋର ଏଇ ସବୁ ଭାବନା ପରିକଳ୍ପନା
ମୁଁ ନୀରବରେ ଯେତେବେଳେ
ଅନୁଶୀଳନ କରେ
ମୁଁ ନିଜେ ହିଁ
ସବୁଠୁ ବେଶି ଦୟନୀୟ ମନେହୁଏ
ସେତେବେଳେ ନିଜଠାରେ ।

♥ ଓଡ଼ିଆ ଅଧ୍ୟାପକ,
ନୟାଗଡ଼ ପ୍ରଜାମଣ୍ଡଳ ମହିଳା
ମହାବିଦ୍ୟାଳୟ
(ମୋ) ୯୩୩୭୧୬୬୧୭୨



## ॥ କବିତା ପାଇଁ ଲୁହ ॥

**● ତପନ ସାହୁ**

ଦିନ ଥିଲା ଶବ୍ଦ ସବୁ ସକାଳର
କଅଁଳ ଖରା ପାଇ
ଫୁଲ ହୋଇ ଫୁଟୁ ଥିଲେ,
କେବେ ପୁଞ୍ଜା ପୁଞ୍ଜା ତାରା ପରି
ଝଲସୁ ଥିଲେ ।

ପ୍ରେମିକା ଗୋଟାପଣେ ଧାଡ଼ିରେ ଧାଡ଼ିରେ
ଝରି ଯାଉଥିଲା ଝରଣା ହୋଇ ।

ଦୂର ଦିଗବଳୟକୁ ଦେଖିଲେ
ଶବ୍ଦ ସବୁ ଚଢ଼େଇ ପରି ଉଡ଼ି ଯାଉଥିଲେ
ଆକାଶର ଛାତି ଚିରି ।

ସମୁଦ୍ରକୁ ପିଠି କରି
ଲେଖି ହେଉଥିଲା ଢେଉ ଓ ଚୋରାବାଲିର
ପ୍ରେମ କାହାଣୀ ।

ପ୍ରେମିକାର ହଳେ ଆଖି, କଳା ଜାଇ,
କପୋଳକୁ ଛୁଉଁଥିବା ଚୂର୍ଣ୍ଣ କୁନ୍ତଳ,
କାନର ଝୁମୁକା
ସବୁ ଶବ୍ଦର ରୂପ ନେଇ ଉତୁରି ଆସୁଥିଲେ
କଲମ ଧରୁ ଧରୁ...

ବିଶ୍ୱାସ କର କିଛି ଦିନ ହେଲା
ଆଉ ଲେଖି ହେଉନି କବିତା ବୋଲି
ଆଖିରୁ ଝରି ଯାଉଛି ଲୁହ...

ମୁଁ ସବୁବେଳେ କୁହେ
ତୁମଠୁ କବିତା - କବିତା ଠୁ ତୁମେ
ଏବେ ତୁମେ ନାହଁ ବୋଲି
ଶବ୍ଦ ସବୁ ମୋ ଭାବନାର ନୀଳ ଆକାଶରୁ
ଏକା ଥରେ ଫେରାର....!

♥ ବେଲଗାଁ, ମ. ରାମପୁର
କଳାହାଣ୍ଡି
ମୋ.୯୦୧୯୩୧୧୮୬୮

# କବିତାର ନିରବ ଅବଦାନ ଶବ୍ଦର କୋଳାହଳ ଭିତରେ ହଜିନଯାଉ : ଡ. ଶ୍ରୀଧର ସାମଲ

ଡ. ଶ୍ରୀଧର ସାମଲ, ଓଡଆ କବିତା କ୍ଷେତ୍ରରେ ଗୋଟେ ମୁଗ୍ଧ ଉଚ୍ଚାରଣ । ଅନୁଭବର ଆବେଗ ପ୍ରବଣତା ତାଙ୍କ ସୃଜନୀର ଦିଗ ଆଉ ଦିଗନ୍ତ । ଜୀବନର ମାର୍ମିକ ଅନୁଭୂତିକୁ ସେ ସୁନ୍ଦର ସଜେଇ ପାରନ୍ତି ତାଙ୍କ କବିତାରେ । ବାସ୍ତବତା, ଜୀବନବୋଧ, ସମ୍ବେଦନା ସହ ଗୋଟେ ପ୍ରେମପୂର୍ଣ୍ଣ ଭାବୋଚ୍ଛ୍ୱାସକୁ ଗୁନ୍ଥି ତିଆରି କରିପାରନ୍ତି ଅପରୂପା କବିତାର ମାଳା । ଛଳଛଳ ଭାବ, ଯାଦୁକାରୀ ଶବ୍ଦ ଏବଂ ଉପସ୍ଥାପନାର ନଆରାପଣ ହିଁ ତାଙ୍କୁ ଅନ୍ୟମାନଙ୍କ ଠାରୁ ଅଲଗା କରି ଚିହ୍ନାଏ । ତାଙ୍କ ସହ ଏଥରର ଆଳାପ...



ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

■ ସାହିତ୍ୟର ଏତେ ବିଭାଗ ଥାଉ ଥାଉ କବିତା କାହିଁକି ? କେବେଠୁ ଏ ଯାତ୍ରା ?

■■ ସାହିତ୍ୟର ପ୍ରତ୍ୟେକ ବିଭାଗ ନିଜ ନିଜର ମହିମାରେ ମହିମାନ୍ୱିତ । ତେବେ କବିତା ବିଭାଗ ଏଇଥିପାଇଁ ଭିନ୍ନ ଯେ, କବିତାର ଅନ୍ତଃସ୍ୱର ଅନ୍ୟାନ୍ୟ ବିଭାଗ ଠାରୁ ବେଶ୍ ତୀକ୍ଷ୍ଣ, ବୋଧଗମ୍ୟ ଓ ସୁଦୂରପ୍ରସାରୀ । ନିର୍ଜୀବ ଶବ୍ଦରେ ପ୍ରାଣ ସଂଚାର କରି ଜୀବନକୁ ପ୍ରାଣବନ୍ତ କରିବାର କୌଶଳ କେବଳ ଜଣେ ସତ୍‌କବି ହିଁ ପରିକଳ୍ପନା କରିପାରେ ବୋଲି ମୋର ଧାରଣା । ନବେ ଦଶକରେ ସାମୟିକ ଭାବେ ଆକାଶବାଣୀ କଟକରେ କାମ କରୁଥିବା ସମୟରେ ଜଣେ ଗୀତିକାର ହେବାର ପ୍ରବଳ ଆଗ୍ରହ ଥିଲା । ସେତେବେଳେ ଗୀତ ଲେଖୁ ଲେଖୁ ପରେ କବିତା ପ୍ରତି ଆକୃଷ୍ଟ ହୋଇଗଲି ନିଜ ଅଜାଣତରେ । ତେବେ ମୋର ପ୍ରଥମ କବିତା 'କୃଷ୍ଣଚୂଡା' ୧୯୮୦ ମସିହାରେ କଲେଜ ମୁଖପତ୍ର 'ବଳୟ'ରେ ପ୍ରକାଶିତ ହୋଇଥିଲା ।

■ ଆପଣଙ୍କ ଆଦର୍ଶ କିଏ ? ପାଠକୀୟତାକୁ ନେଇ କେତେ ସନ୍ତୁଷ୍ଟ ?

■■ ସତ କହିଲେ ମୁଁ ନିର୍ଦ୍ଦିଷ୍ଟ ଭାବେ କାହାକୁ ଆଦର୍ଶ ବୋଲି ଭାବି ପାରେନି । ମୁଁ ନିଜେ ନିଜ ଆଦର୍ଶରେ ବଂଚିବାକୁ ବେଶି ପସନ୍ଦ କରେ । ତେବେ ମୋ ପାଠକମାନଙ୍କୁ ମୋର ପ୍ରକୃତ ମାର୍ଗଦର୍ଶକ ବୋଲି ମୁଁ ବିଚାର କରେ । ପାଠକୀୟ ଆଦୃତି ହିଁ ପ୍ରତ୍ୟେକ ସ୍ରଷ୍ଟାର ସର୍ବଶ୍ରେଷ୍ଠ ଉପହାର । ସେ ଦୃଷ୍ଟିରୁ ପାଠକମାନେ ମୋତେ ନିରାଶ କରିନାହାନ୍ତି ।

■ ଆଜିର କବିତା ଦୁର୍ବୋଧ ବୋଲି ଅଭିଯୋଗର ସତ୍ୟତା କେତେ ? ତାର କାରଣ କଣ ଓ ନିରାକରଣ କେମିତି କରାଯାଇ ପାରିବ ?

■■ ସବୁ କବିତା ସବୁ ପାଠକଙ୍କ ପାଇଁ ଦୁର୍ବୋଧ ବା ସୁବୋଧ ନୁହେଁ । ସ୍ଥାନ, କାଳ, ପାତ୍ରରେ କବିତାର ଆଦୃତି ଭିନ୍ନ ଭିନ୍ନ ହୋଇପାରେ । ତେବେ ଏ କଥା ସ୍ୱୀକାର୍ଯ୍ୟ ଯେ କିଛି କବିତାର ଆଙ୍ଗିକ ବୈଭବ, ଶବ୍ଦବସାଣ ଓ ଅସଂଗତି ଭାବ ବିନ୍ୟାସ କବିତାକୁ ଦୁର୍ବୋଧ କରିଦିଏ । କବିତାର ନିରବ ଆବେଦନ ଶବ୍ଦର କୋଳାହଳ ଭିତରେ ହଜିଯିବା ଉଚିତ୍ ନୁହେଁ । କବିତା ମନ ନୁହେଁ, ହୃଦୟକୁ ସ୍ପର୍ଶ କରିବା ଉଚିତ୍ । ପାଠକର ରୁଚି ହିଁ କବିତାର ଅନ୍ତଃସ୍ୱର ହେବା ଉଚିତ୍ ।

■ ମାତୃଭାଷା ଏବେ ସଂକଟରେ କି ? ଏଥିରୁ ମୁକ୍ତି ପାଇବାର ମାର୍ଗ କଣ କବିତାରୁ ମିଳିବାର ଆଶା କରାଯାଇ ପାରିବ ?

■■ ମାତୃଭାଷା ସଙ୍କଟାପନ୍ନ କହିବା ଯଦିଓ ଟିକେ ଅତିରଂଜିତ ଲାଗୁଛି, ମାତ୍ର ଏହା ସତ୍ୟ ଯେ ମାତୃଭାଷା ଏବେ ଅସୁସ୍ଥ । ବିଳମ୍ବରେ ହେଲେ ମଧ୍ୟ ଓଡିଆଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିବା, ପ୍ରଥମ ଓଡିଆ ଭାଷା ସମ୍ମିଳନୀ ୨୦୨୪ ଅନୁଷ୍ଠିତ ହେବା, ପ୍ରଥମ ଓଡିଆ ବିଶ୍ୱବିଦ୍ୟାଳୟ ସ୍ଥାପନା ହେବା, ସରକାରୀ ସ୍ତରରେ ଓଡିଆ ଭାଷାର ବ୍ୟବହାର ଇତ୍ୟାଦି ସକରାତ୍ମକ ପଦକ୍ଷେପ ମାତୃଭାଷାର ସ୍ୱାସ୍ଥ୍ୟ ପ୍ରତି ନିଶ୍ଚୟ ଶୁଭଦାୟକ । ତେବେ ଏହା ଯେ ଯଥେଷ୍ଟ ନୁହେଁ ଏବଂ ଏ ଦିଗରେ ଯଥେଷ୍ଟ ସଚେତନ ହେବାର ଆବଶ୍ୟକତା ଅଛି ।

■ ଜଣେ କବି ଓ ସାହିତ୍ୟ ସଂଗଠକ ଭାବରେ ମଣିଷର ସାମାଜିକ ଦାୟିତ୍ୱ କଣ ହେବା ଉଚିତ୍ ?

■■ ସାହିତ୍ୟ ମାଧ୍ୟମରେ ସମାଜକୁ ସୁସଜ୍ଜିତ ଓ ସୁଶୃଙ୍ଖଳିତ କରିବା ପ୍ରତ୍ୟେକ କବି ଓ ସାହିତ୍ୟିକର ପରମ ଦାୟିତ୍ୱ ହେବା ଉଚିତ୍ । ପରିବର୍ତ୍ତିତ ସମାଜରେ ମାନବୀୟ ମୂଲ୍ୟବୋଧ ଓ ଜୀବନ ଜୀଇବାର ଏକ ସକରାତ୍ମକ ବାର୍ତ୍ତା ଦେବା ପ୍ରତ୍ୟେକ ସାହିତ୍ୟକାର ବା ସଂଗଠକଙ୍କର ପ୍ରାଥମିକ ଦାୟିତ୍ୱ ।

■ କବିଟିଏ ଚାହିଁଲେ ତା' କବିତାରେ କାହାର ହୃଦୟ ପରିବର୍ତ୍ତନ କରିପାରେକି ? କବିତା ପାଇଁ ଭାବ, ଭାଷା ନା ଶୈଳୀ, କିଏ ବେଶି ଗୁରୁତ୍ୱପୂର୍ଣ୍ଣ ?

■■ ଏଥିରେ ସନ୍ଦେହର ଅବକାଶ ନାହିଁ ଯେ ହୃଦୟ ପରିବର୍ତ୍ତନ ପାଇଁ ସାହିତ୍ୟ ବିଶେଷ କରି କବିତାର ଭୂମିକା ଅତ୍ୟନ୍ତ ପ୍ରଭାବଶାଳୀ । ଏପରିକି ଗୋଟେ ଗୋଟେ କବିତାର ପଙ୍କ୍ତି ହିଁ ବେଳେବେଳେ ବ୍ୟକ୍ତିର ଜୀବନପଥ ବଦଳେଇ ଦେଇଥିବାର ଏକାଧିକ ଦୃଷ୍ଟାନ୍ତ ରହିଛି । ବାକି କବିତାରେ ଭାବ, ଭାଷା ଓ ଶୈଳୀର ସମାନ ପରିମାଣରେ ଗୁରୁତ୍ୱ ଥିବାର ମୁଁ ଅନୁଭବ କରେ । କାରଣ ପ୍ରତ୍ୟେକ ଉପାଦାନର ଭିନ୍ନ ଭିନ୍ନ ମାଧୁର୍ଯ୍ୟ ଥାଏ ।

■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ ଆପଣ କେତେ ଆଶାବାଦୀ ?

■■ ଓଡିଆ ସାହିତ୍ୟର ସ୍ଥିତି ଓ ଗତିଶୀଳତା ନେଇ ମୁଁ ବେଶ୍ ଆଶାବାଦୀ । ସାମାଜିକ ଗଣମାଧ୍ୟମର ଯୁଗରେ ଅନେକ ନବାଗତ ସାହିତ୍ୟମନସ୍କ ବ୍ୟକ୍ତି ସାହିତ୍ୟର ପରିସର ଓ ପରିଧି ବୃଦ୍ଧି କରିବା ସହିତ ଖୁବ୍ ସୁନ୍ଦର ସୃଜନଶୀଳତା ପ୍ରଦର୍ଶନ କରିପାରୁଛନ୍ତି । ଏହା ଓଡିଆ ସାହିତ୍ୟ ପାଇଁ ନିଶ୍ଚୟ ସକରାତ୍ମକ ସନ୍ଦେଶ ବହନ କରେ ।

■ କବି ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ?

■■ କବି ଜୀବନରେ ପାଠକୀୟ ଆଦୃତି ତାର ସର୍ବଶ୍ରେଷ୍ଠ ପୁରସ୍କାର । ତେବେ ଆନୁଷ୍ଠାନିକ ପୁରସ୍କାର, ସମ୍ବର୍ଦ୍ଧନା, ସମ୍ମାନ ନିଶ୍ଚୟ ଜଣେ କବି ପାଇଁ ପ୍ରୋତ୍ସାହନ ଓ ପ୍ରେରଣା ଏଥିରେ ସନ୍ଦେହ ନାହିଁ । ପରିତାପର ବିଷୟ, ସାଂପ୍ରତିକ ସାହିତ୍ୟରେ ମାନଦଣ୍ଡ ସହିତ ଯୋଗାଡିଆ ପୁରସ୍କାର ଦେବା ନେବାରେ ଯେଉଁ ଲଜ୍ଜାହୀନ ପ୍ରତିଯୋଗିତା ଚାଲିଛି ତାହା ସାହିତ୍ୟ ପାଇଁ ଅତି ଭୟଙ୍କର ।♥



■ ଅଙ୍କରେ ପ୍ରାଧ୍ୟାପକ ଡ. ଶ୍ରୀଧର ସାମଲ

ଜନ୍ମ:- ଅକ୍ଟୋବର ୧୯୬୨

ପିତା- ସ୍ୱର୍ଗତ ନରସିଂହ ଚରଣ ସାମଲ

ମାତା - ସ୍ୱର୍ଗତା ସୁଖଲତା ସାମଲ

ଠିକଣା: କଜଳା, କେନ୍ଦ୍ରାପଡା-୭୫୪୨୪୨

ପ୍ରକାଶିତ କବିତା ପୁସ୍ତକ : ନିଃଶବ୍ଦ ଆଳାପ
ଆଶାବରୀ
ସ୍ୱପ୍ନ କିଛି ବାକିଥାଉ

ସମ୍ପାଦନା – ମୌସୁମୀ ସାହିତ୍ୟ ସଂସଦ ଓ ମୌସୁମୀ ସାହିତ୍ୟ ପତ୍ରିକା



ସ୍ମୃତିଚିତ୍ର : ମହାମହିମ ରାଜ୍ୟପାଳ ପ୍ର. ଗଣେଶିଲାଲଙ୍କ ସହ ଏକ ବିମୁଗ୍ଧ ସାକ୍ଷାତକାଳରେ କବି ।



ପତ୍ନୀ ଓ ଏକମାତ୍ର ପୁତ୍ରଙ୍କ ସହ କବି ଡ. ଶ୍ରୀଧର ସାମଲ



ସ୍ମୃତିଚିତ୍ର : ମୌସୁମୀ ସ୍ୱନକ୍ଷତ୍ର ସମାରୋହ ଓ ପତ୍ରିକା ଉନ୍ମୋଚନ ଉତ୍ସବ ଅବସରରେ କବି ସମ୍ପାଦକ ଡ. ସାମଲ ।

## ଆଲୋଚନା

# କବିତା ସଂପର୍କରେ କିଛି କଥା

### ଗିରିଜା ଶଂକର ଶର୍ମା

କବିତାର ଆଦ୍ୟସ୍ଫୁରଣ ହୋଇଥିଲା ଯେତେବେଳେ ବ୍ୟାଧର ଶରାଘାତରେ କ୍ରୌଞ୍ଚ ଯୁଗଳ ଭୂପତିତ ହୋଇ ମୃତ୍ୟୁ ବରଣ କରିଥିଲେ । ଏ ହୃଦୟ ବିଦାରକ ଦୃଶ୍ୟ ଦେଖି ସେଠାରେ ତପସ୍ୟାରତ ବାଲ୍ମୀକିଙ୍କ ମୁହଁରୁ ଆପେ ଆପେ ନିସୃତ ହୋଇଥିଲା 'ମା' ନିଷାଦ ତ୍ୱମଗମ ଶାଶ୍ୱତୀ ସମାଃ, ଯତ୍ କୌଞ୍ଚ ମିଥୁନା ଦେଙ୍କ ଅବଧି କାମଯୋହିତମ୍' । ଏହାକୁ ଅନେକ ସାହିତ୍ୟିକ ପଦ୍ୟ ସାହିତ୍ୟର ଆରମ୍ଭ ବୋଲି ଧରି ନିଅନ୍ତି । **P.B. shelley** ଙ୍କ ମତରେ, '**our sweetert songe are those of saddert thought**'. ବାଲ୍ମୀକିଙ୍କ ମୁହଁରୁ ନିସୃତ ପ୍ରଥମ ପଦ୍ୟ ସେଲିଙ୍କ ମତକୁ ପୂର୍ଣ୍ଣ ଭାବରେ ସମର୍ଥନ କରେ । ଏହା ସତ୍ୟ ଯେ ସୁଖ ଅପେକ୍ଷା ଦୁଃଖ ମଣିଷ ମନକୁ ବେଶି ଅବିଭୂତ କରେ ।

ମଣିଷ ଯେତେବେଳେ ପୃଥିବୀରେ ପ୍ରଥମେ ସଂଘବଦ୍ଧ ହୋଇ ଜୀବନ ଯାପନ କରିବା ଆରମ୍ଭ କଲା ସେତେବେଳେ ସେ ଅନେକ ସମସ୍ୟାର ସମ୍ମୁଖିନ ହୋଇଥିବା ନିଶ୍ଚିତ । କେତେବେଳେ ସେ ଆନନ୍ଦିତ ହୋଇଥିବ ଓ ଅନ୍ୟ କେତେବେଳେ ଦୁଃଖିତ ହୋଇଥିବ । ଦୁଃଖିତ ହେବାବେଳେ ସେ ଅଧିକ ଚିନ୍ତା କରିଥିବ । ଦୁଃଖର କାରଣକୁ ଖୋଜି ତାକୁ ନିପାତ କରିବାର ରାସ୍ତା ଦେଖିଥିବ ଏବଂ ଅଶ୍ରୁ ସଂପାତ ମଧ୍ୟ କରିଥିବ । ସେ ଯେତେବେଳେ ଖୁସିରେ ଥିବ ବା ଆନନ୍ଦିତ ହୋଇଥିବ ସେ ମନ ଖୁସିରେ ହସିଥିବ ଏବଂ ଏଣୁତେଣୁ ଗୀତଟିଏ ଗାଇବା ପାଇଁ ଚେଷ୍ଟା କରିଥିବ । ଏ ଦୁନିଆ ହସକାନ୍ଦର ଦୁନିଆ ବୋଲି ଅନିଭବ କରି ନିଜକୁ ଯଥାମନ୍ତେ ଆନନ୍ଦିତ କରିବା ପାଇଁ ଚେଷ୍ଟା କରିଥିବ । ଏଇ ଭାବାବେଗରୁ ସାହିତ୍ୟର ଜନ୍ମ ଓ ବିଶେଷ କରି କବିତାର ଜନ୍ମ ବୋଲି ଆମେ ଧରି ନେଇ ପାରିବା ତେଣୁ ଆମେ ନିର୍ଦ୍ଦ୍ୱନ୍ଦ୍ୱରେ ଉଭୟଙ୍କର ପରିପୂରକ ।

କବିତା ସବୁ ସାହିତ୍ୟର ଆଦ୍ୟ ସୃଷ୍ଟି ଏବଂ ଗୁରୁତ୍ୱପୂର୍ଣ୍ଣ ବିଭାବ । ପୂର୍ବେ ପ୍ରତ୍ୟେକ ବିଭଗ ପଦ୍ୟ ମାଧ୍ୟମରେ ସମାଜ ସମକ୍ଷରେ ଉପସ୍ଥାପିତ କରାଯାଉଥିଲା । ନାଟକ ବ୍ୟାକରଣ, ଜ୍ୟୋତିଷ ଶାସ୍ତ୍ର, ଆଇନ୍, କୃଷି ବୈଷୟିକ ଗ୍ରନ୍ଥ ସବୁ କବିତା ମଧ୍ୟମରେ ଲେଖାଯାଉଥିଲା ଓ ପଢ଼ା ମଧ୍ୟ ଯାଉଥିଲା । ପାଣିନୀଙ୍କ ଅଷ୍ଟଧ୍ୟାୟୀ, ପଠାଣି ସାମନ୍ତଙ୍କ ସିଦ୍ଧାନ୍ତ ଦର୍ପଣ, ଭରତଙ୍କ ନାଟ୍ୟଶାସ୍ତ୍ରମ୍, କାଳିଦାସଙ୍କ ଅଭିଜ୍ଞାନ ଶକୁନ୍ତଳମ୍ ଓ ମନୁଙ୍କ ଆଇନ୍ ଗତ ସିଦ୍ଧାନ୍ତ ଇତ୍ୟାଦି ପଦ୍ୟରେ ଲେଖାଯାଇଛି ।



ଶ୍ରୀ ଅରବିନ୍ଦଙ୍କ ମତରେ କବିତା ଏକ ଶାଶ୍ୱତ ସତ୍ୟର ଚିତ୍ରକଳ୍ପ । କବିତାରେ କବିର ଭାବନା ପ୍ରକାଶିତ ହୋଇଥାଏ । ଏହା ଏକ ମୁକ୍ତ ମନର ମୁକ୍ତ ପରିପ୍ରକାଶ । ଗଳ୍ପ, ନାଟକ, ଉପନ୍ୟାସରେ ମଧ୍ୟ ଭାବାବେଗ ପ୍ରକାଶିତ ହୋଇଥାଏ । ତାହେଲେ କବିତା ଗଳ୍ପ ଉପନ୍ୟାସ ଆଦିରୁ କିପରି ଭିନ୍ନ ? ଗଳ୍ପ ଉପନ୍ୟାସ ଆଦି ଗଦ୍ୟଧର୍ମୀ, କବିତା କିନ୍ତୁ ପଦ୍ୟ ଧର୍ମ ହୋଇଥାଏ । ଏଠାରେ କେହି କେହି କହି ପାରନ୍ତି ଯେ ସାଂପ୍ରତିକ କବିତାରେ ମୁକ୍ତଛନ୍ଦର ପ୍ରୟୋଗ ଫଳରେ ଏହା ମଧ୍ୟ ଏବେ ଗଦ୍ୟ ଧର୍ମୀ ହୋଇ ଯାଇଛି, କିନ୍ତୁ ଏ ଉକ୍ତିଟି ଆଂଶିକ ସତ୍ୟ । ସଂପୂର୍ଣ୍ଣ ସତ୍ୟ ଏହା ଯେ ଆଧୁନିକ ମୁକ୍ତଛନ୍ଦ କବିତା ଯେତେ ଗଦ୍ୟ ଧର୍ମୀ ହେଲେ ମଧ୍ୟ ଏଥିରେ ସାଂପ୍ରତିକତା ରହେ । ଏହା ଉପଯୁକ୍ତ ଶବ୍ଦ ଚୟନ ଏବଂ ପ୍ରୟୋଗ ଫଳରେ ହୋଇଥାଏ । ଏହା ସଂପୂର୍ଣ୍ଣ ଭାବରେ ବୋଧଗମ୍ୟ ନହେଲେ ମଧ୍ୟ ତଥ୍ୟର ପ୍ରାଂଜଳତା ଏତେ ଥାଏ ଯେ ଅଧା ଦୃଶ୍ୟମାନ ଓ ଅଧା ଦୃଷ୍ଟି ଆଢୁଆଳରେ ରହେ କିଛି ଲୁଚାଇ କିଛି ପ୍ରକଟ କରିବା ପରି । ଏହି କବିତାର ସୌନ୍ଦର୍ଯ୍ୟ ବୃଦ୍ଧି କରେ ସିନା ତାର ଗୁଣାତ୍ମକ କ୍ଷୟ କରେ ନାହିଁ ।

କବିତା ଶବ୍ଦ ସଂଯୋଜନାର ଏକ କଳା ଯଥା ସ୍ଥାନରେ ଯଥା ଶବ୍ଦଟିଏ ରହିଲେ କବିତାର ସ୍ରୋତ ବିନା କୌଣସି ପ୍ରତିବନ୍ଧକରେ ଆଗେଇଚାଲେ । ଥରେ କବିର ଭାବନା ସହ ତାର ଲେଖନୀ ଚାଳନା ଯଦି ସମନ୍ୱୟ ରକ୍ଷା କରି ଚାଲେ, ତାହେଲେ ଶବ୍ଦ ଆପଣାଛାଏଁ ଆସିଯାଏ ଓ କବିତାର ପ୍ରବାହ ସ୍ୱଚ୍ଛନ୍ଦ ହୋଇଥାଏ । ଏଥିରେ ସମୟ ସମୟରେ ବିରାମ ମଧ୍ୟ ଆସିପାରେ ଯେତେବେଳେ କବି ଉଚିତ୍ ଶବ୍ଦ ପାଇପାରେ ନାହିଁ । ସେଇ ଗୋଟିଏ ଶବ୍ଦ ପାଇବା ପାଇଁ କବି ନୟାନ୍ତ ହୋଇପଡ଼େ ସିନା ଶବ୍ଦଟି ଧରା ଦିଏ ନାହିଁ । ଏପରି ଅବସ୍ଥା ପ୍ରାୟ ସବୁ କବି ଭୋଗିଥାନ୍ତି । ଗୀତ ଗୋବିନ୍ଦର ରଚୟିତା କବି ଜୟଦେବଙ୍କର ମଧ୍ୟ ଏପରି ଅବସ୍ଥା ହୋଇଛି ଯେତେବେଳେ ସିଏ ଉଚିତ୍ ଶବ୍ଦ ନପାଇ ସାମୟିକ ବିରାମ ନେଇଛନ୍ତି ଓ ଲେଖିବା ପାଇଁ ପୁନର୍ବାର ଆସି ଦେଖନ୍ତି ଯେ ସ୍ୱୟଂ ଗୋବିନ୍ଦ 'ଦେହିତବ ପଦ ପଲ୍ଲବ ମୁଦାରଂ' ଲେଖି ପଦପୂରଣ କରି ଯାଇଛନ୍ତି । ଉପଯୁକ୍ତ ଶବ୍ଦ କବିତାର ମାନ ବୃଦ୍ଧି କରିଥାଏ ।

କବିତାର ଭାଷା କି ପ୍ରକାରର ହେବା ଉଚିତ୍ ଅର୍ଥାତ୍ କବିତା କଥିତ ସରଳ ଭାଷା ବ୍ୟବହାର କରିବ ନା ପ୍ରବନ୍ଧ ଲେଖା ଶୈଳୀରେ ଉନ୍ନତ ଶୁଦ୍ଧ ଶବ୍ଦ ପ୍ରୟୋଗ କରିବ । ଏ ପ୍ରଶ୍ନର କୌଣସି ନିର୍ଦ୍ଦିଷ୍ଟ ଉତ୍ତର ନାହିଁ ବୋଲି ମୋର ମନେହୁଏ । କେତେବେଳେ ଲେଖକ କବି ପ୍ରଥମ ପ୍ରକାରର ଭାଷା ସପକ୍ଷରେ ମତ ପୋଷଣ କଲାବେଳେ ଅନ୍ୟ କେତେ କବି କହନ୍ତି କବିତାର ଭାଷା ସ୍ୱତନ୍ତ୍ର ହେବା ଉଚିତ୍ । ଏଠାରେ କୁହାଯାଇ ପାରେ ଯେ କବି ସମ୍ରାଟ ଉପେନ୍ଦ୍ର ଭଂଜଙ୍କ ବୈଦେହିଶ ବିଳାସ କେବଳ 'ବ' ଅକ୍ଷରକୁ ପ୍ରାଧାନ୍ୟ ଦେଇ ରଚିତ ହୋଇଛି । ଏହା ଅତି ଶୁଦ୍ଧ ଓ କ୍ଲିଷ୍ଟ, କିନ୍ତୁ ଏହା ତାଙ୍କର ଏକ କାଳଜୟୀ କୃତି । ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ 'କାଳିଜାଇ' କବିତା ସରଳ ଓ କଥିତ ଭାଷାରେ ରଚିତ ହେଲେ ମଧ୍ୟ ଏହାର ଚୁମ୍ବକୀୟ ଶକ୍ତି ଆଜି ବି ପାଠକଙ୍କୁ ବିମୁଗ୍ଧ କରେ । ତେଣୁ ଏହାର ନିଷ୍କର୍ଷ ଏହା ଯେ କବିତା ଭାଷା ଅପେକ୍ଷା ଭାବକୁ ବେଶୀ ପ୍ରାଧାନ୍ୟ ଦିଏ ଓ ପାଠକ ଭଲ ଭାବରେ ବୁଝି ପାରୁଥିବା କବିତା ଦୀର୍ଘସ୍ଥାୟୀ ହେବା ଆଶା କରାଯାଏ । କବିତାକୁ ପାଠକ ହିଁ ଦୀର୍ଘ ଜୀବନ ପ୍ରଦାନ କରିଥାନ୍ତି ।

♥ ପାତ୍ରପଡ଼ା, ଭୁବନେଶ୍ୱର



## ପ୍ରିୟ ପାଠକ-୪

# ତମଭଳି ପ୍ରିୟ ପାଠକ ମୋତେ ପ୍ରତି ଜନ୍ମରେ ମିଳୁ

**ଡ. କବିତା ବାରିକ**

**ସତ କହିଲେ, ମୋର ଅନେକ ପ୍ରିୟ ପାଠକ, ପାଠିକା ଅଛନ୍ତି । ସେମାନଙ୍କ ଭିତରୁ ଜଣେ ପାଠକ ଥିଲେ ରଣଜିତ ପଟ୍ଟନାୟକ । ଛତ୍ରପୁରରେ କାନଡା ବ୍ୟାଙ୍କରୁ ସେ ପ୍ରାୟ ପାଞ୍ଚ ଫର୍ଦ୍ଦର ଚିଠି ଲେଖିଥିଲେ, ଯାହାଥିଲା ପାଠକଙ୍କ ଠାରୁ ପାଇଥିବା ସବୁଠାରୁ ଦୀର୍ଘଚିଠି । ମୁଁ ଉତ୍ତର ନଦେଉଣୁ ପୁଣି ପହଞ୍ଚିଥିଲା ଚାରିପୃଷ୍ଠାର ଚିଠି ।**

ଦିନଥିଲା ଲେଖାଲେଖି କରୁଥିବା କୌଣସି ଲେଖକ ତାଙ୍କ ପ୍ରିୟ ପାଠକଙ୍କ ଠାରୁ ଖଣ୍ଡିଏ ଅଧେ ଚିଠି ଅବଶ୍ୟ ପାଉଥିଲା । ଏହାଥିଲା ତାର ସାରସ୍ୱତ ସାଧନାର ସବୁଠାରୁ ବଡ ସ୍ୱୀକୃତି । ଯାହା ପାଖରେ ଅଜିର ବଡରୁ ବଡ ପୁରସ୍କାର, ମାନପତ୍ର ତୁଚ୍ଛ ମନେ ହେଉଥିଲା । ଆଜି ତ ଚିଠି ଲେଖିବା ଚିଠିଟିଏ ପାଇବା ସ୍ୱପ୍ନ ହେଲାଣି । ଜଗତୀକରଣ ଯୁଗରେ ସ୍ମାର୍ଟଫୋନ୍, ଚିଠି ଲେଖିବାର ଆବଶ୍ୟକତା, ଆବେଗ, ଅପେକ୍ଷା, ବ୍ୟଗ୍ରତା ସବୁକିଛି ଚୋରାଇ ନେଇଛି । ତା' ସ୍ଥାନରେ ଫେସବୁକ୍ ଅଥବା ହ୍ୱାଟସଆପ୍ ମାଧମ ପାଲଟି ଯାଇଛି । ହେଲେ ଚିଠିରେ ଯାହା ପ୍ରକାଶ କରିହୁଏ, ଅନାବିଳ ଭାବରେ ନିଜର ଅଭିବ୍ୟକ୍ତିକୁ ଲେଖିହୁଏ ଓ ତାକୁ ପଢୁପଢୁ ମନରେ ଯେଉଁ ଉଦ୍‌ବେଳନ, ଆହ୍ଲାଦ ସୃଷ୍ଟିହୁଏ, ତାହା ସ୍ମାର୍ଟଫୋନ୍‌ରେ ମିଳିବ କାହୁଁ ! ପୁଣି ଚିଠିକୁ ବର୍ଷ ବର୍ଷ ଧରି ସାଇତି ରଖାଯାଏ । ଏମିତିକି ଚିଠି ଲେଖିଥିବା ମଣିଷଟି, ଚିଠି ପାଉଥିବା ଅସ୍ତିତ୍ୱଟି ସଂସାର ତ୍ୟାଗ କରିଦିଅନ୍ତି କିନ୍ତୁ ସେ ଚିଠି ସାଇତା ହୋଇ ରହିଥାଏ ।

ଏତ ଗଲା ଚିଠିର କଥା କିନ୍ତୁ ନିଜ ଲେଖାକୁ ପଢି ପାଠକ ଚିଠି ଲେଖିବା, ନିଜର ଆବେଗ, ଜିଜ୍ଞାସାକୁ ପ୍ରକାଶ କରିବା, ତାହା ପଢି ଲେଖକଟିଏ ଅଧିକ ଉତ୍ସାହିତ ହେବା ପାଠକର ଚିଠିର ଉତ୍ତରଦେବା, ଧୀରେଧୀରେ ପାଠକ ଓ ଲେଖକଙ୍କ ଭିତରେ ଏକ ସୁସମ୍ପର୍କ ଗଢିଉଠିବା ସାଧାରଣ କଥା ହୋଇଯାଏ । ଏ ପରିପ୍ରେକ୍ଷୀରେ ଯଦି ମୋ କଥା ଉଠେ ମୁଁ ଚିଠି ଲେଖିବା ପାଇବାର ସୁଯୋଗ ପାଇଛି । ମୋର ଅନେକ ପ୍ରିୟ ପାଠକ ଓଡିଶାର ବିଭିନ୍ନ ସ୍ଥାନରୁ ତଥା ଓଡିଶା ବାହାରୁ ଚିଠି ଲେଖି ମୋତେ ଗୌରବାନ୍ୱିତ କରିଛନ୍ତି । ଏପରିକି ୧୯୮୧ ମସିହାରେ ଝଙ୍କାରର ମାର୍ଚ୍ଚ ସଂଖ୍ୟାରେ ମୋର ପ୍ରଥମ ଗଳ୍ପ 'ସ୍ମୃତିର ସହର' ପ୍ରକାଶ ପାଇଲାପରେ ମୁଁ ଓଡିଶା ଓ ଓଡିଶା ବାହାରୁ ପ୍ରାୟ ପଚାଶରୁ ଉର୍ଦ୍ଧ୍ୱ ଚିଠି ପାଇଥିଲି, ଯାହା ମୋତେ କେବଳ ଆଶ୍ଚର୍ଯ୍ୟ କରିନଥିଲା, ପ୍ରେରିତ, ଆହ୍ଲାଦିତ କରିଥିଲା । ମୋର ଗୋଟାଏ ଗପ ଯେ ଏତେ ପାଠକୀୟ ସ୍ୱୀକୃତି ଲାଭ କରିପାରେ ମୁଁ ଜାଣି ଆଶ୍ଚର୍ଯ୍ୟ ହୋଇଥିଲି । ସତ କହିଲେ, ମୋର ଅନେକ ପ୍ରିୟ ପାଠକ, ପାଠିକା ଅଛନ୍ତି । ସେମାନଙ୍କ ଭିତରୁ ଜଣେ ପାଠକ ଥିଲେ ରଣଜିତ ପଟ୍ଟନାୟକ । ଛତ୍ରପୁରରେ କାନଡା ବ୍ୟାଙ୍କରୁ ସେ ପ୍ରାୟ ପାଞ୍ଚ ଫର୍ଦ୍ଦର ଚିଠି ଲେଖିଥିଲେ, ଯାହାଥିଲା ପାଠକ ଠାରୁ ପାଇଥିବା ସବୁଠାରୁ ଦୀର୍ଘଚିଠି । ମୁଁ ଉତ୍ତର ନଦେଉଣୁ ପୁଣି ପହଞ୍ଚିଥିଲା ଚାରିପୃଷ୍ଠାର ଚିଠି । ମୋ ଗପସବୁ କେବେ କେଉଁ ପତ୍ରିକାରେ ପ୍ରକାଶ ପାଇଛି, ସେ ଗପ ଉପରେ ଟୀପ୍ପଣି, ଗପର କିଛି ଧାଡି ଉଲ୍ଲେଖ କରାଯାଇ ଚିଠି ଲେଖା ଯାଇଥିଲା । ମୁଁ ଚମତ୍କୃତ ହୋଇଥିଲି । ତାର ଉତ୍ତର ବି ଦେଇଥିଲି । ମୋର ପ୍ରିୟ ପାଠକ ପରବର୍ତ୍ତୀ ସମୟରେ ମୋର ବନ୍ଧୁ ପାଲଟି ଯାଇଥିଲେ । ତାଙ୍କ ଭିତରେ ଯେମିତି ଥିଲା ସହୃଦୟତା, ଭାବପ୍ରବଣତା, ସେମିତି ଥିଲା ଅହଙ୍କାର, ସ୍ୱାଭିମାନ ଓ ପ୍ରଚଣ୍ଡ କ୍ରୋଧ । ପୁଣି ଚରିତ୍ରରେ କଳଙ୍କ ଲାଗିବା ସହିତ ଥିଲା ପ୍ରଚଣ୍ଡ ନାଟ୍ୟପ୍ରତିଭା ।

ଏହି ପାଠକ ବନ୍ଧୁଟି ସହିତ ମୋର ପରିଚୟ ହୁଏ ୧୯୮୪ ମସିହାରେ । ସେତେବେଳେ ବାଣୀବିହାରରେ ଦ୍ୱିତୀୟ ଛାତ୍ରୀନିବାସରେ ରହି ମୁଁ ଓଡିଆରେ ଏମ୍.ଫିଲ୍ କରୁଥାଏ । ସେ ସମୟରେ ପ୍ରଚୁର ଗପ ଲେଖୁଥିଲି ଓ ଓଡିଶାର ସବୁ ପ୍ରତିଷ୍ଠିତ ପତ୍ରପତ୍ରିକାରେ ପ୍ରାୟ ମୋର ଗପସବୁ ପ୍ରକାଶ ପାଉଥିଲା । ବେଶ୍ କିଛି ପାଠକଙ୍କର ଚିଠି ପାଉଥିଲି । ଟି.ଭି, ମୋବାଇଲର ପ୍ରସାରଣ ନଥିଲା । ମନୋରଂଜନ କହିଲେ ବହି, ପତ୍ରପତ୍ରିକା ପଢିବା । କେବଳ ପଢାପଢି ଭିତରେ ପାଠକଟିଏ ସୀମିତ ନଥିଲେ । ନିଜର ପାଠକୀୟ ମତାମତ ଦେବାକୁ ସେମାନେ ଚିଠିଟିଏ ଲେଖିବାକୁ କାର୍ପଣ୍ୟ କରୁନଥିଲେ । ପାଠକ ରଣଜିତ ଯେ ଜଣେ ନାଟ୍ୟକାର, ଚଳଚ୍ଚିତ୍ରର ସଂଳାପ ଲେଖକ ଏକଥା ମୋତେ ଜଣାନଥିଲା । ସେଇ ଚିଠିରୁ ଜାଣିଲି ତାଙ୍କର ନାଟକ ସବୁ ଓଡିଶାର ବିଭିନ୍ନ ସ୍ଥାନରେ ମଞ୍ଚସ୍ଥ ହୋଇଛି । ସେ ନିଜର କିଞ୍ଚିତ ପରିଚୟ ଦେଲାପରେ ମୋ ଗଳ୍ପ ଗୁଡିକ କେମିତି ତାଙ୍କୁ ମୁଗ୍ଧ, ବିହ୍ୱଳ କରିଛି ଓ ସେ ପତ୍ରିକାରୁ ଖୋଜି ଖୋଜି ମୋ ଗପ ପଢନ୍ତି, ପତ୍ରିକା ସବୁ କିଣନ୍ତି, ତାହା ଉଲ୍ଲେଖ କରିଥିଲେ ।

ତାଙ୍କ ଚିଠିରେ ଥିଲା ଜଣେ ମୁଗ୍ଧ ପାଠକର ତା' ସ୍ରଷ୍ଟାକୁ ଭଲପାଇବା । ଜଣକର ଲେଖା ଅନ୍ୟଜଣଙ୍କୁ ଏତେ ମୁଗ୍ଧ ବିଭୋର କରିପାରେ ! ଆଶ୍ଚର୍ଯ୍ୟ ହୋଇଥିଲି । ବହୁ ପାଠକଙ୍କ ଭିଡ ଭିତରୁ ରଣଜିତ ପାଠକ ଆସନରୁ ବନ୍ଧୁ ଆସନକୁ ଓହ୍ଲାଇ ଆସିଥିଲେ ।

କେତେଥର ଦେଖା ହୋଇଛି, ପୁଣି ହେଇନି । ଆମେ ଯେ ଯାହାର ସଂସାରରେ ବ୍ୟସ୍ତ ରହିଲୁ । ୨୦୦୨ ପରେ କେତେଥର ଟେଲିଫୋନ୍‌ରେ କଥା ହୋଇଛୁ, ପୁଣି ସମୟକ୍ରମେ ତାହାବି ବନ୍ଦ ହୋଇଗଲା । ଏମିତିରେ ତ ମୋବାଇଲ ଆସିଲାପରେ ଚିଠିଲେଖାରେ ଭଟ୍ଟା ପଡିସାରିଥିଲା । ଦୂରଦର୍ଶନର ସିରିଏଲ, ଚଳଚ୍ଚିତ୍ରର ସ୍କ୍ରିପ୍ଟ ଲେଖିବା, ବହୁ ଅଭିନେତା, ଅଭିନେତ୍ରୀଙ୍କ ସମେତ ଗ୍ଲାମର ଦୁନିଆରେ ମୋର ସେଦିନର ପାତ୍ରପଡାର ପାଠକ ରଣଜିତ, ପାଠକରୁ ବନ୍ଧୁତ୍ୱକୁ ଓହ୍ଲାଇ ଆସିଥିବା ରଣଜିତ କେମିତି ହଜିଗଲେ । ଶୁଣିଥିଲି କଟକର ସିଡିଏରେ ବିରାଟ କୋଠା ତୋଳିଛନ୍ତି । କିନ୍ତୁ ଯାଇ ପାରିନାହିଁ । ୧୦.୦୮ ୨୦୨୨ ବୁଧବାର ଦିନ ସକାଳୁ ନିଉଜ ଦେଖିଲା ବେଳକୁ ମୋତେ ଚମକାଇ ଦେଲାଭଳି ଖବରଟିଏ ପ୍ରସାରିତ ହେଉଥିଲା; ନାଟ୍ୟକାର, ଅଭିନେତା, ଚଳଚ୍ଚିତ୍ର ସଂଳାପ ଲେଖକ ରଣଜିତ ପଟ୍ଟନାୟକଙ୍କର ବିୟୋଗ । ପ୍ରଥମତଃ ବିଶ୍ୱାସ କରିପାରିଲିନି । ପରେ ଅନ୍ୟ ଏକ ଚାନେଲରେ ଦେଖିଲି ତାଙ୍କ ବାସଭବନରେ ଅଭିନେତା, ନିର୍ଦ୍ଦେଶକ, ଚଳଚ୍ଚିତ୍ର ଜଗତର ଅନେକ ମୁହଁ ଭିଡ ଜମାଇଥିଲେ । ଖବର ନେଇ ଜାଣିଲି ଯେ ଦୀର୍ଘଦିନରୁ ସେ ଲିଭର ରୋଗରେ ପୀଡିତ ଥିଲେ । ଶେଷରେ ଡାକ୍ତର ତାଙ୍କୁ ଫେରାଇ ଦେଇଥିଲେ ।

କେତେକେତେ ସ୍ମୃତି ଗଦେଇ ପଡିଲା । ମୋ ଆତ୍ମଜୀବନୀ 'ନିଜକଥା'ରେ ଲେଖିଛି ମୋର ଏହି ପ୍ରିୟ ପାଠକ ବନ୍ଧୁଟିର କଥା । ତାଙ୍କ ଘଷରାଇ ନାଁ 'ଡାଲୁ' ଥିବାରୁ ମୁଁ ତାଙ୍କୁ 'ଡାଲୁଦା' ସମ୍ବୋଧନ କରୁଥିଲି । ୨୦୦୨ ପରେ ୨୦୨୨ । ଲମ୍ବା କୋଡିଏ ବର୍ଷର ସମୟ । ଅଥଚ ଦେଖା ହୋଇନାହିଁ । ଦେହ ଖରାପ ଜାଣିଥିଲେ ମୁଁ ଯେମିତି ହେଲେ ଯାଇଥାନ୍ତି । ଏମିତି ତ ୨୦୨୦ ପରେ ମୁଁ ଭୁବନେଶ୍ୱରରେ ହିଁ ରହୁଥିଲି । ହୁଏତ ଭଗବାନଙ୍କର ଇଚ୍ଛା ନଥିଲା, ଆମର ଦେଖାହେଉ ବୋଲି !!

ବିଦାୟ ବନ୍ଧୁ । ବିଦାୟ ଡାଲୁଦା । ତମଭଳି ପ୍ରିୟ ପାଠକ, ଦରଦୀ ବନ୍ଧୁଟେ ମୋତେ ପ୍ରତିଜନ୍ମରେ ମିଳୁ । ତମ ଭଳି ମୋ ଗଳ୍ପକୁ ଏତେ ଭଲପାଉଥିବା ପାଠକ ବିରଳ କହିଲେ ଅତ୍ୟୁକ୍ତି ହେବନାହିଁ । ଟେପ୍ ରେକର୍ଡ ଯୁଗ ସରିଯିବା ସତ୍ତ୍ୱେ ମୋ ଗପକୁ ନିଜ କଣ୍ଠରେ ଆବୃତ୍ତି କରି ମୋତେ ଉପହାର ଦେଇଥିବା ସୋନି କ୍ୟାସେଟଟି ଏବେ ସାଇତା ହୋଇ ରହିଛି ତମ ସ୍ମୃତି ପ୍ରଖ୍ୟାଳନ ପାଇଁ । ଜଣେ ପାଠକ ତା'ର ପ୍ରିୟ ଗାଳ୍ପିକାକୁ ଭଲ ପାଇବାର ନିଦର୍ଶନ ସ୍ୱରୂପ ଅଭିନବ ଉପହାର । ଯାହା ମନେପକାଇ ଦେଉଛି ତମେ ଅଛ ଆଉ ଅଜାଣତରେ ମୋ ଗଳ୍ପକୁ ତନ୍ନତନ୍ନ ପଢି ଲମ୍ବା ଚିଠି ଲେଖୁଛ ।



**ପ୍ରିୟ ପାଠକ: ରଣଜିତ୍ ପଟ୍ଟନାୟକ**

♥ ଭୁବନେଶ୍ୱର
(ମୋ) ୯୪୩୭୧୧୭୬୨୭

---

ଗୋଟେ ଗପ...

# ଅଧାରୀ ଜୀବନ

**ଶ୍ରୀନିବାସ ସେଠୀ**

ସଂଧ୍ୟା ବେଳରେ ବ୍ରଜ ବାବୁ ? ଗୋଟିଏ ବୁଢୀ ଛେଳିକୁ ଟାଣି ଟାଣି ନେଇ ଆସିଛନ୍ତି ରଘୁ ଘରକୁ ।

ଛେଳିକୁ ରଘୁ ଘରର ତୁଳା ଗଛରେ ବାନ୍ଧି କହିଲେ, 'ଦେଖ୍ ରଘୁ ! ଅଧାରୀର ନିୟମ ହେଲା ଏ ଛେଳିକୁ ତୋତେ ଦେଇ ମୁଁ ଦାମ ନେବନି । ତୁ ପାଳିବୁ ପୋଷିବୁ, ଛୁଆ ଜନ୍ମ କଲେ ଅଧା ଅଧା ଭାଗ । ଗୋଟିଏ ଖାସି ଗୋଟିଏ ପେଣ୍ଠି ( ମାଇ ଛେଳି) ହେଲେ ପେଣ୍ଠି ତୋର, ଖାସି ମୋ'ର । ଗୋଟିଏ ପେଣ୍ଠି ଛୁଆ ଜନ୍ମ କଲେ ସେଇଟା ତୋର, ଗୋଟିଏ କେବଳ ଖାସି ଜନ୍ମ କଲେ ମାଂସ ତା'ର ଅଧା ଅଧା ହେବ ।

ରଘୁ ଛେଳିକୁ ଦେଖି କହିଲା , - 'ବ୍ରଜ ବାବୁ ! ଏ ବୁଢୀ ଛେଳିକୁ ଅଧାରୀ ରଖି ଲାଭ କ'ଣ ? ଇଏ କ'ଣ ଆଉ ଛୁଆ ଜନ୍ମ କରି ପାରିବ ?'

- ରଘୁ ! ଇଏ ଯତ୍ନ ନ ପାଇ ଏଇମିତି ହୋଇଛି । ବୁଢୀ କିନ୍ତୁ ନୁହେଁ । ଆମ ଉଚ୍ଚ ଜାତି ଘରେ ଏ ଛେଳି କୁକୁଡ଼ା ପୋଷା ଯାଏନି । ସେଇଥିପାଇଁ ଆଣି ତୋତେ ଅଧାରି ଦେଉଛି । ଛୁଆ ଜନ୍ମ ନ କଲେ ପଠାଣକୁ ବିକି ଦେବୁ । ଯାହା ପଇସା ହେବ ସବୁତକ ତୋର ।

ବୁଢୀ ଛେଳିଟା ଶୁଣି ପାରିଲା ନା କ'ଣ ବୋବାଳି ଛାଡ଼ିଲା । ରଘୁର ସ୍ତ୍ରୀ ପାତେଇ ଘର ଭିତରୁ ବାହାରି ତା' ଆଗରେ ବେଲେ ପେଜ ବସାଇ ଦେଲା । ବଡ ଆଦରରେ ଆଉଁସି ଦେଲା ଛେଳିଟିକୁ। 'ଆହାଃ, ପଶୁ ବୋଲି କହିପାରେନି ଭୋକ ଲାଗୁଛି ବୋଲି ।'

ରଘୁ ତାକୁ କଟମଟ ହୋଇ ଅନାଇଲା । ଅଭାବି ଜୀବନ । ରଘୁ ଗରମ ଭାତର ପେଜ ପିଏ । ଅକାଣ୍ଡିଆ ଚାଉଳର ପେଜ ତାକୁ ଭଲ ଲାଗେ । ମୁଠେ ଭାତ ଖାଇ ପେଜ ଦୁଇ ଗିନା ପିଇଦେଲେ ରଘୁର କୋଦାଳରେ ବାଡିହଣା ତାକତ ଫେରି ଆସେ । ସେହି ପେଜକୁ ପାତେଇ ଛେଳି ମୁହଁରେ ବସାଇ ଦେଲା ।

- ଦେଖୁଛ କ'ଣ ? ଗରମ ଭାତ ଆଜି ବେଶି କରିଛି । ପେଟ ପୁରାଇ ଖାଇ ନେବ । ପେଜଟା ପିଉ ଛାବିଲି ଛେଳି । ଦେଖୁନ, ହାଡ ବାହାରି ଗଲାଣି ଛେଳିଟା ଖାଇବାକୁ ନପାଇ ।'

ବ୍ରଜବାବୁ ଠିକ୍ କହୁଥିଲେ, ଛେଳିଟା ବୁଢୀ ନୁହେଁ । ପନ୍ଦର ଦିନ ଭିତରେ ଦେହ ବସିଗଲା । ଛନଛନ ଟୁକୁଳି ଛେଳି ହୋଇ ଛିଡା ହେଲା । ବୁଦା ଲଗାଇ ନେଇ ଆସିଲା ତ ଏବେ ଗର୍ଭିଣୀ ହୋଇଛି ।

ଠିକ୍ ଆର ମାସକୁ ଦୁଇଟି କଳା ଖାସି ଛୁଆ ଜନ୍ମ କଲା ଛାବିଲି । ତାକତବାର ଛୁଆ ଦୁଇଟି ।

ରଘୁ ନିଜ ବାହାଦୂରି ଦେଖାଇ କହିଲା,'ବଡ ଜାତିଆ ବୁଦା ଦେଖି ଲଗାଇ ଆଣିଥିଲି । ଦେଖିଲୁ ଲମ୍ବା ଛଇ ଛାଟ ଖାସି ଛୁଆ, ଲଙ୍କା ଖାସି ଛୁଆ ପରି ।'

ପାତେଇ ମୁହଁ ବଙ୍କେଇ ଖତେଇ ହୋଇ କହିଲା, 'ହୁଁ , ଛେଳିଟା ମରଣ ମୁହଁରେ ଥିଲା । ପେଜ ଘାସ ମୁଁ ଦେଲି ତ ଦେହ ଲାଗିଲା । ନୋଇଲେ ଯେମିତି ହୋଇଥିଲା ବୁଦା ମୁହଁ ଫେରାଇ ପଳାଇ ଯାଇଥାନ୍ତା ।'

ଏବେ ଖାସି ଛୁଆ ଦୁଇଟି ଘର ସାରା ଡେଇଁ ବୁଲନ୍ତି । ସକାଳ ଖରାରେ ରଘୁ ବସିଥିଲେ ଆସି ଦେହ ଘଷା ହୁଅନ୍ତି । ଛୋଟ ଛୋଟ ମୁଣ୍ଡରେ ପାତେଇକୁ ମୁଣ୍ଡିଆ ମାରନ୍ତି । ପାତେଇ ବୁଝାଯାଏ ଗେଲ ହେଉଛନ୍ତି ବୋଲି ଏ ଛୁଆ ଦୁଇଟି । ରାତିରେ ଛେଳି ଗୁହାଳରେ ନ ଶୋଇ ପାତେଇ ପାଖରେ ଶୁଅନ୍ତି ।

- 'ଆରେ ମୁଁ ଶୋଇବି କେଉଁଠି ? ମୋ ଜାଗାରେ ଶୋଇଗଲେ ଛେଳି ଛୁଆ ଦୁଇଟି । ରଘୁ କହେ - ଛୋଟ ଛୁଆ ଦୁଇଟି ମନ କରି ଶୋଇଗଲେ ମୋ ପାଖରେ । ତୁମେ ଦଉଡିଆ ଖଟ ନେଇ ଶୋଇପଡ ମାଟି ଜାଫେରି ଭିତରେ କିଛି ଦିନ ।

ପାତେଇ ଦାଆ ଧରି ପଦା ସାରା ବୁଲେ, ବର ଡାଳ କାଟେ, ନୂଆ କଅଁଳିଆ ଘାସ କାଟି ମୁଣ୍ଡ ଉପରେ ବସାଇ ନେଇ ଆଣେ ଛେଳି ଛୁଆଙ୍କ ପାଇଁ । ଗଡିଆ ମାଳରୁ ଅଣ୍ଟାଏ ପାଣିରୁ ପଶି ନେଇ ଆସେ କଅଁଳିଆ ଦଳ । ଆଣ୍ଠୁଏ ପଙ୍କରେ ପଶି ଛେଳି ଛୁଆ ଦୁଇଟି ପାଇଁ ତୋଳି ଆଣେ କୋମଳ ଲଟା । ବେତ କଣ୍ଟା ବଣରେ ପଶି ଦାଆରେ କାଟି ଆଣେ ଗୁଆକୋଳି ଡାଳ ।

ଛେଳି ଲେଣ୍ଡି ଠୁଳେଇ ଆଞ୍ଜୁଳାରେ ଉଠାଇ ସଫା କରିଦିଏ ଛେଳି ଗୁହାଳ । ଛେଳି ଦୁଇଟି ବି ଏଇମିତି ହୋଇଛନ୍ତି ଯେ ଭୋକ ଶୋଷ ହେଲେ ଦଉଡ଼ି ଆସନ୍ତି ପାତେଇ ପାଖକୁ । ଖରା ବେଳଟାରେ ଆଖି ଲାଗିଗଲେ ସେ ଯେତେବେଳେ ଶୋଇପଡେ ଦଉଡିଆ ଖଟରେ ଏକା ଏକା, ଛେଳି ଦୁଇଟି ନୁଙ୍ଗୁରୁ ପୁଙ୍ଗୁରୁ ହୋଇ ଖଟ ତଳେ ପଶି ପିଠି ଘଷି ହୁଅନ୍ତି । ପାତେଇ ବୁଝେ ସେମାନେ ପାଣି ମାଗୁଛନ୍ତି ।

ଏହାକୁ ଦେଖି ରଘୁ କହେ,- ' ପାତେଇ ! ପୁଅଟିଏ ପାଇଁ ଠାକୁର ପାଖରେ ବ୍ରତ ଉପବାସ କରୁଥିଲୁ ନା ଏବେ ଦେଖ ତୋର ଦୁଇ ଦୁଇଟି ପୁଅ ।'

ପାତେଇ ହସେ । ସତ ତ ତାର ଦୁଇଟି ପୁଅ। ନାମ ଦେଇଛି ମଣିଷ ଛୁଆ ପରି ବବୁଲୁ ଆଉ ଟୁବୁଲୁ ।

ସେ ଥର ଲଗାଣ ବର୍ଷା ତିନି ଦିନ ଧରି । ଛେଳି ଖାଇବା ଡ଼ାଳ ପତ୍ର ନାହିଁ । ସରି ଗଲାଣି । ବଡ ହେଲେଣି ଖାସି ଦୁଇଟି । ଅଳ୍ପରେ ପେଟ ପୁରୁନି ବେଶି ବେଶି ଖାଇ ଦେଉଛନ୍ତି । ପାତେଇ ଆକାଶ ଆଡ଼କୁ ଚାହୁଁଛି । ମେଘ ଛାଡିବାର ନାମ ନାହିଁ । ବିଜୁଳି ଘଡଘଡି ମାରୁଛି । ବୁରାଟିଏ କାଖରେ ଯାକି ଦାଆ ନେଇ ବାହାରିଲା ପାତେଇ। ଛେଳି ଦୁଇଟି ବୁଝି ପାରି ବାଟ ଓଗାଳି ଛିଡ଼ା ହେଉଛନ୍ତି । ଆଣ୍ଠୁରେ ମୁଣ୍ଡିଆ ମାରି ଘର ଭିତରକୁ ଠେଲୁଛନ୍ତି । ହୁଏତ ଏ ବିଜୁଳି ଘଡଘଡି ସମୟରେ ନ ଯିବା ପାଇଁ କହୁଛନ୍ତି ।

ରଘୁ ମଧ ମନା କରୁଛି 'ପାତେଇ ଏଇମିତି ହେଲେ ଜ୍ୱର ଧରିଯିବ ଯେ ।' ପାତେଇ କାହା କଥା ମାନୁନାହିଁ । ନ ଗଲେ ବେଳ ବୁଡ଼ିଯିବ । ରାତି ଓ ସକାଳେ ପୁଣି ପଶୁ ଜନ୍ତୁ ତିନିଟା ଉପବାସ ରହିବେ । ସେ ବାହାରି ଗଲା । ସଂଜ ଗଡି ଆସିଲା ବେଳକୁ ଝର ଝର ବର୍ଷାରେ ଗୋଟାପଣ ଭିଜି ପହଞ୍ଚିଲା । ମୁଣ୍ଡରେ ବର୍ଷା ପାଣି ଭରା ଘାସର ଓଜନ ।

ଖାସି ଦୁଇଟି ଦିନକୁ ଦିନ ବଢି ଚାଲିଛନ୍ତି । ଯେତିକି ବଢୁଛନ୍ତି ପାତେଇର ଛାତି ସେତିକି ଧକ ଧକ କରୁଛି । ଅଧାରୀ ଜୀବନ । ବ୍ରଜବାବୁ କେତେ ବେଳେ ପହଞ୍ଚିଯିବେ ତାଙ୍କ ଭାଗ ନେବା ପାଇଁ ।

ସେଇ ଆଶଙ୍କା ସତ ହେଲା । ପର ଦିନ ବ୍ରଜବାବୁ ଆସି ପିଣ୍ଡା ଉପରେ ବସିଗଲେ ।

- ରଘୁ ! ହୋଲି ଆସୁଛି । ମାଂସ ଭୋଜି ତ ହେବ । ମୋ ଭାଗର ଖାସିଟା ଦେ । ବାର କିଲୋ ହେବା ଭଳିଆ ଲାଗୁଛି ।

ପାତେଇ ହାତ ଯୋଡ଼ି କହିଲା - 'ଆଉ କିଛି ଦିନ ରହିଗଲେ ହୁଅନ୍ତା ନାହିଁ ବାବୁ ! ଆର ବର୍ଷକୁ ଷୋହଳ କିଲୋରୁ ବେଶି ହୋଇଯାଆନ୍ତା ।'

- ନାଁ ପାତେଇ ! ଖାସି ବେଶି ବଡ ହୋଇଗଲେ ତା ମାଂସ ଆଉ ସୁଆଦିଆ ହେବନି । ଏବେ ଠିକ୍ ଅଛି ।

ପାତେଇ କାକୁସ୍ଥରେ ରଘୁ ଆଡ଼କୁ ଚାହିଁ ରହିଛି । ରଘୁ ବୁଝୁଛି । ଛେଳି ପରି ପାତେଇ ପାଳି ନାହିଁ, ନିଜ ଛୁଆ ପରି ପାଳିଛି ।

ରଘୁ ଦୃଢ ହୋଇ କହିଲା, - 'ପାତେଇ ! ଅଧାରୀ ଜୀବନ । ମୋହ ଲଗାନା । ତାଙ୍କ ଭାଗ ଯେବେ ଚାହିଁବେ ଦେବାକୁ ହେବ ତ । ତାକୁ ପଘା ନେଇ ବାନ୍ଧି ପକା ।

- 'ମୁଁ ପାରିବିନି ।' ପାତେଇ କହିଲା

ରଘୁ ନିଜେ ଗଲା । ବବୁଲୁ ବଲ୍ ବଲ୍ କରି ଚାରି ଆଡ଼କୁ ଅନେଇଲା । ଥରେ ତା ଭାଇ ଟୁବୁଲୁ ଆଡ଼କୁ ଆଉ ଥରେ ତା ବୁଢୀ ମାଆ ଆଡ଼କୁ । ପାଦ ଚାଲୁନି । ବ୍ରଜ ବାବୁ ଟାଣି ଟାଣି ନେଉଛନ୍ତି। ପଛରେ ତା ମାଆ ଆଉ ଭାଇ ବୋବାଳି ଛାଡୁଛନ୍ତି। ପାତେଇ ଆଡ଼କୁ ଅନଉଛନ୍ତି ।

ପାତେଇ ଅନ୍ଧାରିଆ ମାଟି ଘର ଭିତରକୁ ପଶିଗଲା ।

ରାତିରେ ପାତେଇ ଖାଇନାହିଁ । ପଖାଳ ଭାତ ଥାଏ ହାଣ୍ଡିରେ। ରାତିରେ ପାତେଇ ଓ ରଘୁ ମିଶି ଖାଆନ୍ତି । ଆଜି ପାତେଇ ଖାଇଲା ନାହିଁ ତ ? ରଘୁ ଶୋଇ ପଡିଲା । ତା ମନଟା ବି ଠିକ୍ ନାହିଁ । ଘାସ ସେଇମିତି ପଡ଼ିଛି । ଖାସିଟା ମୁହଁରେ ଦେଉନି । ମାଆ ବୁଢୀ ଛେଳିର ଆଖିରୁ ଲେଞ୍ଚରା ବହୁଛି । ଆଖିରୁ ପାଣି ବହି ବହି ଲେଞ୍ଚରା ପଡି ଗଲାଣି ।

ଆଉ ତିନି ଦିନ ରହିଲା ହୋଲି । ପାତେଇ ଯେମିତି ଘାସ କାଟେ ସେଇମିତି କିଏ ଯେମିତି ତା ଛାତି ତଳେ ଦାଆ ଚଲାଉଛି । ଏବେ ପ୍ରତି ରାତିରେ କୁହୁଡି ଆସୁଛି। ପାତେଇକୁ ଭଲ ନିଦ ହେଉନି । ଖରାପ ସ୍ୱପ୍ନ ବାର ବାର ଆସୁଛି । ପତଳା କୁହୁଡି ଭାସି ଆସୁଛି ରାତିର ନିଦ ଭିତରେ ।

ହୋଲି ଆଗ ଦିନ, ରାତି କେତେ ହେବ କେଜାଣି ଟୁବୁଲୁର ବୋବାଳି ଶୁଭାଗଲା । ବୁଢୀ ଛେଳିଟା ଆଜିକାଲି ଭଲ ଭାବେ ବୋବାଇ ପାରୁନି । କୁନ୍ଥେଇ କୁନ୍ଥେଇ ଶବ୍ଦ କରୁଛି । ପାତେଇ କୁହୁଡିଆ ନିଦ ଭିତରୁ ଧଡ୍‌କରି ଉଠି ପଡିଲା । ଦଉଡ଼ି ଗଲା ଟୁବୁଲୁ ପାଖକୁ । ଆଶ୍ଚର୍ଯ୍ୟ ହେଲା, ବବୁଲୁ ବେକରେ ଛିଣ୍ଡା ପଘା। ପଘା ଛିଡେଇ ପଳାଇ ଆସିଛି । ତା ମାଆ ତାକୁ ଚାଟି ପକାଉଛି। ଦୁଇ ଭାଇ ପରସ୍ପର ଶିଙ୍ଗ ଭିଡଉଛନ୍ତି । ଖୁସି ହେଉଛନ୍ତି ।

ପାତେଇ ରଘୁକୁ ଡାକିଲା, - 'ଏଇ ଶୁଣ । ବବୁଲୁ ପଳାଇ ଆସିଛି । ମୋ କଥା ଶୁଣିବ । ଏବେ ବହୁତ ରାତି ଅଛି । ଗାଁ ଲୋକ ଶୋଇ ପଡିଛନ୍ତି। ଚାଲ, ଛେଳି ନେଇ ଗାଁ ଛାଡି ପଳାଇ ଯିବା ।'

- ପାଗଳି ହେଲୁ ତୁ ? ଘର ଛାଡିଯିବୁ ଜଣକର ଅଧା ଭାଗ ନେଇ ରାତି ଅଧରେ ଚୋର ଭଳି ? ଏଇମିତି ଘର କରି ପାରିବୁ ନୂଆ ଯାଗାରେ ? ବଞ୍ଚି ପାରିବୁ ?

- ଏଇମିତି ମୁଁ କେମିତି ବଞ୍ଚିପାରୁଛି ଯେ ?

ବବୁଲୁ ପାଖକୁ ଦଉଡି ଯାଇ କୁଣ୍ଢେଇ ପକାଇ ହାଉ ହାଉ କାନ୍ଦି କାନ୍ଦି କହିଲା, 'କାଲି ହୋଲି । ତୁ ସକାଳେ ପଳାଇ ଆସିବୁ । ମୁଁ ତୋତେ ଆଉ ଟୁବୁଲୁକୁ ନେଇ ମୋ ବାପ ଘର ଚାଲିଯିବି ।'

ରଘୁ ଆଖିରେ ଲୁହ । କାନ୍ଦ କାନ୍ଦ ସ୍ୱରରେ କହୁଥିଲା, 'କେତେ ଥର ବୁଝାଇ କହିଥିଲି ଅଧାରୀ ଜୀବନରେ ମାୟା ଲଗାନା । ଦୁଃଖ ପାଇବୁ ।'

ରଘୁ ମୋଟା ଦଉଡିରେ ବାନ୍ଧି ବବୁଲୁକୁ ନେଇଗଲା ରାତିରେ ବ୍ରଜବାବୁ ଘରକୁ । ବବୁଲୁକୁ ଟାଣିବାକୁ ପଡ଼ିନଥିଲା । ଥରେ ଚାରି ଆଡ଼କୁ ଅନାଇ ପାଦ ପକାଇ ଚାଲିଗଲା ରଘୁ ସହ । ହୁଏତ ସେ ଆସିଥିଲା ଶେଷ ଥର ପାଇଁ ଭେଟ କରିବାକୁ ।

ସକାଳେ ହୋଲି । ରାତିରେ ବବୁଲୁ ଫେରି ଗଲା ପରେ ପାତେଇକୁ ଭୀଷଣ ଜ୍ୱର । ସାରା ରାତି ଅନିଦ୍ରାରେ ରହି ସକାଳୁ ସକାଳୁ ଶୋଇ ପଡ଼ିଛି । ଦିନ ଦଶଟା ହେଲାଣି । ବାହାରେ ବାଜା ବାଜୁଛି । ହୋଲି ଖେଳିବାକୁ ଦଳ ଦଳ ହୋଇ ଲୋକ ବାହାରିଲେଣି । ତଥାପି ଶୋଇଛି ପାତେଇ ।

ବ୍ରଜବାବୁ ପଶି ଆସିଲେ ଘର ଭିତରକୁ। ହାତରେ କଞ୍ଚା ତାଳପତ୍ରରେ ବନ୍ଧା ହୋଇଛି କିଛି ପୁଟୁଳି କରି।

- ରଘୁ ! ପାତେଇ କୁଆଡେ ଗଲାରେ ?

- ବାବୁ ! ତାକୁ ରାତିଠୁ ବଡ ଜର । ଶୋଇଛି ଘର ଭିତରେ ।

- ଆରେ ! ଥଣ୍ଡାଜ୍ୱର ହୋଇଥିବ । ସେଇଥିପାଇଁ ଠିକ୍ ସମୟରେ ନେଇ ଆସିଛି ଗୋଟିଏ ଭାଗ । କେତେ ତେଲିଆ ଖାସି ରେ ! ଏ ମାଂସ ନେବା ପାଇଁ ମାରାମାରି। ମୁଁ କିନ୍ତୁ ଗୋଟିଏ ଅଧା କିଲିଆ ଭାଗ ତୋ ପାଇଁ ରଖି ନେଇ ଆସିଛି । ଭଲ କରି ରାନ୍ଧି ଖୁଆଇ ଦେ ପାତେଇକୁ । ଥଣ୍ଡା ଜ୍ୱର ଏକା ଥରକେ ଛାଡିଯିବ ।

କହି କଞ୍ଚା ତାଳ ପତ୍ର ବନ୍ଧା ପୁଟୁଳିଟା ପିଣ୍ଡାରେ ରଖି ବ୍ରଜବାବୁ ଚାଲିଗଲେ । ଟୋପା ଟୋପା ହୋଇ ତାଳ ପତ୍ରରୁ ଝରି ପଡ଼ିଲା କିଛି ଲାଲ ରକ୍ତ ।

ଘର ଭିତରୁ ପାତେଇର ଗଳା ଶବ୍ଦ ଶୁଣା ହେଲା ।

ପୁଟୁଳିଟି ଧରି ରଘୁ ଦଉଡ଼ି ଗଲା ବ୍ରଜବାବୁ ପଛରେ ।

- ବ୍ରଜବାବୁ ! ଆମର ଆଜି ଅଶୁଦ୍ଧି । ଆମେ ଖାଇବୁନି । ନେଇ ଯାଅ, ଆଉ କାହାରିକୁ ଦେଇଦେବ ।

ପାତେଇ ଫଟା କନ୍ଥାଟା ଦେହରେ ଘୋଡ଼େଇ ଥରି ଥରି ବାହାରକୁ ଆସିଲା ।

- କିଏ ଆସିଥିଲା କି ?

ରଘୁ ପାଟିରୁ ବାହାରି ପଡିଲା, - ' ବବୁଲୁ ଆସିଥିଲା । ତୁ ତାକୁ କହିଥିଲୁ ନା ସକାଳେ ଆସିବାକୁ । ସେ ଆସିଥିଲା । ତୁ ଶୋଇଥିଲୁ। ପିଣ୍ଡାରେ ବସି ପୁଣି ପଳାଇ ଗଲା ।'

- କାହିଁକି କୁହାଳିଆ କରୁଛ ? କାହାର ପାଟି ଶୁଭୁଥିଲା ? ଏ ପିଣ୍ଡାରେ ଏତେ ରକ୍ତ ପଡ଼ିଛି କେମିତି ? ଦାଣ୍ଡ ତାଟି ଯାଏ ରକ୍ତ ବହି ବହି ଯାଇଛି ।

- ରକ୍ତ ନୁହେଁ ଲୋ ପାଗିଲୀ ! ଏଇଟା ଲାଲ ରଙ୍ଗ । ବ୍ରଜ ବାବୁ ଆସିଥିଲେ ହୋଲି ଖେଳି ପଳାଇ ଗଲେ ।





♥ ବସନ୍ତପୁର , ଗେଙ୍ଗୁଟି, କୁରୁଡା
ବାଲେଶ୍ୱର - ୭୫୬୦୫୬
(ମୋ) ୯୦୦୨୦୨୦୬୦୪

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୦୩ ମାର୍ଚ୍ଚ ୨୦୨୪

ସୃଚୟନ ସୃଚୟନ ସୃଚୟନ ସୃଚୟନ ସୃଚୟନ ସୃଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



## ଚେତନାର ଦର୍ପଣ - ୨୦

# ପୁଣ୍ୟର ମହତ୍ତ୍ୱ



**♥ ଲଳିତ ମୋହନ ମିଶ୍ର**

ପାପ ପୁଣ୍ୟ ଭଗବାନ ନିରୂପଣ କରିଥାନ୍ତି । ଭଲ କର୍ମ କଲେ ପୁଣ୍ୟ, ଖରାପ କର୍ମ କଲେ ପାପ । ଏ ଶରୀର ଏକ ରଥ ପରି। ଏଥିରେ ପଞ୍ଚ ଜ୍ଞାନେନ୍ଦ୍ରିୟ, ଅର୍ଥାତ୍- ଚକ୍ଷୁ, କର୍ଣ୍ଣ, ନାସା, ଜିହ୍ୱା ଓ ତ୍ୱକ୍ । ଦର୍ଶନ, ଶ୍ରବଣ, ଘ୍ରାଣ, ରସ ଓ ସ୍ପର୍ଶ ରୂପକ ପାଞ୍ଚଟି ଘୋଡ଼ା ଯୋଚା ହୋଇଛନ୍ତି। ଯଦିଓ କାଳ ଗତିହୀନ, ତଥାପି ଏହି ଶରୀର ରଥର ଗତି, ବର୍ଷ ପରେ ବର୍ଷ ଅତି ଦ୍ରୁତଗତିରେ ଅତିବାହିତ ହୋଇଯାଉଛି। ପାପ ଓ ପୁଣ୍ୟ ଏ ରଥର ଦୁଇ ଚକ। ସତ୍ତ୍ୱ, ରଜ ଓ ତମ- ଏହି ତିନି ଗୁଣ ରଥର ଧ୍ୱଜା । ଏବଂ ପଞ୍ଚ ପ୍ରାଣ- ଅର୍ଥାତ୍ ପ୍ରାଣ, ଅପାନ, ବ୍ୟାନ, ଉଦାନ ଓ ସମାନ ଏହି ରଥର ରଜ୍ଜୁ । କଥାରେ ଅଛି ପୁଣ୍ୟ କଲେ ସ୍ୱର୍ଗକୁ ଯିବା। ପାପ କଲେ ନର୍କକୁ ଯିବା। ଗୋଟିଏ ଗାଁରେ ଜଣେ ସେଠ ରହୁଥିଲେ। ସେ ପ୍ରତିଦିନ ମନ୍ଦିରଯାଇ ଭଗବାନଙ୍କ ମୂର୍ତ୍ତି ପୂଜା କରୁଥିଲେ ଏବଂ ସେଠାରେ ଘିଅର ଦୀପଟିଏ ଜାଳି ଘରକୁ ଆସୁଥିଲେ। ଏହି କ୍ରମ ଶେଷ ହେବା ପରେ ହିଁ ତାଙ୍କର ଦୈନନ୍ଦିନ କାର୍ଯ୍ୟ ଆରମ୍ଭ କରୁଥିଲେ । ସଂଧ୍ୟା ପର୍ଯ୍ୟନ୍ତ ସେ ନିଜର ବ୍ୟବସାୟ କରୁଥିଲେ। ସେହି ଗାଁରେ ଜଣେ ଗରିବ ଲୋକ ଥିଲା । ଭଗବାନ, ଧର୍ମ ଓ ଉପାସନା ଉପରେ ତାର ପ୍ରଗାଢ ବିଶ୍ୱାସ । ମନ୍ଦିରରେ ଘିଅ ଦୀପ ବ୍ୟତୀତ ଅନ୍ୟ କୌଣସି ଦୀପ ଜାଳିବାର ନିୟମ ନାହିଁ । ତେଣୁ ସେ ପ୍ରତିଦିନ ଜଡା ତେଲର ଦୀପ ଜାଳି ନିଜ ଗଳିରେ ରଖୁଥିଲା । ଏହା ଏକ ଅନ୍ଧାର ଗଳି । ସନ୍ଧ୍ୟା ପରେ ଅନେକ ଲୋକ ସେ ଗଳି ଦେଇ ଯିବା ଆସିବା କରୁଥିଲେ । ଦୀପର ଆଲୋକରେ ରାସ୍ତାରେ ଯିବା ଆସିବା ସମସ୍ତଙ୍କ ପାଇଁ ସୁବିଧା ହେଉଥିଲା । ରାତିର ପ୍ରଥମ ପ୍ରହର ବିତିଯିବା ପରେ ଦୀପଟି ସ୍ୱତଃ ପ୍ରବୃତ୍ତ ଲିଭିଯିବା ପରେ ସେହି ରାସ୍ତାରେ ଲୋକମାନଙ୍କ ଗମନାଗମନ ମଧ୍ୟ ବନ୍ଦ ହୋଇଯାଉଥିଲା । ବର୍ଷ ବର୍ଷ ଧରି ଏହି କାର୍ଯ୍ୟ ଜାରି ରହିଥିଲା। ମନ୍ଦିରରେ ଦୀପ ପ୍ରଜ୍ୱଳନ କରିଥିବା ସେଠଙ୍କ ନିୟମ ଭାଙ୍ଗିନଥିଲା କି ରାସ୍ତାରେ ତେଲ ଦୀପ ପ୍ରଜ୍ୱଳନ କରିଥିବା ଗରିବ ବ୍ୟକ୍ତିଙ୍କ ନିୟମ ଭାଙ୍ଗିନଥିଲା । ଦୁହେଁ ବୃଦ୍ଧ ହୋଇଗଲେ । ମୃତ୍ୟୁ ପରେ ଯେତେବେଳେ ସେମାନେ ଯମ ଲୋକରେ ପହଞ୍ଚିଲେ । ସେଠାରେ ସେଠଙ୍କୁ ନିମ୍ନ ମାନ୍ୟତା ସୁବିଧା ସୁଯୋଗ ଯୋଗାଇ ଦିଆଯାଇଥିଲା ଏବଂ ଗରିବ ବ୍ୟକ୍ତିଙ୍କୁ ଉଚ୍ଚ ଶ୍ରେଣୀର ସୁବିଧା ସୁଯୋଗ ଯୋଗାଇ ଦିଆଯାଇଥିଲା । ଏହି ବ୍ୟବସ୍ଥା ଦେଖି ସେଠ ଯମରାଜଙ୍କୁ ପଚାରିଲେ, ମୁଁ ଭଗବାନଙ୍କ ମନ୍ଦିରରେ ଘିଅର ଦୀପ ଜଳାଉଥିବା ବେଳେ ଏହି ପାର୍ଥକ୍ୟ କାହିଁକି ? ଧର୍ମରାଜ ହସି କହିଲେ, ପୁଣ୍ୟର ମହତ୍ତ୍ୱ ମୂଲ୍ୟବୋଧ ଆଧାରରେ ନୁହେଁ । ବରଂ କାର୍ଯ୍ୟର ଉପଯୋଗିତା ଓ ଭାବନା ଉପରେ ନିର୍ଦ୍ଦିଷ୍ଟ ରହିଛି। ମନ୍ଦିର ସଦାସର୍ବଦା ଆଲୋକିତ । କିନ୍ତୁ ସେହି ଗରିବ ଲୋକଟି ଏପରି ଏକ ସ୍ଥାନରେ ଆଲୋକ ବିସ୍ତାର କରିଥିଲା, ଯାହା ଦ୍ୱାରା ହଜାର ହଜାର ଲୋକ ଉପକୃତ ହେଉଥିଲେ । ଧର୍ମର ପ୍ରକୃତ ଉଦ୍ଦେଶ୍ୟ ହେଉଛି, ସାଧାରଣ ଲୋକଙ୍କ ଉନ୍ନତି । ଧାର୍ମିକ ରୀତିନୀତିର ଅର୍ଥ କ'ଣ, ଯଦି ସାଧାରଣ ଲୋକ ସେମାନଙ୍କ ପାଇଁ ଲାଭଦାୟକ ନ ହୁଅନ୍ତି ? ତେବେ ଏହି ଗରିବ ବ୍ୟକ୍ତିଙ୍କ ପ୍ରୟାସ ଅଧିକ ଗୁରୁତ୍ୱପୂର୍ଣ୍ଣ...

♥ କୁରାଳ, ନୟାଗଡ
(ମୋ) ୯୪୩୭୯୮୫୮୬୬

# ମୋ ମାଆ ସୁବର୍ଣ୍ଣରେଖା

**ଡ. ଶ୍ରୀକାନ୍ତ ଚରଣ ପାତ୍ର**

## ଆମର ନଈକୂଳିଆ ଗାଆଁ
(ପୂର୍ବ ପ୍ରକାଶିତ ଉତ୍ତାରୁ)

## (୧୮) (କ) ପ୍ରଳୟଙ୍କରୀ ବନ୍ୟା : ଜଳ ପ୍ରଳୟର ସଂକେତ

ସମସ୍ତେ ଆକାଶକୁ ଘଡିକୁ ଘଡି ଅନାଉଥାନ୍ତି ଇନ୍ଦ୍ରଦେବଙ୍କ କରୁଣା ଆଶାରେ। ଭିକ୍ଷା କରୁଥାନ୍ତି ଆଶୀର୍ବାଦ । ଭାବୁଥାନ୍ତି ଯେ ସେ ଦୟାକରିବେ, ମେଘ ଛାଡିଯିବ, ସମସ୍ତଙ୍କ ମନରେ ଆନନ୍ଦର ଲହରି ବୋହିଯିବ । ମାତ୍ର ତା' ହେଲାନି, ବରଂ ବର୍ଷାର ବେଗ ବଢିଲା।



୨୦୦୮ ମସିହାର ରଜସଂକ୍ରାନ୍ତି, ଜୁନମାସର ୧୫ ତାରିଖ, ରବିବାର... ଉତ୍କଳୀୟ ସଂସ୍କୃତିର ମହାନପର୍ବ 'ରଜପର୍ବ'ର ପାଳନ ପାଇଁ ଝିଅ, ବୋହୂ, ଯୁବକ ଯୁବତୀମାନଙ୍କର ଆନନ୍ଦ ଉଲ୍ଲାସ ଧୋଇଗଲା ଲଘୁଚାପଜନିତ ବର୍ଷାପାଇଁ । ଫିକା ପଡିଗଲା ମନର ରଙ୍ଗ, ରଜ ମଉଜ। ଗତ ସନ୍ଧ୍ୟାଠୁ ଆରମ୍ଭ ହୋଇଯାଇଥିଲା ବର୍ଷା।

ଘରେଘରେ କୁଣିଆଁଙ୍କ ଭିଡ, ପିଠାପଣାର ପ୍ରସ୍ତୁତି । କିନ୍ତୁ ହେଲେ ହେବ କଣ ! ଗତ ରାତିଠୁ ଆରମ୍ଭ ହୋଇଥିବା ବର୍ଷାର ବେଗ ସକାଳଠୁ ବଢିଲା। ତୁହାକୁତୁହା ବର୍ଷା ଲାଗିରହିଲା ।

'ବନ ପୋଡିଗଲେ ସମସ୍ତେ ଜାଣନ୍ତି, ମନ ପୋଡିଗଲେ ଜାଣିବ କିଏ' ? ସେଇଭଳି ଅବସ୍ଥା ଝିଅ ବିଶେଷତଃ ବିବାହ ଯୋଗ୍ୟା ଝିଅମାନଙ୍କର । କିଏ ସେମାନଙ୍କ ମନର ମଣିଷକୁ ଅପେକ୍ଷା କରିଥିଲାତ କିଏ ପ୍ରିୟ ପରିଜନକୁ । ତା'ଘରକୁ କିଏ ଆସିଥାନ୍ତା ତ, କିଏ ଗାଆଁର ଆଉକାହା ଘରକୁ । ଆସନ୍ତାବର୍ଷ ରଜ ପୂର୍ବରୁ ହୁଏତ କାହାରି କାହାରି ବାହାଘର ବି ସରିଯାଇଥାଇ ପାରେ !

ସମସ୍ତେ ଆକାଶକୁ ଘଡିକୁ ଘଡି ଅନାଉଥାନ୍ତି ଇନ୍ଦ୍ରଦେବଙ୍କ କରୁଣା ଆଶାରେ। ଭିକ୍ଷା କରୁଥାନ୍ତି ଆଶୀର୍ବାଦ । ଭାବୁଥାନ୍ତି ଯେ ସେ ଦୟାକରିବେ, ମେଘ ଛାଡିଯିବ, ସମସ୍ତଙ୍କ ମନରେ ଆନନ୍ଦର ଲହରି ବୋହିଯିବ । ମାତ୍ର ତା' ହେଲାନି, ବରଂ ବର୍ଷାର ବେଗ ବଢିଲା। ବିଜୁଳି କରେଣ୍ଟ ଚାଲିଗଲା ।

୧୬ତାରଖ ରବିବାର ଦିନ ବି ସେଇ ଅବସ୍ଥା ଲାଗି ରହିଲା । ଦିନରେ ଅଳ୍ପ ସମୟ ପାଇଁ କରେଣ୍ଟ ଆସିଥିଲା । ଟି.ଭି.ରୁ ଜାଣିଲି ଯେ ସୁବର୍ଣ୍ଣରେଖା ବଢୁଛି, ଜଳକା ନଇ ବିପଦ ସଂକେତ ଉପର । ଶିଖରପୁର ଓ ସାହାଡାରେ ରହୁଥିବା ବଡ ଓ ସାନ ଝିଅ, ଜୋଇଁ; ନନ୍ଦିକାର ଭଣଜା କାର୍ତ୍ତିକ, ବୁଲୁ; ସରଡିହାରେ ଥିବା ସାନଭଉଣୀ କଟିବୁଢୀ ଓ ତା'ପରିବାର, ଜଳେଶ୍ୱରରେ ରହୁଥିବା ଭଣଜା ନାଟୁ, ବୋହୂମା ଓ ନାତି ଆନନ୍ଦ, ମୋ ସାଙ୍ଗସାଥୀ ଓ ବନ୍ଧୁମାନଙ୍କ ଘରକୁ ଫୋନକରି ସେମାନଙ୍କ ଗାଆଁ ଓ ଘରର ଅବସ୍ଥା ବୁଝୁଥାଏ ।

ମୋବାଇଲ ବେଟାରୀରୁ ଚାର୍ଜ କ୍ରମେକ୍ରମେ ସରି ଆସିବାରୁ ତାର ବ୍ୟବହାରକୁ ଜଗିବାକୁ ପଡୁଥାଏ। ୧୭ତାରିଖ ଦିନବି ସେଇ ଅବସ୍ଥା ଲାଗି ରହିଲା। ବର୍ଷା ଆଉ ବର୍ଷା। ଚାରିଆଡେ ହାହାକାର ପଡିଗଲା। ମାଟିଘର ସବୁ ଉଜୁଡିଗଲା । ଛୁଆପୁଆ ଧରି, ଗୋରୁଗାଈ ନେଇ କୁଆଡେ ଯିବେ ଲୋକମାନେ ? ଗାଆଁର ଉଚ୍ଚା ଓ ପକ୍କାଘରକୁ ଦୌଡୁଥାନ୍ତି ଆଶ୍ରୟପାଇଁ।

ବର୍ଷାପାଣି ଗାଆଁ ଚାରିପାଖରେ ଘେରିଗଲା । କମେକ୍ରମେ ଆହୁରି ବଢିବାକୁ ଲାଗିଲା । ଗାଆଁ ଭିତରେ ରାସ୍ତା ବୁଡିଯିବା ସହିତ ସବୁ ପୋଖରୀ ବୁଡିଗଲା, ମାଛ ଭାସିଗଲେ । ପାଣି ସୁଅରେ ଭାସିଯିବା ଭିତରେ ବି ସାପ, ବିଛା, ପମ୍ପୁଡି ଓ ଜନ୍ଦା ପ୍ରାଣ ବିକଳରେ ଆତ୍ମରକ୍ଷା ପାଇଁ ଚେଷ୍ଟା ଜାରିରଖିଥାନ୍ତି। ଜନ୍ଦା ଓ ପିମ୍ପୁଡିମାନେ ପ୍ରାଣ ବିକଳରେ ମଳା(ମନ୍ଦା) ବାନ୍ଧି ଭାସିଯାଉଥିବା ଓ ପାଣି ସୁଅରେ ମନ୍ଦା ଓଲଟପାଲଟ ହେଉଥିବାର ଦୃଶ୍ୟ ଉଭୟ ମଜା ଓ ଦୁଃଖ ଦେଉଥାଏ । କୌଣସି ଜୀବଜନ୍ତୁ, ଗଛଲତା ଦେଖିଲେ ସାପ ଓ ବିଛା ତା'ଉପରେ ଚଢି ଆଶ୍ରୟ ନିଅନ୍ତି । ପୂର୍ବରୁ ଆଶ୍ରୟ ନେଇଥିବା ଅନ୍ୟାନ୍ୟ ଜୀବଙ୍କୁ ସେମାନେ ଆଘାତ କରନ୍ତିନି । ଖାଦ୍ୟ-ଖାଦକ ଏକାପାଖରେ ରହିଥିଲେବି ଯେପରିକି ସାପ ମୂଷାକୁ ବି ଖାଏନି, କିନ୍ତୁ ମୂଷା ଭୟଭୀତ ହୋଇ ରହିଥାଏ ।

ଖବର ପାଇଲି ଯେ ଗାଆଁ ପଶ୍ଚିମରେ ଥିବା ଶାନ୍ତିପୁର ସଡକ ଉପରେ ଆନେକ ଜାଗାରେ ପହଁରା ପାଣି ଚାଲିଛି । ସଂପୂର୍ଣ୍ଣ ସଡକ ବୁଡିଯାଇଥାଏ ।

ମୋ ମୋବାଇଲରୁ ବେଟାରୀର ଚାର୍ଜ ସରିଗଲା । କଣ କରିବି ? ଖବର ପାଇଲି ଯେ ଗାଆଁର ଗିରିଧାରୀ ଚନ୍ଦ ଜେନେରେଟର ଚଳାଇ ମୋବାଇଲ ଓ ଟର୍ଚ୍ଚ ବେଟାରୀ ଚାର୍ଜ କରୁଛନ୍ତି । ମୁଁ ତାଙ୍କରି ସାହାଯ୍ୟ ନେଲି ।

ବର୍ଷା ଆସ୍ତେଆସ୍ତେ କମିଯିବାରୁ ଉପର ଓଳିକି ଛତା, ପଖିଆଧରି କଦଳୀଭେଳାରେ ଲୋକେ ବିଶେଷତଃ ଚାଷୀମାନେ ଘରୁ ବାହାରି ସଡକ ଓ ସେଠାରୁ ଅନ୍ୟଆଡକୁ ଯିବାକୁ ଉଦ୍ୟମ କଲେ । କିନ୍ତୁ ପାଣି ଦ୍ରୁତଗତିରେ ବଢୁଥିବାର ସୂଚନା ପାଇ ଓ ପୁଣି ପ୍ରବଳବର୍ଷା ହେବାରୁ ସେଥିରୁ କ୍ଷାନ୍ତ ହେଲେ । ଗାଆଁଠୁ ଦୂରରେ ପାଣି ଘେରରେ ଥିବା ଦାଦିଙ୍କ ପୁଅ ଟୁଟୁ ଓ ବାଦଲ ର ପରିବାର ତଥା 'କମାରସାଇ' ଲୋକମାନଙ୍କ ଅବସ୍ଥା କଥା ଭାବି ମୋ ମଥା ଗୋଳମାଳ ହୋଇଗଲା । 'ହେ ଭଗବାନ ସେମାନଙ୍କୁ ରକ୍ଷାକର !'

୧୮ତାରିଖ ବୁଧବାର ଦ୍ୱିପହର ବେଳଠୁ ବର୍ଷା ଓ ଗାଆଁ ଚାରିପାଖରେ ଘେରି ରହିଥିବା ବର୍ଷାପାଣି କମିବାରେ ଲାଗିଲା ସିନା କିନ୍ତୁ ବନ୍ୟାପାଣି ବଢିବାରେ ଲାଗିଲା । ବର୍ଷା ଓ ବନ୍ୟାପାଣିର ଉଚ୍ଛ୍ୱାସର ପ୍ରାବଲ୍ୟରେ ଜଳ ପ୍ରଳୟର ସୂଚନା ମିଳୁଥାଏ । ଟୁଟୁ ଓ ବାଦଲକୁ ଆମଘରକୁ ଜିନିଷପତ୍ର ଧରି ଚାଲି ଆସିବାକୁ ଫୋନରେ ଯେତେ କହିଲେ ବି ସେମାନେ ରାଜିହେଲେନି । ଗାଆଁର ଯୁବକମାନେ କୌଣସି ମତେ ତା'ଘର ପାଖାପାଖି ଯାଇ ଯେତେ ଡାକିଲେବି ଆସିବା ପାଇଁ ରାଜି ନହେବାରୁ ସେମାନେ ତା'ଉପରେ ବିରକ୍ତ ହେଲେ ।

ଭଣଜା ନାଟୁ ( ହେମନ୍ତ ଗିରି ) ବିଭିନ୍ନ ସୂତ୍ରରୁ ଖବର ସଂଗ୍ରହକରି ଜଣାଉଥାଏ ଯେ ସେ ବର୍ଷ ସାଂଘାତିକ ବନ୍ୟାହେବ। ମହା ପ୍ରଳୟ ସୃଷ୍ଟିକରିବ । ଭୟ ବଢୁଥାଏ । ଫୋନ ମାଧମରେ ବନ୍ଧୁବାନ୍ଧବ, ଆତ୍ମୀୟ ସ୍ୱଜନ ସମସ୍ତଙ୍କୁ ସତର୍କ କରିଦେଉଥାଏ । ବନ୍ଧୁ ଗରିଜାକିଙ୍କର ମହାନ୍ତିଙ୍କ ଘର କମର୍ଦ୍ଦା ଅଞ୍ଚଳର କଟିସାହି ଗ୍ରାମରେ । ତଳିଆ ଅଞ୍ଚଳ । ଜାଣିବାକୁ ପାଇଲି ଯେ ସେମାନେ ଖୁବ୍ ଭୟଭୀତ ଅବସ୍ଥାରେ ଅଛନ୍ତି । ସାହସ ଦେଲି।

ସାନଜୋଇଁ ଅଞ୍ଜନ ଗତବର୍ଷଠୁ ୧୦ଏକର ପୋଖରୀରେ ଚିଙ୍ଗୁଡିମାଛ ଚାଷ କରିଥିଲେ। ଜଳ ବଢିବା ସତ୍ତ୍ୱେ ପୋଖରୀକୁ ରକ୍ଷା କରିବା ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ । ମାତ୍ର ରାତି ୧୧ଟା ବେଳକୁ ସେଠାରୁ ନିଜର ନିରାପତ୍ତା ବିପନ୍ନ ହେବାରୁ ସେଠାରୁ ପଳାଇ ଆସିଲେ ବୋଲି ଖବର ପାଇ ଦୁଃଖିତ ହେଲି । ପ୍ରାୟ ୬ଲକ୍ଷ ଟଙ୍କାର କ୍ଷତି ସହିଲେ ।

ସରପଞ୍ଚ କାମିନୀକାନ୍ତ ପାତ୍ର(କାଳିଆ) ଜଳେଶ୍ୱରରେ ରହୁଥାଏ । ତାକୁ ଓ ଜଳେଶ୍ୱର ବି.ଡି ଓ.ଙ୍କୁ ଫୋନକରି ଅନୁରୋଧ କଲି ଶୀଘ୍ର ନୌକା ଓ ଗୋରୁ ତଥା ମଣିଷଙ୍କ ପାଇଁ ଖାଦ୍ୟ ପଠାଇବାପାଇଁ । ସବ୍ କଲେକ୍ଟରବି ସେଠାରେ ଥିଲେ । କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ କୁମାର ଜେନା ଜଳେଶ୍ୱରରେ ପହଞ୍ଚ ସାରିଥିଲେ । ସମସ୍ତଙ୍କଠୁ ପ୍ରତିଶ୍ରୁତି ପାଇଲି । ସରପଞ୍ଚ, ବି.ଡି.ଓ.ଙ୍କଠାରୁ ଗୋଟିଏ ପାୱାର ବୋଟ ଓ ଚୂଡା ନେଇ ଆସିଲେ ଯେ ପ୍ରବଳସୁଅ ଯୋଗୁଁ ନଦୀ ଅତିକ୍ରମ କରି ନପାରି ଫେରିଗଲେ । (କ୍ରମଶଃ)

♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧

# ପିଲାଙ୍କୁ ନଷ୍ଟ କରୁଛି ମୋବାଇଲ



**ଇଂ.ପ୍ରକାଶ କୁମାର ଭୂୟାଁ**

ମୋବାଇଲ ଜ୍ଞାନର ଗନ୍ତାଘର ପାଲଟିଥିବାବେଳେ ଏହି ମୋବାଇଲ ଏବେ କିଛି କ୍ଷେତ୍ରରେ ବିନାଶର କାରଣ ପାଲଟିଲାଣି। କେଉଁଠି ମୋବାଇଲ ପାଇଁ ଏ ଜୀବନ ହାରିଲାଣି ତ କେଉଁଠି ମୋବାଇଲ ପାଇଁ ନିଜ କର୍ମକ୍ଷେତ୍ରରେ ଜଞ୍ଜାଳ ବଢ଼ିଗଲାଣି। ବିଶେଷକରି ପିଲାମାନଙ୍କ ମୋବାଇଲ ବ୍ୟବହାର କ୍ଷେତ୍ରରେ ସୀମା ଲଂଘୁଥିବାରୁ ଏହା ବଡ଼ ଜଟିଳତମ ଓ ଉତ୍କଟ ଘଟଣା ସଂଗଠିତ କଲାଣି। ଏମିତି ଏକ ସମୟ ଆସିଛି ମୋବାଇଲ ବିନା ବଞ୍ଚିବା ମୁସ୍କିଲ ହୋଇପଡ଼ିଛି। ସ୍ମାର୍ଟଫୋନ ନଥିଲେ ଅନେକ ଜାଗାରେ ଆପଣଙ୍କ କାମ ଅଟକି ଯିବାର ସମ୍ଭାବନା ରହିଛି। ଅନେକ ସମୟରେ ଗାଁର ଗରିବ ନିରକ୍ଷର ଲୋକଙ୍କୁ ମଧ୍ୟ ଇ-ମେଲ ଆଇଡି ଦେବାକୁ କୁହାଯାଉଛି କୌଣସି ଅନଲାଇନ ଆବେଦନ କଲାବେଳେ। ଇ-ମେଲ ଆଇଡି ନ ଦେଲେ କମ୍ପ୍ୟୁଟର ଗ୍ରହଣ କରୁନି ଆବେଦନ। ଗରିବ ଲୋକଟିଏ ଓଳିଏ ଖାଇ ଓଳିଏ ଉପାସ ରହିଲେ ମଧ୍ୟ ତା ପାଖରେ ସ୍ମାର୍ଟଫୋନ ରହିବା ନିହାତି ଦରକାର ଏକଥା ସରକାର କେମିତି ଭାବୁଛନ୍ତି ସେଇଟା ହିଁ ବିଡ଼ମ୍ବନା। ଆମ ସରକାର ହିଁ ଲୋକଙ୍କୁ ମୋବାଇଲ ନିଶାରେ ପକାଇଛନ୍ତି। ସେଇ ମୋବାଇଲରେ କ୍ୟାସଲେସ ନେଣଦେଣ ହୋଇପାରୁଛି। ସାଇବର ଲୁଟେରାମାନେ ଟଙ୍କା ଲୁଟି ନେଲେ ଶୁଣିବାକୁ କେହି ନାହାନ୍ତି। ଆଗକୁ ମୋବାଇଲର ଅଭ୍ୟାସ ଛଡ଼ାଇବା ପାଇଁ ହୁଏତ ଯୋଜନା ମଧ୍ୟ ହୋଇପାରେ। ଯେମିତି ମଦ ନିଶା ଛଡ଼ାଇବା ପାଇଁ ଯୋଜନା କରାଯାଉଛି।

ପିଲାଙ୍କୁ ନଷ୍ଟ କରୁଛି ମୋବାଇଲ। ପାଠ ଆରମ୍ଭ କରିବା ପାଇଁ ଆଗରୁ ସିଲଟ-ଖଡ଼ି ଦରକାର ହେଉଥିଲା ଏବେ ମୋବାଇଲ ଦରକାର ହେଉଛି। ସେ ପୁଣି ଏମିତି ସେମିତି ମୋବାଇଲ ନୁହେଁ, ସ୍ମାର୍ଟଫୋନ ହେବା ଦରକାର। ନର୍ସରୀ ପିଲାଙ୍କର ମଧ୍ୟ ଅନଲାଇନ କ୍ଲାସ ହେଉଛି। କୋଳର ଛୁଆ ମୋବାଇଲ ନଦେଖିଲେ ଖାଉନି। ଆଗରୁ ଜହ୍ନ ଦେଖାଇ ମା'ମାନ ଖୁଆଉଥିଲେ ପିଲାଙ୍କୁ। ଆଜିର ମମିମାନେ ସ୍ମାର୍ଟଫୋନ ଦେଖାଇ ସେମାନଙ୍କୁ ଖୁଆଉଛନ୍ତି।

ଜନ୍ମ ହେଉ ହେଉ ଏବେ ପିଲାଏ ସ୍ମାର୍ଟଫୋନର ନିଶାରେ ପଡ଼ିଯାଉଛନ୍ତି। ଏଥିରୁ ନିସ୍ତାର ମିଳିବ କେମିତି ? ଦିନେ ଏ ନିଶା ପାଇଁ ବିଭିନ୍ନ ଶାରୀରିକ ସମସ୍ୟା ଯେ ନ ଉପୁଜିବ ଏକଥା କହିହେବନି। ଅତ୍ୟଧିକ ମୋବାଇଲ ବ୍ୟବହାର ଫଳରେ ଆଖି ଏବଂ କାନ ପ୍ରଭାବିତ ହେବାର ସମ୍ଭାବନା ରହିଛି ବୋଲି ବିଶେଷଜ୍ଞମାନେ କହୁଛନ୍ତି।

ନିକଟରେ ପ୍ରକାଶିତ ମୋବାଇଲ ନିଶା ସମ୍ପର୍କିତ ଏକ ଖବର ଅନେକଙ୍କ ବାପା ମାଆଙ୍କୁ ବିଚଳିତ କରିଥିବ। ମୋବାଇଲ ପାଇଁ ବାଲେଶ୍ୱର ଏବଂ ଖୋର୍ଦ୍ଧାରେ ଦୁଇଜଣ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଏ ଖବର ପଢ଼ି ଅନ୍ୟ ବାପାମାଆମାନେ ଚିନ୍ତାରେ ପଡ଼ିଛନ୍ତି। ଖବର ଦୁଇଟି ଏଇଭଳି ଭାଗ୍ୟଶ୍ରୀ ବାଲେଶ୍ୱର ଅନନ୍ତପୁର ହାଇସ୍କୁଲରେ ଦଶମ ଶ୍ରେଣୀ ଛାତ୍ରୀ ଥିଲେ। ଶୁକ୍ରବାର ସନ୍ଧ୍ୟାରେ ସେ ପାଠ ନପଢ଼ି ମୋବାଇଲ ଦେଖୁଥିଲା। ମୁଣ୍ଡ ଉପରେ ମାଟ୍ରିକ ବୋର୍ଡ଼ ପରୀକ୍ଷା ଥିବାରୁ ମା'ଆକଟ କରିବା ସହିତ ଗାଳି କରିଥିଲେ। ଏତିକିରେ ଭାଗ୍ୟଶ୍ରୀ ନିଜ ଶୋଇବା ଘରେ ବେକରେ ଓଢ଼ଣି ବାନ୍ଧି ଆତ୍ମହତ୍ୟା କରିଥିଲେ। ଅନ୍ୟ ଘଟଣାଟି ଖୋର୍ଦ୍ଧା ସେଭେନଥ ଡେ' ଆଡ଼ଭେନଟିସ ମିସନାରୀ ବିଦ୍ୟାଳୟର ଅନ୍ତେବାସୀ ଦଶମ ଶ୍ରେଣୀ ଛାତ୍ର ପବିଲାସି ହଷ୍ଟେଲରେ ମୋବାଇଲର ମନାଥିବା ସତ୍ତ୍ୱେ ପାଖରେ ମୋବାଇଲ ରଖିଥିବାରୁ ଛାତ୍ରାବାସ ଦାୟିତ୍ୱରେ ଥିବା ଅଧିକାରୀ ତାଙ୍କ ଠାରୁ ମୋବାଇଲ ଛଡ଼ାଇନେବା ପରେ ଛାତ୍ର ଜଣଙ୍କ ଆତ୍ମହତ୍ୟା କରିଥିଲେ। ପରଦିନ ସକାଳେ ପବିଲାସଙ୍କ ମୃତ ଦେହ ଛାତ୍ରାବାସ ସମ୍ମୁଖ ଆମ୍ବଗଛରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା।

ସ୍ମାର୍ଟଫୋନ ଅଧିକାଂଶ ସମୟରେ କଅଁଳ ବୟସର ପିଲାମାନଙ୍କୁ ବିପଥଗାମୀ କରାଉଛି। ଅନେକ ଆପତ୍ତିଜନକ ତଥ୍ୟ ଏବଂ ଭିଡ଼ିଓ ମଧ୍ୟ ସେମାନେ ଦେଖୁଛନ୍ତି। ଅପରାଧିକ ଚିତ୍ର ଦେଖି ଦେଖି ଅନେକ ସମୟରେ ସେମାନେ ଅପରାଧପ୍ରବଣ ହୋଉଥିବାର ଖବର ମଧ୍ୟ ପ୍ରକାଶ ପାଉଛି। ଅଶ୍ଳୀଳ ଭିଡ଼ିଓ ଦେଖି ନାବାଳକଙ୍କ ପାଖରେ ମଧ୍ୟ ଯୌନ ବିକୃତ ମାନସିକତା ସୃଷ୍ଟି ହେଉଛି। ଫଳରେ କମ ବୟସର ପିଲାଏ ମଧ୍ୟ ଅପରାଧିକ ଘଟଣା ଘଟାଉଛନ୍ତି। ତେଣୁ ମୋବାଇଲ ଠାରୁ ପିଲାଙ୍କୁ କିଭଳି ଦୂରେଇ ରଖାଯାଇପାରିବ ସେ ଦିଗରେ ଚିନ୍ତା କରିବାର ସମୟ ଆସିଛି।

♥ ଟାଟାଷ୍ଟିଲ, ମେରାମୁଣ୍ଡଳୀ, ଢ଼େଙ୍କାନାଳ, (ମୋ) : ୭୯୭୮୯୨୭୭୬୫

# ପଦାର୍ଥ ବିଜ୍ଞାନ ଓ ଗଣିତକୁ ଭାରତର ଅବଦାନ



**ଉଦୀପ୍ତ ନାରାୟଣ ସାହୁ**

ବର୍ତ୍ତମାନ ଆମେ ପଢୁଥିବା ପିଥାଗୋରାସ୍‌ଙ୍କ ଉପପାଦ୍ୟର ସମାନ କଥାକୁ ଭାରତୀୟ ଋଷି ବୋଧାୟନଙ୍କ ଉପପାଦ୍ୟରେ ଦେଖିବାକୁ ମିଳେ। ବୋଧାୟନ ଉପପାଦ୍ୟ ଥିଲା ତ୍ରିକୋଣମିତିର ଆଧାର ଶିଳା। କାଳ ଗଣନାରେ ଭାରତୀୟ ଜ୍ଞାନ କୌଶଳ ଅତ୍ୟନ୍ତ ଉଚ୍ଚ ସ୍ଥାନ ହାସଲ କରିଥିଲା। ପରମାଣୁଠାରୁ ଆରମ୍ଭ କରି ବର୍ଷ ଯାଏଁ, ନିମିଷଠାରୁ ଦିନରାତି ଯାଏଁ ଏବଂ କଳିଯୁଗଠାରୁ ମନ୍ୱନ୍ତର ଯାଏଁ ସମସ୍ତ ଗଣନା ଭାରତରେ ପ୍ରଚଳିତ ଥିଲା ଏବଂ ଆଜି ମଧ୍ୟ ପ୍ରଚଳିତ ।

ଭାରତ ହେଉଛି ଜ୍ଞାନ ବିଜ୍ଞାନରେ ଉନ୍ନତ ଦେଶ ମାନଙ୍କ ମଧ୍ୟରୁ ଅନ୍ୟତମ। ବିଶ୍ୱର ସବୁଠାରୁ ଜ୍ଞାନୀ ମସ୍ତିଷ୍କ ଭାରତରେ ହିଁ ମିଳିବ ବୋଲି ଆଧୁନିକ ବୈଜ୍ଞାନିକ ମାନେ ମଧ୍ୟ ମତ ଦିଅନ୍ତି। ବିଶ୍ୱ ନିୟନ୍ତାଙ୍କ ଦ୍ୱାରା ଯେବେଠାରୁ ସୃଷ୍ଟିର ସର୍ଜ୍ଜନା ହୋଇଛି ସେବେଠାରୁ ଭାରତବର୍ଷର ସୃଷ୍ଟି ବୋଲି ଅନୁମାନ କରାଯାଏ। ଭାରତୀୟ ମାନଙ୍କର ମହାନ ଦର୍ଶନ, ଗୂଢ ରହସ୍ୟର ଆଲୋଚନା, ଜିଜ୍ଞାସୁ ମନୋଭାବ ଏବଂ ଏକ ଅନୁକୂଳ ଦିଗରେ ଅନୁସନ୍ଧାନ ମୂଳକ ଚିନ୍ତନ ଏ ସମସ୍ତ ଗୁଣ ଭାରତୀୟ ମାନଙ୍କର ପାଣ୍ଡିତ୍ୟର ପରିପ୍ରକାଶ କରେ। ଇତିହାସର ପୃଷ୍ଠାରେ ବିଶେଷ ଭାବରେ ଭାରତୀୟ ମାନଙ୍କର ବିଜ୍ଞାନକୁ ଅବଦାନ ସମ୍ବନ୍ଧରେ କୌଣସି ତଥ୍ୟ ଉପସ୍ଥାପିତ ହୋଇ ନଥିଲେ ମଧ୍ୟ ଏବେ ଆଧୁନିକ ଯୁଗର ବୈଜ୍ଞାନିକ ମାନେ ଅତୀତ ଭାରତରେ ବିଜ୍ଞାନର ଗବେଷଣାତ୍ମକ ଏବଂ ପ୍ରୟୋଗାତ୍ମକ ଦୁଇଟିଯାକ ଦିଗରେ ଉଚ୍ଚ ସୋପାନରେ ପହଂଚିଥିଲା। ଏବେ ନିଜର ଗୌରବମୟ ଇତିହାସରୁ ଭାରତର ବିଜ୍ଞାନ ଜଗତକୁ ଅବଦାନ ସମ୍ବନ୍ଧରେ ବିଶେଷ ତଥ୍ୟ ନପାଇବା ହେତୁରୁ ଆଧୁନିକ ବିଦ୍ୟାର୍ଥୀ ମାନେ କେବଳ ପାଶ୍ଚାତ୍ୟ ବିଜ୍ଞାନୀ ମାନଙ୍କର ମହିମା ମଣ୍ଡନ କରନ୍ତି ଏହା ସହିତ ନିଜ ଦେଶର ବିଜ୍ଞାନୀ ମାନଙ୍କ ବିଷୟରେ ବିଶେଷ କିଛି ଜ୍ଞାନ ନଥିବାରୁ ସ୍ୱଗୌରବକୁ ଅନୁଭବ କରିପାରନ୍ତି ନାହିଁ। ବର୍ତ୍ତମାନ ଆଧୁନିକ ଦୁନିଆଁ ଧୀରେ ଧୀରେ ଭାରତୀୟ ବୈଚାରିକ ସିଦ୍ଧାନ୍ତ ଓ ଭାରତୀୟ ଜୀବନଶୈଳୀକୁ ଆପଣେଇବାରେ ଲାଗିଛି। ସମ୍ପୂର୍ଣ୍ଣ ଦୁନିଆଁ ଶାନ୍ତି ପାଇବା ପାଇଁ ଅନେକ ପ୍ରୟାସ କରିବା ପରେ ବର୍ତ୍ତମାନ ଭାରତୀୟ ଜୀବନ ବଂଚିବାର ପଦ୍ଧତିକୁ ଅନୁସରଣ ଓ ଅନୁକରଣ କରିବାରେ ଲାଗିଛି। ପ୍ରାଚୀନ କାଳରେ ଭାରତର ଋଷିମୁନି ମାନେ ନବଗ୍ରହଙ୍କୁ ଆରାଧନା କରୁଥିଲେ ଆଜି ହଜାର ହଜାର ବର୍ଷ ବିତିଯାଇଥିଲେ ମଧ୍ୟ ସେହିସଂଖ୍ୟାରେ କୌଣସି ପରିବର୍ତ୍ତନ ଆସିନାହିଁ । ବିଶ୍ୱର ପ୍ରଥମ ଗ୍ରନ୍ଥ ବେଦରେ ବୃତ୍ତର ପରିଧି ଓ ବ୍ୟାସ ମଧ୍ୟରେ ଅନୁପାତ ଏକ ସ୍ଥିରାଙ୍କ ଯାହାର ମୂଲ୍ୟ ମଧ୍ୟ ବେଦରେ ସଂସ୍କୃତ ରେ ଲେଖା ହୋଇଛି ଏବଂ ଆଧୁନିକ ବିଜ୍ଞାନ ଏହାର ସତ୍ୟତା ପ୍ରମାଣ କରି କମ୍ପ୍ୟୁଟର ଗଣନା ମାଧ୍ୟମରେ ୩୨ ଟି ସ୍ଥାନ ଯାଏଁ ନିରୂପିତ ହୋଇପାରିଛି, ଯାହାକି ଆଧୁନିକ ଗଣନା ସହିତ ପ୍ରାୟ ସମାନ। ଶକ ସମ୍ବତ ୧୫୫୦ ରେ ରଚିତ ଅଗସ୍ତ୍ୟ ସଂହିତାରେ ମିତ୍ରବରୁଣ ଶକ୍ତିର କଥା ଉଲ୍ଲେଖ ରହିଛି। ବର୍ତ୍ତମାନ ଆମେ ଯେଉଁ ଶକ୍ତିକୁ ବିଦ୍ୟୁତ ଶକ୍ତି ଭାବରେ ଜାଣୁଛୁ ସେହି କାଳରେ ଏହି ଶକ୍ତି କୁ ମିତ୍ରବରୁଣ ଶକ୍ତି କୁହାଯାଉଥିଲା। ଭାରତୀୟ ବିଜ୍ଞାନୀ ପ୍ରଶସ୍ତପାଦଙ୍କ ଦ୍ୱାରା ଦିଆଯାଇଥିବା ବେଗ ସଂସ୍କାରରେ ମହାନ ପଦାର୍ଥ ବିଜ୍ଞାନୀ ନିଉଟନଙ୍କ ଗତିର ନିୟମ ସମୂହର ସାମ୍ୟ ଦୃଷ୍ଟି ଗୋଚର ହୁଏ। ନିଉଟନଙ୍କ ଗତିର ନିୟମ ପ୍ରଦାନ କରିବାର ଅନେକ ବର୍ଷ ପୂର୍ବରୁ ପ୍ରଶସ୍ତପାଦ ଏହି ସୂତ୍ର ଗୁଡିକୁ ଉଲ୍ଲେଖ କରିଥିଲେ। ମହର୍ଷି କଣାଦଙ୍କ ବୈଶେଷିକ ଦର୍ଶନରେ କର୍ମ ଶବ୍ଦର ଅର୍ଥ ହେଉଛି ଗତି। ଏହାକୁ ସେ ୫ ଭାଗରେ ବିଭକ୍ତ କରିଛନ୍ତି, ଯଥା- ଉତକ୍ଷେପଣ, ଅବକ୍ଷେପଣ, ଆକୁଂଚନ, ପ୍ରସାରଣ ଓ ଗମନ । ସ୍ଥିତି ତାପକତା ଯାହାକୁ ଆମେ ଇଲାଷ୍ଟିକ ଗୁଣ ବୋଲି କହୁ, ଜଣେ ଭାରତୀୟ ଉଦୟନଙ୍କ 'ନ୍ୟାୟ କାରିକାବଳୀ' ନାମକ ଗ୍ରନ୍ଥରେ ଏହାର ଉଲ୍ଲେଖ ମିଳେ। ୧୧୧୪ ମସିହାରେ ରଚିତ ଭାସ୍କରାଚାର୍ଯ୍ୟଙ୍କ ଗ୍ରନ୍ଥ 'ସିଦ୍ଧାନ୍ତ ଶିରୋମଣି'ରେ ଜଳ ଚକ୍ରିକାର କଥା ଉଲ୍ଲେଖ ଥିବାର ଦେଖିବାକୁ ମିଳେ। ହାଇଡ୍ରୋଲିକ ମେସିନ ଅର୍ଥାତ୍ ଜଳ ପ୍ରବାହକୁ ଶକ୍ତି ଉତ୍ପାଦନ କ୍ଷେତ୍ରରେ ବ୍ୟବହାର ସମ୍ବନ୍ଧରେ ସମରାଂଗଣ ସୂତ୍ରଧାରର ୩୧ ତମ ଅଧ୍ୟାୟରେ କୁହାଯାଇଛି। ବିଭିନ୍ନ ଯୁଗରେ ଆମେ ଧାତୁ ମାନଙ୍କର ବ୍ୟବହାର ବିଷୟରେ ଜାଣିଛୁ। ଯଜୁର୍ବେଦ ରେ ବିଭିନ୍ନ ଧାତୁ ମାନଙ୍କ ବିଷୟରେ ଉଲ୍ଲେଖ ଅଛି। ଦିଲ୍ଲୀଠାରେ ଥିବା ଲୌହ ସ୍ତମ୍ଭ ଭାରତୀୟ ଧାତୁ ବିଜ୍ଞାନର ପ୍ରୟୋଗାତ୍ମକ କଳାର ଏକ ବିଶେଷ ନିଦର୍ଶନ। ଏବେ ଆମେ କାଚର ଦର୍ପଣ ବ୍ୟବହାର କରୁଛୁ, ହେଲେ ଭାରତରେ ଧାତୁ ତିଆରି ଦର୍ପଣର ବ୍ୟବହାର ଦେଖିବାକୁ ମିଳେ। ବିଶେଷ କରି ଦକ୍ଷିଣ ଭାରତରେ କେରଳର କିଛି ଗାଁରେ କିଛି ବର୍ଷ ପୂର୍ବେ ଧାତୁ ନିର୍ମିତ ଦର୍ପଣର ବ୍ୟବହାର ଦେଖିବାକୁ ମିଳିଥିଲା । ବିମାନଶାସ୍ତ୍ର ଓ ନୌକାଶାସ୍ତ୍ର ଦୁଇଟିରେ ଭାରତ ବିଶ୍ୱ ବିଦିତ ଥିଲା। ମହର୍ଷି ଭାରଦ୍ୱାଜଙ୍କ ବୈମାନିକ ଶାସ୍ତ୍ର ରେ ଅନେକ ପ୍ରକାରର ବିମାନ ତା' ସମ୍ପର୍କିତ ବିଭିନ୍ନ ତଥ୍ୟ, ବିମାନର ପ୍ରକାର, ବିମାନ ଗୁଡିକର ଇନ୍ଧନ, ଗଠନ ଶୈଳୀ, ଉଡିବାର କ୍ଷମତା ଏ ସବୁ ବିଷୟରେ ଉଲ୍ଲେଖ ରହିଛି । ଗଣିତରେ ଭାରତୀୟ ମାନଙ୍କର ଅବଦାନ ଅତୁଳନୀୟ। ଭାରତ ଗଣିତ ଶାସ୍ତ୍ରର ଜନନୀ ବୋଲି ସମଗ୍ର ବିଶ୍ୱ ସ୍ୱୀକାର କରେ। ୟୁରୋପର ସବୁଠାରୁ ପୁରୁଣା ଗଣିତ ବହି ହେଉଛି 'କୋଡେକ୍ସ ଓଜଲେନ୍ସ' ,ଏଥିରେ ଲେଖାଅଛି ଯେ "ଗଣନାର ଚିହ୍ନ (ଅଙ୍କ)ରୁ ଆମେ ଏହାହିଁ ଅନୁଭବ କରୁ ଯେ ପ୍ରାଚୀନ ହିନ୍ଦୁମାନଙ୍କର ବୁଦ୍ଧି ଅତ୍ୟନ୍ତ ତୀକ୍ଷଣ ଥିଲା ତଥା ଅନ୍ୟଦେଶ ମାନେ ଗଣନା ଓ ଜ୍ୟାମିତି କ୍ଷେତ୍ରରେ ତଥା ଅନ୍ୟାନ୍ୟ ବିଜ୍ଞାନରେ ସେମାନଙ୍କ ଠାରୁ ଯଥେଷ୍ଟ ପଛରେ ପଡ଼ିଥିଲେ। ଏହା ନଅ ଅଙ୍କ ବିଶିଷ୍ଟ ଚିହ୍ନ ସମୂହରୁ ସ୍ପଷ୍ଟ ଜଣାପଡେ, ଯାହାର ସହାୟତାରେ ଯେକୌଣସି ସଂଖ୍ୟାକୁ ସୁନ୍ଦର ଭାବରେ ଲେଖିହେବ। ବଡ କଥା ହେଉଛି ଏହା ଯେ ଶୂନର ଆବିଷ୍କାର ଭାରତରୁ ହୋଇଛି ଏବଂ ଏହି ଅଙ୍କ ମାନଙ୍କ ମଧ୍ୟରୁ ଶୂନ ଓ ଏକର ବ୍ୟବହାର କରି ଆଜି ଆଧୁନିକ ଦୁନିଆଁର ସମସ୍ତ କମ୍ପ୍ୟୁଟର କାମକରୁଛି। ଆଜିକାଲି ଗଣିତକୁ ଏକ ଶୁଷ୍କ ବିଷୟ ଭାବରେ ଗଣାଯାଉଛି। ମିଶାଣ, ଫେଡାଣ, ଗୁଣନ, ହରଣ, ବର୍ଗ, ଘନ ଏ ସମସ୍ତ ପ୍ରକ୍ରିୟା ଭାରତୀୟ ଶାସ୍ତ୍ରରେ ଉଲ୍ଲେଖ ଥିବାର ଦେଖାଯାଏ । ବର୍ତ୍ତମାନ ଆମେ ପଢୁଥିବା ପିଥାଗୋରାସ୍‌ଙ୍କ ଉପପାଦ୍ୟର ସମାନ କଥାକୁ ଭାରତୀୟ ଋଷି ବୋଧାୟନଙ୍କ ଉପପାଦ୍ୟରେ ଦେଖିବାକୁ ମିଳେ। ବୋଧାୟନ ଉପପାଦ୍ୟ ଥିଲା ତ୍ରିକୋଣମିତିର ଆଧାର ଶିଳା। କାଳ ଗଣନାରେ ଭାରତୀୟ ଜ୍ଞାନ କୌଶଳ ଅତ୍ୟନ୍ତ ଉଚ୍ଚ ସ୍ଥାନ ହାସଲ କରିଥିଲା। ପରମାଣୁଠାରୁ ଆରମ୍ଭ କରି ବର୍ଷ ଯାଏଁ, ନିମିଷଠାରୁ ଦିନରାତି ଯାଏଁ ଏବଂ କଳିଯୁଗଠାରୁ ମନ୍ୱନ୍ତର ଯାଏଁ ସମସ୍ତ ଗଣନା ଭାରତରେ ପ୍ରଚଳିତ ଥିଲା ଏବଂ ଆଜି ମଧ୍ୟ ପ୍ରଚଳିତ । ଏହି ଭାବରେ ବିଜ୍ଞାନ କ୍ଷେତ୍ରରେ ଭାରତର ଅବଦାନ ଅନେକ। ଯେଉଁମାନେ ଭାରତୀୟ ବ୍ୟବସ୍ଥାକୁ ଠିକ ଭାବରେ ବୁଝିନାହାନ୍ତି, ସେମାନେ ଏହିପରି କହନ୍ତି ଯେ ଭାରତୀୟ ମାନଙ୍କର ନିତ୍ୟ କ୍ରିୟା ବା ସାଂସ୍କୃତିକ କର୍ମ ଗୁଡିକ ବିଜ୍ଞାନ ଆଧାରିତ ନୁହେଁ। ବାସ୍ତବରେ ଭାରତୀୟ ସଂସ୍କୃତିର ସମସ୍ତ କ୍ରିୟା ଗୁଡିକ ବିଜ୍ଞାନ ଆଧାରିତ। ଏମିତି ମଧ୍ୟ କୁହାଯାଇପାରେ ଯେ, ବିଜ୍ଞାନର ସମସ୍ତ ତତ୍ତ୍ୱାବଳୀ ଭାରତରୁ ସୃଷ୍ଟି ହୋଇଛି। ଏଣୁ ଆମ ଭାରତକୁ ଜ୍ଞାନର ଗନ୍ତାଘର ବିଶ୍ୱଗୁରୁ ଭାରତ ବୋଲି କୁହାଯାଏ। ଏଣୁ ବୈଜ୍ଞାନିକ ଚିନ୍ତନ ଓ ଅନୁସନ୍ଧାନର ସୃଷ୍ଟି ଭାରତରୁ ହୋଇଛି ବୋଲି କହିବା ଶ୍ରେୟସ୍କର ।

♥ ବେଲାବାହାଲି, ଆନନ୍ଦପୁର,
କେନ୍ଦୁଝର
ମୋ: ୭୮୪୭୦୨୩୦୦୧

# ବାଲେଶ୍ୱର ଫକୀର ମୋହନ ମେଡିକାଲ୍ କଲେଜରେ ୬୫୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ଉଦ୍ଘାଟିତ

ବାଲେଶ୍ୱର, ୦୨/୩ (ନି.ପ୍ର): ଓଡିଶାର ସ୍ୱାସ୍ଥ୍ୟ ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯୋଡି ହୋଇଛ ଆଉ ଏକ ନୂଆ ଫର୍ଦ୍ଦ। ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ଆହୁରି ସୁଦୃଢ କରିବା ପାଇଁ ରାଜ୍ୟର ବିଭିନ୍ନ ସରକାରୀ ମେଡିକାଲ କଲେଜ ଗୁଡିକରେ ଟିଚିଂ ହସ୍ପିଟାଲର ଶୁଭ ଉଦ୍ଘାଟନ କରିବା ସହିତ ୪ଟି ମେଡିକାଲ କଲେଜର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ବିଶ୍ୱ ସ୍ତରୀୟ କରିବା ପାଇଁ ଭିତ୍ତି ରଖିଛନ୍ତି।

ଉଦ୍ଘାଟିତ ହୋଇଥିବା ଟିଚିଂ ହସ୍ପିଟାଲ ଗୁଡିକ ମଧ୍ୟରେ ରହିଛି ବାଲେଶ୍ୱରରେ ୬୫୦ ଶଯ୍ୟା ବିଶିଷ୍ଟ ଫକୀର ମୋହନ ମେଡିକାଲ୍ କଲେଜ୍ ଏବଂ ହସ୍ପିଟାଲ । ଏହି ଅବସରରେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ଶ୍ରୀ ଆଶୀଷ ଠାକରେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ସଭାରେ ବାଲେଶ୍ୱର ସଦର ବିଧାୟକ ଶ୍ରୀ ସ୍ୱରୂପ ଦାସ, ରେମୁଣା ବିଧାୟକ ଶ୍ରୀ ସୁଧାଂଶୁ ଶେଖର ପରିଡା, ଜିଲ୍ଲା ପରିଷଦ ସଭାପତି ଶ୍ରୀ ନାରାୟଣ ପ୍ରଧାନ, ପୌରପାଳିକା ଅଧକ୍ଷା ଶ୍ରୀମତୀ ସବିତା ସାହୁ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ବିଶ୍ୱ ରଞ୍ଜନ ନାୟକ ଓ ଫକୀର ମୋହନ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, ବାଲେଶ୍ୱରର ରେଜିଷ୍ଟ୍ରାର ଶ୍ରୀମତୀ ମନୋରମା ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜି ଦିନଟି ଓଡିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ମାଇଲଷ୍ଟୋନ ହୋଇ ରହିବ। ଆଜି ଗୋଟିଏ ଦିନରେ ୫ଟି ମେଡିକାଲ କଲେଜ ହସ୍ପିଟାଲରେ ୨,୯୫୦ ଶଯ୍ୟା ଯୋଡି ହେଲା। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୨ ହଜାର କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇଛି । ଆମ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଉପରେ ଲୋକଙ୍କ ବିଶ୍ୱାସ ବଢିଛି। ଲୋକଙ୍କୁ ଉତ୍ତମ ଚିକିତ୍ସା ଓ ସେବା ଯୋଗାଇଦେବା ଆମର ଲକ୍ଷ୍ୟ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ପୁଣି ମଧ୍ୟ କହିଥିଲେ ଯେ ଦିନ ଥିଲା ଓଡିଶାରେ ମାତ୍ର ୩ଟି ସରକାରୀ ମେଡିକାଲ କଲେଜ ଥିଲା। ଗତ ୬ ବର୍ଷ ମଧ୍ୟରେ ୮ଟି ନୂଆ ମେଡିକାଲ କଲେଜ ଓ ୨ଟି ସ୍ନାତକୋତ୍ତର ପ୍ରତିଷ୍ଠାନ ଗଢି ଉଠିଛି। ଆଗାମୀ ଦିନରେ ଆଉ ୩ଟି ମେଡିକାଲ କଲେଜ ମଧ୍ୟ ହେବାକୁ ଯାଉଛି। ପ୍ରତି ବର୍ଷ ଡାକ୍ତର ଓ ପାରାମେଡିକ୍ ଷ୍ଟାଫଙ୍କୁ ନିଯୁକ୍ତି ଦିଆଯାଉଛି। ଆଗରୁ ବର୍ଷକୁ ମାତ୍ର ୩୨୧ ଜଣ ଏମ.ବି.ବି.ଏସ୍. ଡାକ୍ତର ଓ ୨୫୪ ଜଣ ସ୍ପେଶିଆଲିଷ୍ଟ ବାହାରୁ ଥିଲେ ।ଏବେ ୨୫୨୫ ଏମ.ବି.ବି.ଏସ୍. ଡାକ୍ତର ଓ ୯୭୨ ସ୍ପେଶିଆଲିଷ୍ଟ ବାହାରୁଛନ୍ତି। ୫ଟି ଉପକ୍ରମରେ ଆଜି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରୂପାନ୍ତର ଆସିଛି। ଲୋକଙ୍କ ସୁବିଧା ପାଇଁ ହସ୍ପିଟାଲଗୁଡିକୁ 'ଆମ ହସ୍ପିଟାଲ'ରେ ବିକଶିତ କରାଯାଉଛି।

ରାଜ୍ୟରେ ପ୍ରଚଳିତ ସ୍ୱାସ୍ଥ୍ୟସେବା ଯୋଜନା ଉପରେ ଆଲୋକପାତ କରି ସେ କହିଥିଲେ ଯେ ମୋ ପାଇଁ ପ୍ରତି ଜୀବନ ମୂଲ୍ୟବାନ। ଏଥିପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆମେ ବିଭିନ୍ନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିଛୁ। ସରକାରୀ ଡାକ୍ତରଖାନାଗୁଡିକରେ ନୂଆ ନୂଆ ଚିକିତ୍ସା ସୁବିଧାର ମଧ୍ୟ ବିକାଶ କରାଯାଉଛି। ଧନୀ ଗରୀବ ସମସ୍ତଙ୍କୁ ସରକାରୀ ଡାକ୍ତରଖାନାଗୁଡିକରେ ମାଗଣା ଚିକିତ୍ସା ସୁବିଧା ମିଳୁଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରର ଏ ରୂପାନ୍ତରକୁ ଆମେ ସମସ୍ତେ ମିଶି ଆହୁରି ଆଗକୁ ନେବା ଓ 'ସୁସ୍ଥ ଓଡିଶା ସୁଖୀ ଓଡିଶା ଜରିଆରେ ନୂଆ ଓଡିଶାର ଭିତ୍ତିକୁ ମଜବୁତ କରିବା ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ବୁର୍ଲାଠାରେ ଉପସ୍ଥିତ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ନିରଞ୍ଜନ ପୂଜାରୀ କହିଥିଲେ ଯେ ଲୋକଙ୍କୁ ସର୍ବୋତ୍ତମ ଚିକିତ୍ସା ସୁବିଧା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ଆଜି ରାଜ୍ୟର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ କରୁଛନ୍ତି। ୫ଟି ଉପକ୍ରମରେ ରାଜ୍ୟର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ପରବର୍ତ୍ତୀ ପର୍ଯ୍ୟାୟକୁ ନେଇ ଲୋକଙ୍କୁ ଉନ୍ନତମାନର ଓ ଉପଯୁକ୍ତ ଚିକିତ୍ସା ସୁବିଧା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କାର୍ଯ୍ୟକ୍ରମ ଜାରି ରହିଛି ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମକୁ ୫ଟି ତଥା ନବୀନ ଓଡିଶା ଅଧକ୍ଷ ଶ୍ରୀ କାର୍ତ୍ତିକ ପାଣ୍ଡିଆନ ସଂଚାଳନା କରିଥିଲେ ଏବଂ ଏ ସବୁ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶରେ ସହଯୋଗ କରିଥିବା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସେ କହିଥିଲେ ଯେ ଗ୍ରାମାଞ୍ଚଳର ସବୁ ପରିବାରକୁ ଅନ୍ତର୍ଭୁକ୍ତ କରିବା ପାଇଁ ଉଦ୍ଦିଷ୍ଟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ନବୀନ କାର୍ଡ ଚଳିତ ମାସ ୬ ତାରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀ ସମ୍ବଲପୁରଠାରୁ ଶୁଭାରମ୍ଭ କରିବେ। କାର୍ଯ୍ୟକ୍ରମରେ ବଲାଙ୍ଗିରରେ ରାଜ୍ୟ ଜଳ ସମ୍ପଦ ଓ ବାଣିଜ୍ୟ ପରିବହନ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ ଯୋଗଦେଇ କହିଲେ ଯେ ରାଜ୍ୟବାସୀଙ୍କୁ ଉତ୍ତମ ମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତାକୁ ଓଡିଶାବାସୀ କେବେ ବି ଭୁଲିବେ ନାହିଁ। ରୂପାନ୍ତରଣ କ୍ଷେତ୍ରରେ ଓଡିଶାକୁ ଭାରତରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆଜି ସାରା ବିଶ୍ୱରେ ବେଞ୍ଚମାର୍କ ସୃଷ୍ଟି କରିଛି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଡି.ଏମ.ଇ.ଟି. ଧନ୍ୟବାଦ ଅର୍ପଣ କରିଥିଲେ।

# ଭିଜିଲାନ୍ସ ଜାଲରେ ଦୁଇ ପୋଲିସ ଏଏସ୍ଆଇ

କଟକ/ନବରଙ୍ଗପୁର, ୦୨/୩ (ନି.ପ୍ର): ଆଠ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି କଟକ ଜିଲ୍ଲା ଭଦ୍ରେଶ୍ୱର ଥାନା ଏଏସ୍ଆଇ ଆଲୋକ କୁମାର ଷଡ଼ଙ୍ଗୀ। ଜଣେ ବ୍ୟକ୍ତିଙ୍କ ନାଁରେ ଭଦ୍ରେଶ୍ୱର ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ସେଥିରେ ତାଙ୍କୁ ସହଯୋଗ କରିବାକୁ ଲାଞ୍ଚ ମାଗିଥିଲେ ଏଏସ୍ଆଇ ଆଲୋକ କୁମାର ଷଡ଼ଙ୍ଗୀ। ଏନେଇ ସେହି ବ୍ୟକ୍ତି ଜଣଙ୍କ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ଆଜି ଅଭିଯୋଗକାରୀ ଏଏସ୍ଆଇ ଆଲୋକ କୁମାର ଷଡ଼ଙ୍ଗୀଙ୍କୁ ୮ ହଜାର ଟଙ୍କା ଦେଇଥିଲେ। ସେହି ସମୟରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଥିଲା। ଲାଞ୍ଚ ନେଇ ଧରାପଡ଼ିବା ପରେ ଏଏସ୍ଆଇ ଆଲୋକ କୁମାର ଷଡ଼ଙ୍ଗୀଙ୍କ ଦୁଇଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ଏହି ଚଢ଼ାଉ କରାଯାଇଥିଲା। ଭିଜିଲାନ୍ସ ପକ୍ଷରୁ ଏହି ଘଟଣାରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି। ସେହିପରି ଆଜି ୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଏଏସ୍ଆଇ ସୀମାଞ୍ଚଳ ମହାରଣା। ସେ ଥାନା ଭିତରେ ଜଣେ ବ୍ୟକ୍ତିଙ୍କଠାରୁ ଲାଞ୍ଚ ନେଲା ବେଳେ ଧରାପଡ଼ିଛନ୍ତି।

# ଦକ୍ଷିଣ ଆଫ୍ରିକାରୁ ଧରାପଡିଲା ଏନଆଇଏର ମୋଷ୍ଟ ୱାଣ୍ଟେଡ୍ ଅପରାଧୀ

ନୂଆଦିଲ୍ଲୀ, ୦୨/୩ : ଧରା ପଡିଲା ଏନ୍ଆଇଏର ମୋଷ୍ଟ ୱାଣ୍ଟେଡ୍ ଅପରାଧୀ ମହମ୍ମଦ ଗେସ୍ ନିୟାଜି। ତାକୁ ଆଜି ଦକ୍ଷିଣ ଆଫ୍ରିକାରୁ ଗିରଫ କରାଯାଇଛି। ଏନ୍ଆଇଏ ମହମ୍ମଦ ଗେସ୍ଙ୍କ ଉପରେ ୫ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରିଥିଲା। ଉଗ୍ରବାଦୀ ଇସଲାମ ସଂଗଠନ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍ଆଇ)ର ମହମ୍ମଦ ଗେସ୍ ନିଆଜି ଏକ ପ୍ରମୁଖ ଚେହେରା ରହି ଆସିଛି। ୨୦୧୬ରେ ବେଙ୍ଗାଲୁରୁରେ ଆରଏସଏସ ନେତା ରୁଦ୍ରେଶଙ୍କୁ ସେ ହତ୍ୟା କରିଥିବା ଅଭିଯୋଗ ରହିଛି। ଗୁଜରାଟ ଏଟିଏସ୍ ସର୍ବ ପ୍ରଥମେ ଦକ୍ଷିଣ ଆଫ୍ରିକାରେ ନିୟାଜିକୁ ଟ୍ରାକ୍ କରିଥିଲା। ପରେ କେନ୍ଦ୍ରୀୟ ଏଜେନ୍ସିକୁ ସୂଚନା ଦେଇଥିଲା। ଏହା ପରେ ନିଆଜିକୁ ଦକ୍ଷିଣ ଆଫ୍ରିକାରୁ ଗିରଫ କରାଯାଇ ଭାରତକୁ ଅଣାଯାଇଛି। ବର୍ତ୍ତମାନ ମହମ୍ମଦ ଗେସ୍ ନିଆଜିଙ୍କୁ ମୁମ୍ବାଇ ନିଆଯାଇଛି । ବେଙ୍ଗାଲୁରୁରେ ଆରଏସଏସ କାର୍ଯ୍ୟକ୍ରମରେ ଯୋଗଦେବା ପରେ ରୁଦ୍ରେଶ ଘରକୁ ଫେରୁଥିଲେ। ଏହି ସମୟରେ ତାଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ଆକ୍ରମଣରେ ରୁଦ୍ରଶଙ୍କର ମୃତ୍ୟୁ ହୋଇଥିଲା।

## ଗ୍ରୀଷ୍ମ ପ୍ରଭାବ ଓ ଅଂଶୁଘାତର ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ

ଜୟପୁର, ୦୨/୩ (ନି.ପ୍ର): ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଆନୁକୂଲ୍ୟରେ ସହୀଦ ଲକ୍ଷଣ ନାୟକ ମେଡିକାଲ କଲେଜ ଅଡିଟୋରିୟମ୍ ହଲ୍ ରେ ଜିଲ୍ଲାପାଳ ପି. ଭି. କିର୍ତିଭାଶନଙ୍କ ଅଧକ୍ଷତାରେ ଗ୍ରୀଷ୍ମ ପ୍ରବାହଜନିତ ପରିସ୍ଥିତିର ସଠିକ ମୁକାବିଲା ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବିଭାଗୀୟ ଅଧିକାରୀମାନଙ୍କୁ ନେଇ ପାନୀୟ ଜଳ, ବିଦ୍ୟୁତ, ସ୍ୱାସ୍ଥ୍ୟ ସେବା, ଅଗ୍ନିଶମ ସେବା, ବିଦ୍ୟାଳୟ, ପରିବହନ, ପ୍ରାଣୀ ସମ୍ପଦ ବିଭାଗ ଓ ଅନ୍ୟାନ୍ୟ ବିଭାଗର ପଦକ୍ଷେପ ଉପରେ ବିସ୍ତୃତ ଭାବେ ସମୀକ୍ଷା କରିଥିଲେ । ଗ୍ରାମାଚଂଳରେ ପାନୀୟଜଳ ସମ୍ପର୍କୀୟ ଅଭିଯୋଗ ପାଇବାର ୨୪ ଘଂଟା ମଧ୍ୟରେ ନଳକୂଅ କାର୍ଯ୍ୟକ୍ଷମ ସହ ଯେଉଁଠି ନଳକୂପର ବ୍ୟବସ୍ଥା ହୋଇପାରୁନାହିଁ, ସେହି ଅଂଚଳରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ପରିଶେଷରେ ଜରୁରୀ କାଳୀନ ବିଭାଗର (ଡିଆରଆରସି) ଅବନୀ କାନ୍ତ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲେଶ୍ୱରରୁ ଗଡ଼ିଲା ବର୍ଷର ଅନ୍ତିମ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ପାଇଁ ସ୍ୱତନ୍ତ୍ର ରେଳ

ବାଲେଶ୍ୱର, ୦୨/୩ (ନି.ପ୍ର): ରାଜ୍ୟରେ ଆର୍ଥିକ ଅନଗ୍ରସର ଓ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ବରିଷ୍ଠ ନାଗରିକମାନଙ୍କୁ ସେମାନଙ୍କର ଆଧ୍ୟାତ୍ମିକ ଆକାଂକ୍ଷା ପୂରଣ ନିମନ୍ତେ ରାଜ୍ୟ ସରକାର ୨୦୧୬ ମସିହାରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ପ୍ରଣୟନ କରି ସେମାନଙ୍କୁ ଦେଶର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ପ୍ରଦାନ କରିଆସୁଛନ୍ତି । ଏହି ଯୋଜନାରେ ୬୦ ରୁ ୭୫ ବର୍ଷ ବୟସ୍କ ନାଗରିକମାନଙ୍କୁ ଜାତି ଧର୍ମ ନିର୍ବିଶେଷରେ ଚୟନ କରାଯାଉଅଛି । ହିତାଧିକାରୀ ଚୟନ ନିମନ୍ତେ ଅନ୍ତ୍ୟୋଦୟ / ଅର୍ଣ୍ଣପୂର୍ଣ୍ଣ। କାର୍ଡ / ବିଧବା ଭତ୍ତା କାର୍ଡ / ଖାଦ୍ୟସୁରକ୍ଷା ରେସନ କାର୍ଡ / ମନରେଗା କାର୍ଡ ଇତ୍ୟାଦି ମଧ୍ୟରୁ ଯେ କୌଣସି ଗୋଟିଏ ଆର୍ଥିକ ଅନଗ୍ରସରତାର ପ୍ରମାଣ ପତ୍ର ଭାବରେ ଦରଖାସ୍ତ ସହ ଦାଖଲ କରିବାକୁ ପଡିଥାଏ । ଏହି ଯୋଜନା ଅନ୍ତର୍ଗତ ଆଜି ବାଲେଶ୍ୱର ରେଳ ଷ୍ଟେସନ୍ରୁ ଦିବା ଘ. ୧୧.୪୦ ମି ସମୟରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର ଓ ଯାଜପୁର ଆଦି ୫ ଟି ଜିଲ୍ଲାର ୯୭୦ ଜଣ ବରିଷ୍ଠ ତୀର୍ଥଯାତ୍ରୀ ଓ ସମ୍ମିଳିତ ଜିଲ୍ଲାଗୁଡିକର ୩୦ ଜଣ ଏସ୍କର୍ଟ ଅଧିକାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ରେଳ ଆଗ୍ରା-ମଥୁରା ତୀର୍ଥସ୍ଥାନକୁ ଯାତ୍ରା କରିଛି ଓ ଏହି ତୀର୍ଥଯାତ୍ରା ନିମନ୍ତେ ଚୟନ ହୋଇଥିବା ଯାତ୍ରୀମାନେ ଗତ ୧ ତାରିଖରେ ଜିଲ୍ଲା ପ୍ରଶାସନ ମାନଙ୍କର ସହାୟତାରେ ନିଜ ଗ୍ରାମରୁ ସଦର ମହକୁମା ଏବଂ ସେଠାରୁ ବାଲେଶ୍ୱରର ପଦ୍ମାବତୀ ପାର୍କକୁ ଅପରାହ୍ନ ଘ. ୩ ଟା ସମୟରେ ଆସି ପହଞ୍ଚିବା ପରେ ସେଠାରେ ସେମାନଙ୍କର ପଞ୍ଜିକରଣ ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଭବ୍ୟ ସ୍ୱାଗତ କରାଯାଇଥିଲା ଓ ସରକାରୀ ଭାବେ ସେମାନଙ୍କର ରହଣି, ଖାଦ୍ୟପାନୀୟ ଆଦିର ବ୍ୟବସ୍ଥା ସହ ଆମୋଦ ନିମନ୍ତେ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଥିଲା । ଆଜି ପ୍ରତ୍ୟୁଷରୁ ବାଲେଶ୍ୱର ଜିଲ୍ଲା ପ୍ରଶାସନ ବ୍ୟବସ୍ଥାରେ ସେମାନଙ୍କୁ ରେଳ ଷ୍ଟେସନ ଅଣାଯାଇ ପାରମ୍ପରିକ ନୃତ୍ୟ ଗୀତ ଆଦି ମାଧ୍ୟମରେ ଷ୍ଟେସନ ପ୍ରବେଶ କରାଯାଇଥିଲା ଓ ଆଇ.ଆର.ସି.ଟି.ସି. ତରଫରୁ ଫୁଲ, ଚନ୍ଦନ ଓ ମାଳା ଦେଇ ସେମାନଙ୍କୁ ସ୍ୱାଗତ କରାଯାଇଥିଲା ଓ ପ୍ରବେଶ ସ୍ଥଳରେ ସେମାନଙ୍କୁ ଯାତ୍ରାର ଟିକେଟ୍ ଏବଂ ଆବଶ୍ୟକୀୟ ସାମଗ୍ରୀ ଥିବା କିଟ୍ ପ୍ରଦାନ କରାଯାଇଥିଲା ଓ ଆଇ.ଆର.ସି.ଟି.ସି. ଦ୍ୱାରା ଯାତ୍ରା ସମୟରେ ସମସ୍ତ ତୀର୍ଥଯାତ୍ରୀ ମାନଙ୍କର ରହିବା, ଯିବା ଆସିବା, ଖାଦ୍ୟପାନୀୟରେ ବ୍ୟବସ୍ଥା ସହ ଗସ୍ତ ଜଗୁଆଳି, ପଥପ୍ରଦର୍ଶକ, ଯାତ୍ରୀ ବୀମା ଏବଂ ଚିକିତ୍ସା ସୁବିଧା ମଧ୍ୟ ଯୋଗାଇ ଦିଆଯାଇଛି ଓ ଏହି ଯାତ୍ରା ନିମନ୍ତେ ବାଲେଶ୍ୱର ରେଳ ଷ୍ଟେସନର ୧ ନମ୍ବର ପ୍ଲାଟ୍ଫର୍ମରେ ଏକ ସଭାର ଆୟୋଜନ କରାଯାଇଥିଲା । ଓଡିଶା ସରକାରଙ୍କ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ତଥା ଅବକାରୀ ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ ଅଶ୍ୱିନୀ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଯୋଜନା ଅନ୍ତର୍ଗତ ସାଂସ୍କୃତିକ ତଥା ଧାର୍ମିକ ତୀର୍ଥକୁ ପ୍ରୋତ୍ସାହିତ କରିବାର ମହତ୍ତ୍ୱ ଉପରେ ଆଲୋକପାତ କରିବା ସହିତ ତୀର୍ଥଯାତ୍ରାରେ ଅଂଶଗ୍ରହଣ କରିଥିବା ବରିଷ୍ଠ ନାଗରିକଙ୍କ କଲ୍ୟାଣ ଉପରେ ଏହାର ସକାରାତ୍ମକ ପ୍ରଭାବ ପକାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ବାଲେଶ୍ୱର ସଦର ବିଧାୟକ ଶ୍ରୀ ସ୍ୱରୂପ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନର ଦକ୍ଷ ଓ ପ୍ରଭାବଶାଳୀ ସମନ୍ୱୟ ଦ୍ୱାରା ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ସମ୍ଭବ ହୋଇ ପାରିଛି ବୋଲି ମତ ପ୍ରକାଶ କରିଥିଲେ ଓ ଏଭଳି ପ୍ରଶଂସନୀୟ ଯୋଜନାର ସଂକଳ୍ପ ଏବଂ କାର୍ଯ୍ୟକାରିତା ପାଇଁ ରାଜ୍ୟ ସରକାରଙ୍କୁ ହୃଦୟରୁ କୃତଜ୍ଞତା ଜଣାଇବା ସହ ତୀର୍ଥଯାତ୍ରୀଙ୍କ ମଙ୍ଗଳ କାମନା କରିଥିଲେ ଶ୍ରୀ ଦାସ ଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଓ.ଟି.ଡି.ସି ଅଧକ୍ଷ ଶ୍ରୀ ଲେନିନ ମହାନ୍ତି ଏହି ପବିତ୍ର ତୀର୍ଥଯାତ୍ରାର ସଫଳତା କାମନା କରିବା ସହ ବରିଷ୍ଠ ନାଗରିକଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାରଙ୍କ ୨୦୧୬ ମସିହାରୁ ଆୟୋଜିତ ହୋଇ ଆସୁଥିବା ଏହି ଯୋଜନା ଅନ୍ତର୍ଗତ ଉପକୃତ ହୋଇଥିବା ବରିଷ୍ଠ ନାଗରିକମାନଙ୍କ ଆଶା ପୂରଣ କରିଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ ।ଭାରତ ବର୍ଷର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ପାଇଛନ୍ତି । ଏହି ଯୋଜନା ଅଧୀନରେ ଚଳିତ ବର୍ଷ ଅନୁଷ୍ଠିତ ହେଉଥିବା ୧୦ଟି ଯାତ୍ରା ମଧ୍ୟରୁ ଏହା ହେଉଛି ଶେଷ ଯାତ୍ରା ଓ ଉଲେଖ ଯୋଗ୍ୟ ଯେ ଏହି ତୀର୍ଥଯାତ୍ରା ସାରି ସେମାନେ ଆସନ୍ତା ୭ ତାରିଖରେ ଫେରିବାର କାର୍ଯ୍ୟକ୍ରମ ରହିଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

**ସ୍ୱାସ୍ଥ୍ୟ ଓ ଶିକ୍ଷାରେ ଯୋଡି ...**

ହସ୍ପିଟାଲ, ରାଉରକେଲା ସରକାରୀ ହସ୍ପିଟାଲ ଏବଂ ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ମେଡିକାଲ ଓ ଗବେଷଣା ପ୍ରତିଷ୍ଠାନକୁ ବିଶ୍ୱସ୍ତରୀୟ ଭିତ୍ତିଭୂମି ଯୋଗାଇଦେବା ପାଇଁ ଭିତ୍ତିପ୍ରସ୍ତର ରଖାଯାଇଛି। ମୁଖ୍ୟମନ୍ତ୍ରୀଙ୍କ 'ସୁସ୍ଥ ଓଡିଶା ସୁଖୀ ଓଡିଶା' ଗଠନ ଦିଗରେ ଏଗୁଡିକ ହେଉଛି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜି ଦିନଟି ଓଡିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ମାଇଲଷ୍ଟୋନ ହୋଇ ରହିବ। ଶନିବାର ଗୋଟିଏ ଦିନରେ ୫ଟି ମେଡିକାଲ କଲେଜ ହସ୍ପିଟାଲରେ ୨,୯୫୦ ଶଯ୍ୟା ଯୋଡି ହେଲା। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୨ ହଜାର କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇଛି। ବଲାଙ୍ଗିରରୁ ବାରିପଦା, ସୁନ୍ଦରଗଡରୁ କେନ୍ଦୁଝର ଓ ବାଲେଶ୍ୱର ସବୁ ଅଞ୍ଚଳର ଜନସାଧାରଣ ଏହା ଦ୍ୱାରା ଉପକାର ପାଇବେ। ଆମ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଉପରେ ଲୋକଙ୍କ ବିଶ୍ୱାସ ବଢିଛି। ଲୋକଙ୍କୁ ଉତ୍ତମ ଚିକିତ୍ସା ଓ ସେବା ଯୋଗାଇଦେବା ଆମର ଲକ୍ଷ୍ୟ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ପୁଣି ମଧ୍ୟ କହିଥିଲେ ଯେ, ଦିନ ଥିଲା ଓଡିଶାରେ ମାତ୍ର ୩ଟି ସରକାରୀ ମେଡିକାଲ କଲେଜ ଥିଲା। ଗତ ୬ ବର୍ଷ ମଧ୍ୟରେ ୮ଟି ନୂଆ ମେଡିକାଲ କଲେଜ ଓ ୨ଟି ସ୍ନାତକୋତ୍ତର ପ୍ରତିଷ୍ଠାନ ଗଢି ଉଠିଛି। ଆଗାମୀ ଦିନରେ ଆଉ ୩ଟି ମେଡିକାଲ କଲେଜ ମଧ୍ୟ ହେବାକୁ ଯାଉଛି। ପ୍ରତି ବର୍ଷ ଡାକ୍ତର ଓ ପାରାମେଡିକ୍ ଷ୍ଟାଫଙ୍କୁ ନିଯୁକ୍ତି ଦିଆଯାଉଛି।

**୧୯୫ ଜଣଙ୍କ ....**

କୋଟାରୁ, ଗୃହ ମନ୍ତ୍ରୀ ଅମିତ ଶାହ ଗୁଜରାଟର ଗାନ୍ଧୀନଗରରୁ ଓ ରାଜନାଥ ସିଂହ ଲକ୍ଷ୍ନୌରୁ ପ୍ରାର୍ଥୀ ହେବେ। ବିଜେପି ଆଜି ୧୬ଟି ରାଜ୍ୟ ଓ ୨ଟି କେନ୍ଦ୍ର ଶାସିତ ଅଞ୍ଚଳରୁ ୧୯୫ଟି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ଏହି ତାଲିକାରେ ଉତ୍ତର ପ୍ରଦେଶରୁ ସର୍ବାଧିକ ୫୧ ଜଣ ପ୍ରାର୍ଥୀଙ୍କ ନାଁ ରହିଛି। ପଶ୍ଚିମବଙ୍ଗରୁ ୨୦ଟି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଥିବା ବେଳେ ମଧ୍ୟ ପ୍ରଦେଶରୁ ୨୪, ଗୁଜରାଟରୁ ୧୫, ରାଜସ୍ଥାନରୁ ୧୫, କେରଳରୁ ୧୨, ତେଲେଙ୍ଗାନାରୁ ୯, ଆସାମରୁ ୧୧, ଝାଡ଼ଖଣ୍ଡରୁ ୧୧, ଛତିଶଗଡ଼ରୁ ୧୧, ଦିଲ୍ଲୀରୁ ୫, ଜମ୍ମୁ ଓ କଶ୍ମୀରରୁ ୨, ଉତ୍ତରାଖଣ୍ଡରୁ ୩, ଅରୁଣାଚଳ ପ୍ରଦେଶରୁ ୨, ଗୋଆରୁ ୧, ତ୍ରିପୁରା ୧, ଆଣ୍ଡାମାନରୁ ୧ ଓ ଡାମନ ଡିଉରୁ ଗୋଟିଏ ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ଘୋଷଣା କରାଯାଇଛି। ଏହି ପ୍ରାର୍ଥୀଙ୍କ ମଧ୍ୟରେ ୨୮ ଜଣ ମହିଳା ଥିବା ବେଳେ ୫୦ରୁ କମ୍ ବୟସର ୪୭ ଜଣ ବ୍ୟକ୍ତି ରହିଛନ୍ତି। ସେହିପରି ଅନୁସୂଚିତ ଜାତିରୁ ୨୭ ଜଣ ପ୍ରାର୍ଥୀ ଥିବା ବେଳେ ଅନୁସୂଚିତ ଜନଜାତିରୁ ୧୮ ଓ ଓବିସିରୁ ୫୭ ଜଣ ପ୍ରାର୍ଥୀ ହୋଇଛନ୍ତି। ଏହି ୧୯୫ ଜଣ ପ୍ରାର୍ଥୀଙ୍କ ମଧ୍ୟରେ ୩୪ ଜଣ କେନ୍ଦ୍ର ମନ୍ତ୍ରୀ ଅଛନ୍ତି। ଅରୁଣାଚଳ ୱେଷ୍ଟରୁ ଲଢ଼ିବେ କେନ୍ଦ୍ର ମନ୍ତ୍ରୀ କିରଣ ରିଜିଜୁ। ସେହିପରି ଦିବ୍ରୁଗଡ଼ରୁ ଲଢ଼ିବେ କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୱାଲ। ସ୍ମୃତି ଇରାନୀ ଆମେଥିରୁ ପ୍ରାର୍ଥୀ ହେବେ। କୋର୍ବାରୁ ସରୋଜ ପାଣ୍ଡେ, ରାୟପୁରରୁ ବ୍ରିଜମୋହନ ଅଗ୍ରୱାଲ, ଦିଲ୍ଲୀ ଚାନ୍ଦିନୀଚୌକରୁ ପ୍ରବୀଣ ଖଣ୍ଡେଲୱାଲ, ନର୍ଥଇଷ୍ଟ ଦିଲ୍ଲୀରୁ ମନୋଜ ତିୱାରୀ, ନୂଆଦିଲ୍ଲୀରୁ ବାଂସୁରୀ ସ୍ୱରାଜ, ପଶ୍ଚିମ ଦିଲ୍ଲୀରୁ କମଲଜୀତ ସହରାୱତ, ଦକ୍ଷିଣ ଦିଲ୍ଲୀରୁ ରାମବୀର ସିଂହ ବିଧୁଡ଼ୀ, ପୋରବନ୍ଦରରୁ ମନସୁଖ ମାଣ୍ଡଭୀୟ, ଉଧମପୁରରୁ ଜିତେନ୍ଦ୍ର ସିଂହ, ଜମ୍ମୁରୁ ଯୁଗଳ କିଶୋର ଶର୍ମା, ଖୁଣ୍ଟିରୁ ଅର୍ଜୁନ ମୁଣ୍ଡା, ସିଂହଭୂମରୁ ଗୀତା କୋଡ଼ା, ହଜାରୀବାଗରୁ ମନୀଷ ଜୟସୱାଲ, ତିରୁବନନ୍ତପୁରମରୁ ରାଜୀବ ଚନ୍ଦ୍ରଶେଖର, ଗୁନାରୁ ଜ୍ୟୋତିରାଦିତ୍ୟ ସିନ୍ଧିଆ, ବିଦିଶାରୁ ଶିବରାଜ ସିଂହ ଚୌହ୍ୱାନ, ବିକାନିରରୁ ଅର୍ଜୁନରାମ ମେଘୱାଲ, ଅଲୱାରରୁ ଭୂପେନ୍ଦ୍ର ଯାଦବ, ଯୋଧପୁରରୁ ଗଜେନ୍ଦ୍ର ସିଂ ଶେଖାୱତ, ମଣ୍ଡଲାରୁ ଫଗ୍ଗନ ସିଂହ କୁଲସ୍ତେ, ସିକନ୍ଦରାବାଦରୁ ଜି. କୀଷନ ରେଡ୍ଡୀ, ତ୍ରିପୁରା ପଶ୍ଚିମରୁ ବିପ୍ଳବ ଦେବ, ମଥୁରାରୁ ହେମା ମାଳିନୀ, ଖେରିରୁ ଅଜୟ ମିଶ୍ରା ଟେନି, ଫତେପୁରରୁ ସାଧ୍ୱୀ ନିରଞ୍ଜନା ଜ୍ୟୋତି, ଡୁମୁରିଆଗଞ୍ଜରୁ ଜଗଦମ୍ବିକା ପାଲ୍, ଗୋରଖପୁରରୁ ରବି କିଷନ, କୁଚ୍ବେହାରରୁ ନୀଶିଥ ପ୍ରମାଣିକ, ବେଲୁରଘାଟରୁ ସୁକାନ୍ତ ମଜୁମଦାର ଓ ହୁଗ୍ଲିରୁ ଲକେଟ ଚାଟାର୍ଜୀ ପ୍ରମୁଖଙ୍କ ନାଁ ପ୍ରଥମ ପର୍ଯ୍ୟାୟ ତାଲିକାରେ ଅଛି।

## ଓଡ଼ିଶାରେ ବିଜେପି ...

ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି ମନମୋହନ। ସେ କହିଛନ୍ତି, ଏଥିପାଇଁ କାର୍ଯ୍ୟକର୍ତ୍ତାମାନେ କଠିନ ପରିଶ୍ରମ କରିବା ଦରକାର। ଓଡ଼ିଶାରେ ବିଜେପି ନିଶ୍ଚୟ ସରକାର କରିବ। ଲୋକ ଏଥର ଛପର ଫାଡି ବିଜେପିକୁ ଭୋଟ ଦେବେ। ଅଧିକାଂଶ ସିଟ୍ ବିଜେପି ଜିତିବ। ଲୋକସଭା ତାଲିକା ଶୀଘ୍ର ପ୍ରକାଶ ପାଇବ। ପରବର୍ତ୍ତୀ ସ୍ତରରେ ଅନ୍ୟ ତାଲିକା ବାହାରିବ। ଯେକୌଣସି ମୁହୂର୍ତ୍ତରେ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ ବୋଲି ମନମୋହନ ସୂଚନା ଦେଇଛନ୍ତି।

## ପାରଦ ଉପର ...

ଆସନ୍ତାକାଲି ଉତ୍ତର ଆଭ୍ୟନ୍ତରୀଣ ଜିଲ୍ଲା ଗୁଡ଼ିକରେ ହାଲ୍କାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ତେବେ ତୃତୀୟ ଦିନରେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆଗାମୀ ଦୁଇ ଦିନ ଯାଏଁ ରାଜ୍ୟରେ କେତେକ ସ୍ଥାନରେ ଦିନର ତାପମାତ୍ର ୨ ଡିଗ୍ରୀ ବୃଦ୍ଧି ହେବାର ସମ୍ଭାବନା ରହିଛି। ଏହାଛଡ଼ା ସକାଳେ କେତେକ ଜିଲ୍ଲାରେ ଘନ କୁଡୁଡି ହେବାର ସମ୍ଭାବନା ରହିଛି। ତେଣୁ ସକାଳେ ଯାଉଥିଲେ ସତର୍କତାର ସହ ଯାତ୍ରା କରନ୍ତୁ ବୋଲି କୁହାଯାଇଛି।

## ଆମେରିକାରେ ଭାରତୀୟ...

ସେ ସନ୍ଧ୍ୟାରେ ଇଭିନିଂ ୱାକ୍ରେ ବାହାରିଥିଲେ। ଏହି ସମୟରେ ଜଣେ ଅଜ୍ଞାତ ବନ୍ଧୁକଧାରୀ ତାଙ୍କ ଉପରକୁ ଆଖିବୁଜା ଗୁଳିମାଡ କରିଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଅମରନାଥ ସେଣ୍ଟ ଲୁଇସ୍ରେ ୱାଶିଂଟନ୍ ବିଶ୍ୱବିଦ୍ୟାଳୟରେ ନୃତ୍ୟରେ ମାଷ୍ଟର ଅଫ୍ ଫାଇନ୍ ଆର୍ଟସ୍ ପାଠ ପଢୁଥିଲେ। ଭରତନାଟ୍ୟମ୍ ଡ୍ୟାନ୍ସର ଅମରନାଥ ଘୋଷଙ୍କ ମୃତ୍ୟୁକୁ ନେଇ ଅଭିନେତ୍ରୀ ଦେବୋଲିନା ଭଟ୍ଟାଚାର୍ଜୀ ଆମେରିକାରେ ଥିବା ଭାରତୀୟ ଦୂତାବାସ, ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହାୟତା ଲୋଡିଛନ୍ତି। ସେ ଏହି ମାମଲର ଯାଞ୍ଚ କରିବା ପାଇଁ ଦାବି କରିଛନ୍ତି। ସେପଟେ ଭାରତର ମହାବାଣିଜ୍ୟ ଦୂତାବାସ ଅମରନାଥ ଘୋଷଙ୍କ ହତ୍ୟାକୁ ନେଇ ଦୁଃଖ ପ୍ରକାଶ କରିଛି। ମିସୌରୀର ସେଣ୍ଟ ଲୁଇସରେ ହତ୍ୟା କରାଯାଇଥିବା ଅମରନାଥ ଘୋଷଙ୍କ ପରିବାର ଓ ତାଙ୍କ ସାଙ୍ଗସାଥୀଙ୍କ ପ୍ରତି ଆମର ଗଭୀର ସମବେଦନା ରହିଛି। ଏହି ମାମଲାରେ ଫରେନ୍ସିକ୍ ଓ ପୁଲିସ ମିଶି ଯାଞ୍ଚ କରୁଛି। ଯଥା ସମ୍ଭବ ଆମେ ଏହି ମାମଲାରେ ସହାୟତା ପ୍ରଦାନ କରିବାକୁ ପୂରା ଚେଷ୍ଟା କରିବୁ ବୋଲି ଭାରତର କନସୁଲେଟ୍ ଜେନେରାଲ୍ କହିଛି। ଦେବୋଲିନାଙ୍କ କହିବା ମୁତାବକ, ଅମରନାଥ ତାଙ୍କ ପରିବାରର ଗୋଟିଏ ମାତ୍ର ସଦସ୍ୟ ଥିଲେ। ସାଙ୍ଗସାଥୀ ବିନା ତାଙ୍କର ଆଉ କେହି ନାହାନ୍ତି। ତିନି ବର୍ଷ ପୂର୍ବେ ତାଙ୍କ ମା'ଙ୍କ ପ୍ରଥମେ ମୃତ୍ୟୁ ହୋଇଥିଲା।

# କୋଟପାଡରେ ସଡକ ଦୁର୍ଘଟଣା: ଜଣେ ମୃତ, ୩ ଗୁରୁତର

ଭୁବନେଶ୍ୱର/କୋଟପାଡ, ୦୨/୩ (ନି.ପ୍ର): କୋରାପୁଟ ଜିଲ୍ଲା କୋଟପାଡ଼ ବ୍ଲକ ଅନ୍ତର୍ଗତ ଗୀର୍ଲ୍ଲା ଗ୍ରାମ ନିକଟରେ ସଡକ ଦୁର୍ଘଟଣା ଘଟିଛି । ଭାରସାମ୍ୟ ହରାଇ ଓଲଟି ପଡିଛି ଛଟା ହାତି ଗାଡି । ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ତିନି ଜଣ ଆହତ ହୋଇଛନ୍ତି । ମୃତକ ହେଲେ କୋଟପାଡ଼ ବ୍ଲକ ୪ ନମ୍ବର ଗ୍ରାମର ରଘୁନାଥ ମଛଡ଼ି । ଆହତ ମାନଙ୍କ ମଧ୍ୟରୁ ଜଣଙ୍କୁ କୋଟପାଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଅନ୍ୟ ୨ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ଜୟପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।

E-mail: ee_rwbdk@yahoo.com

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-I BHADRAK
"e" Procurement Notice for Road Work
Bid Identification No. Online Tender 23 of 2023-24

1. Name of the Work :- Road & Building
2. Total No of Works :- 01 Nos
3. Estimated Cost :- Rs.5.46 lakhs
4. Class of Contractor :- "C" & "D" Class
5. Period of Completion :- As per Annexure
6. Type of Tender :- Single Cover
7.Other Details :-

| Procurement Officer | Bid Indentification No. | Availability of Tender On-line for bidding | | Date of seeking of Tender | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | | 4 | 5 |
| Executive Engineer, Rural Works Division-I, Bhadrak | Online-23 of 2023-24 | 03.03.2024 At- 11.00 A.M | 07.03.2024 At- 4.00 P.M | 07.03.2024 At-12.00 P.M | 07.03.2024 At- 5.00 P..M. |

Further details can be seen from the e-procurement portal "https:// tendersorissa.gov.in "

Sd/-Er.Kanan Pradhan
Executive Engineer
R.W. Division, Bhadrak

OIPR: 25060/11/0026/2324

# ମାର୍ଚ୍ଚ ୧୫ ରୁ ୧୭ ନାଗପୁରରେ ହେବ ଅଖିଳ ଭାରତୀୟ ପ୍ରତିନିଧି ସଭା

ଭୁବନେଶ୍ୱର, ୦୨/୩ (ନି.ପ୍ର): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବାର୍ଷିକ ଅଖିଳ ଭାରତୀୟ ପ୍ରତିନିଧି ସଭା ଚଳିତ ମାର୍ଚ୍ଚ ୧୫ରୁ ୧୭ ତାରିଖ ତିନି ଦିନ ଧରି ମହାରାଷ୍ଟ୍ରର ନାଗପୁର ସ୍ଥିତ ରେଶିମବାଗ ସ୍ମୃତି ଭବନ ପରିସରରେ ଅନୁଷ୍ଠିତ ହେବ ବୋଲି ସଂଘର ଅଖିଳ ଭାରତୀୟ ପ୍ରଚାର ପ୍ରମୁଖ ସୁନୀଲ ଆମ୍ବେକର ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି । ଶ୍ରୀ ଆମ୍ବେକର କହିଛନ୍ତି ଯେ,ଏହି ବୈଠକରେ ୨୦୨୩-୨୪ ପାଇଁ ସଂଘ କାର୍ଯ୍ୟର ସମୀକ୍ଷା ଏବଂ ଆସନ୍ତା ବର୍ଷ (୨୦୨୪-୨୫) ପାଇଁ ସଂଘ କାର୍ଯ୍ୟ ଯୋଜନା ଉପରେ ଚର୍ଚ୍ଚାହେବ । ପରମ ପୂଜନୀୟ ସରସଂଘଚାଳକଜୀଙ୍କ ସମେତ ଅନ୍ୟ ସମସ୍ତ ଅଖିଳ ଭାରତୀୟ କାର୍ଯ୍ୟକର୍ତାଙ୍କ ପ୍ରବାସ ତଥା ସଂଘ ଶିକ୍ଷା ବର୍ଗରେ ସ୍ୱୟଂସେବକମାନଙ୍କ ପ୍ରଶିକ୍ଷଣ ପାଇଁ ନୂତନ ଯୋଜନାର କାର୍ଯ୍ୟାନ୍ୱୟନ ଉପରେ ବିଚାର କରାଯିବ । ସଂଘର ଶତବାର୍ଷିକୀ ପାଇଁ କାର୍ଯ୍ୟ ବିସ୍ତାର ଯୋଜନାକୁ ଦୃଢୀକରଣ ସହିତ ବିଶେଷ ଭାବରେ ଆସନ୍ତା ଶତବାର୍ଷିକ ଉପକ୍ରମ ଉପରେ ଆଲୋଚନା ହେବ । ଦେଶର ବର୍ତମାନ ପରିସ୍ଥିତି ଉପରେ ବିଚାର କରାଯାଇ ମହତ୍ୱପୂର୍ଣ୍ଣ ବିଷୟ ଗୁଡିକରେ ମଧ୍ୟ ପ୍ରସ୍ତାବ ପାରିତ ହେବ ।

ସଂଘର ପ୍ରତିନିଧି ସଭା ପ୍ରତିବର୍ଷ ଦେଶର ବିଭିନ୍ନ ସ୍ଥାନରେ ତଥା ପ୍ରତି ତିନି ବର୍ଷରେ ଥରେ ନାଗପୁରଠାରେ ଅନୁଷ୍ଠିତ ହୋଇଥାଏ । ସଂଘର ୪୫ଟି ପ୍ରାନ୍ତରୁ ୧୫୦୦ ପ୍ରତିନିଧି ଏହି ସଭାରେ ଅଂଶଗ୍ରହଣ କରିବେ । ପ୍ରତିନିଧି ସଭା ବୈଠକରେ ସରସଂଘଚାଳକ ଡ. ମୋହନ ଭାଗବତ, ସରକାର୍ଯ୍ୟବାହ ଦତାତ୍ରେୟ ହୋସବାଲେ, ସମସ୍ତ ସହସରକାର୍ଯ୍ୟବାହ, ଅଖିଳ ଭାରତୀୟ କାର୍ଯ୍ୟକାରିଣୀ , କ୍ଷେତ୍ର ଓ ପ୍ରାନ୍ତ କାର୍ଯ୍ୟକାରିଣୀ, ସଂଘର ନିର୍ବାଚିତ ଅଖିଳ ଭାରତୀୟ ପ୍ରତିନିଧି, ସମସ୍ତ ବିଭାଗ ପ୍ରଚାରକ ଏବଂ ବିବିଧ ସଂଗଠନର ନିମନ୍ତ୍ରିତ କାର୍ଯ୍ୟକର୍ତାମାନେ ଭାଗ ନେବେ ।

ରବିବାର, ମାର୍ଚ୍ଚ ୦୩, ୨୦୨୪

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ମହାପ୍ରଭୁ ଲିଙ୍ଗରାଜଙ୍କ ପ୍ରସିଦ୍ଧ ଜାଗରଯାତ୍ରା ନେଇ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, ୦୨/୩ (ନି.ପ୍ର): ଲିଙ୍ଗରାଜ ମହାପ୍ରଭୁଙ୍କ ଚଳିତ ବର୍ଷ ପ୍ରସିଦ୍ଧ ମହାଶିବ ରାତ୍ରି ପର୍ବ ଅବସରରେ ଖୋର୍ଦ୍ଧା ଜିଲ୍ଲାପାଳ ଚଂଚଳ ରଣାଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ କମିଟି ବୈଠକ ସର୍କିଟ ହାଉସ୍ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସେବାୟତ, ମନ୍ଦିର ପ୍ରଶାସନ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଏବଂ ପ୍ରଶାସନିକ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଚଳିତ ବର୍ଷର ଜାଗର ଯାତ୍ରାକୁ ମହାଆଡ଼ମ୍ବରରେ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ଜିଲ୍ଲାପାଳ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସେହିଭଳି ଭୁବନେଶ୍ୱର ମହାନଗର ନିଗମ ମେୟର ଶ୍ରୀମତୀ ସୁଲୋଚନା ଦାସ ଯୋଗଦେଇ ପୂର୍ବବର୍ଷ ଭଳି ଚଳିତ ବର୍ଷ ବିଏମ୍‌ସି ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବୈଠକ ପ୍ରାରମ୍ଭରେ ଜାଗର ନୀତି ନିର୍ଘଂଟ ସଂପର୍କରେ ଆଲୋଚନା କରାଯାଇଥିଲା । ଚଳିତ ବର୍ଷ ଆସନ୍ତା ମାର୍ଚ୍ଚ ୮ ତାରିଖ ଭୋର ୩ ଘଟିକା ସମୟରେ ମନ୍ଦିର ଖୋଲାଯାଇ ରାତ୍ର ୧୦ ଘଟିକା ସମୟରେ ମହାଦୀପ ଉଠିବା ନେଇ ପୂର୍ବରୁ ନୀତି ନିର୍ଘଂଟ ସ୍ଥିର କରାଯାଇଛି। ଏଥିରେ ଶ୍ରୀଜିଉଙ୍କ ସମସ୍ତ ପାଳିଆ ଓ ସେବାୟତ ମନ୍ଦିରରେ ଉପସ୍ଥିତ ପୂର୍ବକ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଏଥି ସହ ଉକ୍ତ ବୈଠକରେ ବିଭିନ୍ନ ଆନୁଷଙ୍ଗିକ ଦାୟିତ୍ୱ ମଧ ବିଭାଗୀୟ ଅଧିକାରୀମାନଙ୍କୁ ପ୍ରଦାନ କରାଯାଇଛି । ଜାଗର ଅବସରରେ ମନ୍ଦିରର ଅନ୍ତଃଗୃହ, ବେଢ଼ା ପରିଷ୍କାରପରିଚ୍ଛନ୍ନତା, ପାଦୁକା ନାଳ ସଫା, ଆଲୋକୀକରଣ, ବ୍ୟାରିକେଡିଂ, ଟ୍ରାଫିକ୍ ନିୟନ୍ତ୍ରଣ, ଶାନ୍ତିଶୃଙ୍ଖଳା ରକ୍ଷା, ପାନୀୟ ଜଳ ଯୋଗାଣ, ସୂଚନା କେନ୍ଦ୍ର, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ଆଶୁ ଆରୋଗ୍ୟ କେନ୍ଦ୍ର, ଆମ୍ବୁଲାନ୍ସ ମୁତୟନ, ଅଗ୍ନି ନିର୍ବାପକ ବ୍ୟବସ୍ଥା ସଂପର୍କରେ ବିଶଦ ଭାବରେ ଆଲୋଚନା କରାଯାଇ ତଦନୁଯାୟୀ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଜାଗର ଯାତ୍ରା ସମୟରେ ବିଭିନ୍ନ ସେବା ପ୍ରଦାନ ପାଇଁ ନିୟୋଜିତ ସ୍ୱେଚ୍ଛାସେବୀ ସଂଗଠନମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ବୈଠକ କରାଯାଇ ସେମାନଙ୍କ ମତାମତକୁ ବିଚାରକୁ ନିଆଯାଇ ପ୍ରଶାସନ ପକ୍ଷରୁ ସହଯୋଗ ଯୋଗାଇ ଦିଆଯିବ।

## ଚଡପାଳପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାଲିଆପାଳ , ୦୨/୩ (ନି.ପ୍ର): ପ୍ରତ୍ୟେକ ବିଦ୍ୟାଳୟ ଗୋଟିଏ ଗୋଟିଏ ମଣିଷ ତିଆରି କାରଖାନା। କାରଖାନା ର ବିନ୍ଧାଣୀମାନେ ନୀତି ଆଦର୍ଶ ମଧ୍ୟରେ ରହିଲେ ତାହାର ପ୍ରଭାବ ଛାତ୍ର ଛାତ୍ରୀଙ୍କ ଉପରେ ପଡେ। ଯାହା ଫଳରେ ସେମାନେ ଭବିଷ୍ୟତରେ ଭଲ ମଣିଷ ହୁଅନ୍ତି , ଏହା ଏକ ଗାଥା ହୋଇ ରହିଯାଏ ବୋଲି ଶୁକ୍ରବାର ବାଲିଆପାଳ ବ୍ଲକ ନିଖିରା ପଞ୍ଚାୟତ ଚଡପାଳପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଅତିଥିମାନେ ଯୋଗ ଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ପରିଚାଳନା କମିଟି ସଭପତି ସନ୍ତୋଷ କୁମାର ମାଝୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟ ରବୀନ୍ଦ୍ର ନାଥ ଅଣ୍ଡିଆ ମୁଖ୍ୟ ଅତିଥି, ଶିକ୍ଷାବିତ ବରିଷ୍ଠ ଅଧ୍ୟାପକ ଡଃ ସୁକାନ୍ତ କୁମାର ଗିରି ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଭାବରେ ବାଲିଆପାଳ ପଞ୍ଚାୟତ ସମିତି ଅଧକ୍ଷା ରଞ୍ଜିତା ନାୟକ, ନିଖିରା ସରପଞ୍ଚ ଅଞ୍ଜନ କୁମାର ଗିରି, ଉତ୍କଳ ସମ୍ମିଳନୀ ବାଲିଆପାଳ ବ୍ଲକ ସମ୍ପାଦକ ସନ୍ୟାସୀ ବେହେରା , ଗ୍ରାମ୍ୟ ମୁଖ୍ୟ ଭଗବାନ ଚରଣ ଜେନା ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ମନୋଜ କୁମାର ଗିରି ବିବରଣୀ ପାଠ କରିଥିବା ବେଳେ ସହକାରୀ ଶିକ୍ଷକ ହେମନ୍ତ କୁମାର ପ୍ରଧାନ ମଞ୍ଚ ଆହ୍ୱାନ କରିଥିଲେ। ଶିକ୍ଷକ ଅରୁଣ କୁମାର ଜେନା, ସଞ୍ଜୟ କୁମାର ଜେନା, ବିଦ୍ୟାଧର ମହାପାତ୍ର, ଶିକ୍ଷୟତ୍ରୀ କନକ ଲତା ସିଂ ପ୍ରମୁଖ ଏହାକୁ ପରି ଚାଳନା କରିଥିଲେ। ପରେ ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା।

## ବେତନଟୀ ଡାକ୍ତରଖାନାରେ ରୋଗୀ କଲ୍ୟାଣ ସମିତି ବୈଠକ

ବେତନଟୀ , ୦୨/୩ (ନି.ପ୍ର): ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଆଜି ରୋଗୀ କଲ୍ୟାଣ ସମିତି ର ବୈଠକ ଅନୁଷ୍ଠିତ ହୋଇଯାଇଛି। ବେତନଟୀ ଚିକିତ୍ସା ଅଧିକାରୀ ତଥା ରୋଗୀ କଲ୍ୟାଣ ସମିତି ର ସମ୍ପାଦକ ସିପୁନ ପଣ୍ଡା ଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ରୋଗୀ କଲ୍ୟାଣ ର ଅଧକ୍ଷ ବିଧାୟକ ସନାତନ ବିଜୁଳି ଓ ରୋଗୀ କଲ୍ୟାଣ ସମିତି ର ଉପାଧକ୍ଷ ବେତନଟୀ ବିଡ଼ିଓ ଅମୃତ ରାଉଳ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ବୈଠକରେ ବିପିଏମ ସସ୍ମିତା ଦାସ ପୂର୍ବ ବର୍ଷ ର ବିବରଣୀ ପାଠ କରିଥିଲେ। ଆଗାମୀ ରୋଗୀ କଲ୍ୟାଣ ସମିତି ମାଧ୍ୟମରେ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ଆବଶ୍ୟକୀୟ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ପାଇଁ ପ୍ରସ୍ତାବ ମାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ରୋଗୀ କଲ୍ୟାଣ କମିଟି ର ସଦସ୍ୟ ଛତୀସ ପାତ୍ର, ଚୂଡ଼ାମଣି ମହାପାତ୍ର, ରାଜେଶ ନାୟକ, ଡାକ୍ତର ରାଜଶ୍ରୀ ସାହୁ, ସହକାରୀ ଶିକ୍ଷା ଅଧିକାର ଗୋପାଳ ଚନ୍ଦ୍ର ସେନାପତି, ବିପିଏମ ମଧୁସ୍ମିତା ଦାସ, ଏନ୍.ଏଚ.ମ ଜେଇ ମଧୁସ୍ମିତା ଦଣ୍ଡପାଟ, ବେତନଟୀ ବ୍ଲକ ସାମ୍ବାଦିକ ସଂଘ ର ସଭାପତି ଧରଣୀଧର ମହାନ୍ତି, କାର୍ଯ୍ୟକାରୀ ସଭାପତି ସର୍ବେଶ୍ୱର ମହାନ୍ତ,ଉପ ସଭାପତି ଗତିକୃଷ୍ଣ ମହାନ୍ତ , ସଧାରଣ ସମ୍ପାଦକ ଅନୁପ କୁମାର ଦଣ୍ଡପାଟ, ଉଦିତ କୁମାର ପରିଡା, ହରିଶ ଚନ୍ଦ୍ର ସାମଲ, ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଲକ୍ଷ୍ମୀପ୍ରିୟା ବିନ୍ଧାଣୀ , ସଜୁଶ୍ରୀ ଦାସ, ଶକ୍ତି ରଞ୍ଜନ ମହାନ୍ତି, ଅମିତାବ ଦାସ, ଉର୍ମିଳା ଦଳେଇ, ସ୍ନେହଲତା ସାହୁ, ମନ୍ମଥ ମହାନ୍ତ, ସନ୍ତୋଷ କୁମାର ଗିରି, ସର୍ବେଶ୍ୱର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ବାସୁଦେବପୁର କଂଗ୍ରେସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ



ବାସୁଦେବପୁର, ୦୨/୩ (ନି.ପ୍ର): ବାସୁଦେବପୁର ବ୍ଲକ କଂଗେସ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅଶୋକ ଦାସ ଙ୍କ ବାସ ଭବନ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଆଜି ସକାଳେ ଏକ ନ୍ୟୁଜ ଚନେଲ ଖବର ପ୍ରସାରଣ ସାମାଜିକ ଗଣ ମାଧ୍ୟମ ରେ କରିଥିଲେ ଯେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର କଂଗ୍ରେସ ଦଳର ବିଧାନ ସଭା ପ୍ରାର୍ଥୀ ଅଶୋକ ଦାସ ହାତ ଚିହ୍ନ ଛାଡ଼ି ପଦ୍ମ ଫୁଲ ଧରିଲେ । ଏହି ଖବରକୁ ଆଜି ସାମ୍ବାଦିକ ସମ୍ମିଳନୀ ଡ଼ାକି ଜିଲ୍ଲା କଂଗ୍ରେସ କମିଟି ସଭାପତି ଅଶୋକ ଦାସ ଖଣ୍ଡନ କରିଛନ୍ତି । ଶ୍ରୀ ଅଶୋକ ଦାସ ତାଙ୍କ ମତ ପ୍ରକାଶ କରି କହିଲେ ମୁଁ କଂଗେସ ଦଳରେ ଥିଲି ଅଛି ଏବଂ ଜନ ସାଧାରଣଙ୍କ ସେବା ପାଇଁ ରହିବି । ମୋ ନାମରେ ଯେଉଁ ମିଛ ଖବର ପ୍ରଚାର ଚାଲିଛି ସେଥି ପାଇଁ ଆମେ ଆଇନ ର ଆଶ୍ରୟ ନେବୁ । ଏହି ସମ୍ମିଳନୀରେ ବ୍ଲକ କଂଗେସ କମିଟି ସଭାପତି ରମେଶ ଚନ୍ଦ୍ର ବଳ, ପ୍ରଭାତ ବାରିକ, ସୁବାସ ଚନ୍ଦ୍ର ସନ୍ଧି ବିଗ୍ରହ, ଶଶିକାନ୍ତ ବାରିକ , ସୁଶାନ୍ତ ମହାକୁଡ, ରମେଶ ଚଣ୍ଡ, ସୁବ୍ରତ ବେହୁରା, ହରି ଶଙ୍କର ପଟ୍ଟନାୟକ, ପ୍ରଶାନ୍ତ ଦଳେଇ, ଅକ୍ଷୟ ବାରିକ ପ୍ରମୁଖ ଯୋଗ ଦେଇଥିଲେ ।

## ମହିଳା ଆରକ୍ଷଣ ବିଧେୟକ ଦେଶ ପାଇଁ ମହତ୍ୱପୂର୍ଣ୍ଣ : ପ୍ରମିଳା ପଣ୍ଡା



ଉଦଳା, ୦୨/୩ (ନି.ପ୍ର): ଲିଙ୍ଗଗତ ରାଜନୀତିର ଅବସ୍ଥାକୁ ଆଖିଆଗରେ ରଖି ମହିଳା ମାନଙ୍କୁ ରାଜନୀତି କ୍ଷେତ୍ରରେ ପାଦ ରଖିବା ଏବଂ ଉପଯୁକ୍ତ ପ୍ରତିନିଧିତ୍ୱ ଦେବା ଭଳି କାର୍ଯ୍ୟ ପାଇଁ ମହିଳା ସଂରକ୍ଷଣ ବିଲ ଏକ ଐତିହାସିକ ପଦକ୍ଷେପ ଏବଂ ମହିଳା ମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ ବୋଲି ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା କହିଛନ୍ତି। ସେ ଆହୁରି ମଧ କହିଛନ୍ତି ବର୍ତମାନ କୌଣସି ବିଧାନସଭାରେ ୧୫ ପ୍ରତିଶତ ମହିଳା ବିଧାୟକ ନାହାଁନ୍ତି। ଏପରିକି ନାଗାଲାଣ୍ଡ ଓ ମିଜୋରାମରେ ମହିଳା ବିଧାୟକ ଆଦୌ ନାହାଁନ୍ତି। ଏହା ଦୁଃଖ ଦାୟକ ବୋଲି ବ୍ୟକ୍ତ କରିଛନ୍ତି । ଏକ ଆକଳନରୁ ଜଣାଯାଇଛି ବର୍ତମାନ ଛତିଶଗଡ଼ରେ ମହିଳା ବିଧାୟକଙ୍କ ସ୍ଥିତି ୧୪.୪୪ ପ୍ରତିଶତ, ପର୍ଶ୍ଚିମବଙ୍ଗରେ ୧୩.୭୦ ପ୍ରତିଶତ, ଝାଡ଼ଖଣ୍ଡରେ ୧୨.୩ ପ୍ରତିଶତ, ରାଜସ୍ଥାନରେ ୧୨ ପ୍ରତିଶତ, ଉତରପ୍ରଦେଶ, ଦିଲ୍ଲି ଓ ଉତରାଖଣ୍ଡରେ ୧୧.୪ ପ୍ରତିଶତ, କର୍ଣ୍ଣାଟକ ଭଳି ବିରାଟ ରରାଜ୍ୟରେ ମହିଳା ବିଧାୟକଙ୍କ ସ୍ଥିତି ୩.୪ ପ୍ରତିଶତ, ବାକି ୧୬ଟି ରାଜ୍ୟରେ ୮ ପ୍ରତିଶତ ରହିଛି । ସେହିପରି କେନ୍ଦ୍ର ଶାସିତ ଅଂଚଳ ଓ ସଂସଦରେ ୮ ପ୍ରତିଶତରୁ କମ୍ ଥିବାର ଜଣାଯାଇଛି। ସ୍ୱାଧିନତାର ଦିର୍ଘ ୭୫ ବର୍ଷ ପରେ ମଧ ଉଭୟ ସଂସଦ ଓ ବିଧାନସଭା ମାନଙ୍କରେ ମହିଳା ମାନଙ୍କର ଉପସ୍ଥିତି ଏତେ କମ୍ ପରିମାଣରେ ଥିବ ଏହା ଆଶା କରାଯାଇନଥିଲା ବୋଲି ଶ୍ରୀମତି ପଣ୍ଡା ଜଣାଇଛନ୍ତି ।

## ଅଂଶୁପା ଛକରେ ଦୁଇ ବାଇକ ମୁହାଁମୁହିଁ ଧକ୍କା

ଭୁବନେଶ୍ୱର/ଆଠଗଡ, ୦୨/୩ (ନି.ପ୍ର): ବାଙ୍କୀ ଥାନା ଅନ୍ତର୍ଗତ ଅଂଶୁପା ଛକରେ ବାଇକ ସହିତ ବାଇକ ମୁହାଁମୁହିଁ ଧକ୍କା ହୋଇଛି । ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି । ମୃତକ ହେଲେ ବାଙ୍କୀ ଥାନା ଅନ୍ତର୍ଗତ ଆନନ୍ଦପୁର ଗ୍ରାମର ଯୁଗଳ ସାହୁଙ୍କ ପୁଅ ଧର୍ଯ୍ୟଧର ସାହୁ । ଗୁରୁତରଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଆଠଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି ।

## ପାଣି ମୁନ୍ଦାଏ ପାଇଁ ରାସ୍ତାରେ ଧାରଣା ଦେଲେ ଗ୍ରାମବାସୀ



ନୀଳଗିରି, ୦୨/୩ (ନି.ପ୍ର): ବିଭାଗୀୟ ଅଧିକାରୀଙ୍କ ଫମ୍ପା ପ୍ରତିଶ୍ରୁତି ପରେ ତାତିଲେ ଗ୍ରାମବାସୀ। ସୂଚନା ଅନୁଯାୟୀ ନୀଳଗିରି ବ୍ଲକ ଧୋବଶିଳା ପଞ୍ଚାୟତ ଚଲଣାପାଳ ଗ୍ରାମର ୫ ଶହରୁ ଉର୍ଦ୍ଧ୍ୱ ପରିବାର ପାଣି ପାଇଁ ହନ୍ତସନ୍ତ ହୋଇ ଆସୁଛନ୍ତି।ଫଳରେ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ ଦିଲ୍ଲିପ ସିଂଙ୍କୁ ନଳକୂପ ବସାଇ ପାନୀୟ ଜଳର ସୁ ବନ୍ଦବସ୍ତ କରିବାକୁ ଦାବୀ କରିଥିଲେ।ଦିଲ୍ଲିପ ମଧ ବିଭାଗୀୟ ଅଧିକାରୀଙ୍କୁ ଏ ସମ୍ପର୍କରେ ଅବଗତ କରାଇଥିଲେ। ମଙ୍ଗଳବାର ବିଭାଗୀୟ ଅଧିକାରିଣୀ ଶୁଭଲକ୍ଷ୍ମୀ ମହନ୍ତ ଘଟଣା ସ୍ଥଳରେ ପହଞ୍ଚି ନୂତନ ନଳକୂପ ଖୋଳିବା ପାଇଁ ପ୍ରତିଶୃତି ଦେଇଥିଲେ। ହେଲେ ଆଜି ବିଭାଗୀୟ ଅଧିକାରିଣୀଙ୍କୁ ଫୋନ କରିବାରୁ ସେ ଗ୍ରାମବାସୀ କିମ୍ବା ସରପଞ୍ଚଙ୍କ ଫୋନ ଉଠାଇନଥିଲେ। ଫଳରେ ଗ୍ରାମବାସୀ ମାନେ ବାଧ ହୋଇ ନୀଳଗିରି ମିତ୍ରପୁର ରାସ୍ତାର ସାରୁପାଳ ଛକ ନିକଟରେ ଗରା ବାଲ୍ଟି ଧରି ଧାରଣାରେ ବସିଥିଲେ। ଯାହା ଫଳରେ ଉଭୟ ପାର୍ଶ୍ୱରେ ଶତାଧିକ ଗାଡି ଅଟକି ରହିଥିଲା। ପାଣି ସମସ୍ୟା କାରଣରୁ ୨ ଦିନ ହେବ ଗ୍ରାମବାସୀ ରନ୍ଧା ଖାଦ୍ୟ ପରିବର୍ତ୍ତେ ଶୁଖିଲା ଖାଦ୍ୟ ଉପରେ ନିର୍ଭର ଥିବା ବେଳେ ଆଜି ଧାରଣା ସ୍ଥଳରେ ମଧ ମୁଢ଼ୀ ରଖି ଧାରଣା ଦେଇଥିଲେ। ଧାରଣାକାରୀ ସକାଳ ୮ ଟାରୁ ଧାରଣାରେ ବସିଥିଲେ ମଧ ବିଭାଗୀୟ ଅଧିକାରୀ ମାନେ ଦିନ ୨ଟା ପର୍ଯ୍ୟନ୍ତ ଘଟଣା ସ୍ଥଳରେ ପହଞ୍ଚି ନଥିଲେ । ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଅନେକ ପର୍ଯ୍ୟଟକ ଓ ସାଧାରଣ ଯାତ୍ରୀମାନେ ଫସିରହିଥିଲେ। ପରେ ନୀଳଗିରି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିଥିବା ବେଳେ ବିଭାଗୀୟ ଯନ୍ତ୍ରୀ ମହେଶ୍ୱର ସିଂ ଘଟଣା ସ୍ଥଳରେ ପହଞ୍ଚି ଟ୍ୟାଙ୍କର ଯୋଗେ ପାଣିର ବ୍ୟବସ୍ଥା କରିବା ସହ ସନ୍ଧ୍ୟା ସୁଦ୍ଧା ନଳକୂପ ଖନନ କରାଯିବାର ପ୍ରତିଶୃତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

## ରୂପସା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା: ଏହା କଳା, ସଂସ୍କୃତି ବିକାଶର ହୃତପିଣ୍ଡ



ରୂପସା, ୦୨/୩ (ନି.ପ୍ର): ରୂପସା ଥାନା ଅନ୍ତର୍ଗତ ପୋଡାଡିହା ଷ୍ଟାର କ୍ଲବ ଆନୁକୂଲ୍ୟରେ ଆୟୋଜିତ ୧୩ ତମ ବାର୍ଷିକ ରୂପସା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି । ମହୋତ୍ସବ କମିଟି ଉପଦେଷ୍ଟା ପୂର୍ବତନ ବିଇଓ ଜୟନ୍ତ କୁମାର ପାଣିଗ୍ରାହୀ ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ସୁଲଗ୍ନା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଚେୟାରମ୍ୟାନ ଘନଶ୍ୟାମ ବିଶ୍ୱାଳ , ମୁଖ୍ୟ ବକ୍ତା ସମୟର ଚକ୍ରର ସମ୍ପାଦକ ସର୍ବେଶ୍ୱର ଜେନା , ସମ୍ମାନିତ ଅତିଥି କୈଳାଶ ଫିସାରୀର ପରିଚାଳକ ଅକ୍ଷୟ କୁମାର ସାହୁ, ସମାଜସେବୀ ଆମର କୁମାର ପାଳ, ଶିଳ୍ପପତି ଲକ୍ଷ୍ମଣ ପ୍ରସାଦ ଗୁପ୍ତା ପ୍ରମୁଖ ଯୋଗ ଦେଇ ମହୋତ୍ସବ କଳା, ସଂସ୍କୃତି ବିକାଶର ହୃତପିଣ୍ଡ ବୋଲି ବକ୍ତବ୍ୟରେ କହିଥିଲେ । ପଣ୍ଡିତ ଚକ୍ରଧର ଆଚାର୍ଯ୍ୟ ବେଦପାଠ କରିଥିଲେ । ଉପଦେଷ୍ଟା ବାଞ୍ଛାନିଧି ଦେ ଅତିଥି ପରିଚୟ ପ୍ରଦାନ କରିଥିଲେ । ପୋଡାଡିହା ଗ୍ରାମର କୁନି ନୃତ୍ୟ ଶିଳ୍ପୀଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ ହୋଇଥିଲା । ଶେଷରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ନୃତ୍ୟ ଗୁରୁ ଗୁରୁପ୍ରସାଦ ଦାସ ଓ ସୁଷମା ଜେନା ବିଚାରକ ଭାବେ ଉପସ୍ଥିତ ଥିଲେ। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କାର ବିତରଣ କରାଯାଇଥିଲା । ଷ୍ଟାର କ୍ଲବ ସଭାପତି ବିଜୟ କୁମାର ବେହେରା, କୋଷାଧକ୍ଷ ଦୀପକ ସାମଲ, ମହୋତ୍ସବ କମିଟି ମୁଖ୍ୟ ଉପଦେଷ୍ଟା ଜଗଦୀଶ ପଟ୍ଟନାୟକ, ବିନୟ କୁମାର ବେହେରା, କମଳାକାନ୍ତ ପଣ୍ଡା,ହିମାଂଶୁ ଜେନା,ମିଟୁ ପରିଡା,ଲିପନ ଜେନା, ଅରୁଣ କୁମାର ବେହେରା,କଟି ଚନ୍ଦନ ଜେନା, ହେମନ୍ତ ସେନାପତି, ବିଜେଶ ପରିଡା, ରାଜେଶ ଜେନା ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## ମୁଣ୍ଡାରୀ ଭାଷା ସମନ୍ୱୟ ସମିତିର ଶିକ୍ଷା ସମୀକ୍ଷା ବୈଠକ




ବଡ଼ସାହି, ୦୨/୩ (ନି.ପ୍ର): ବଡ଼ସାହି ବ୍ଲକ ଅଧିନସ୍ଥ ବଡ଼ସାହି ଗ୍ରାମପଞ୍ଚାୟତର କେନ୍ଦୁଆସାହି ପ୍ରାଥମିକ ବିଦ୍ୟାଳୟ ପରିସରରେ ମୁଣ୍ଡାରୀ ଭାଷା ସମନ୍ୱୟ ସମିତିର ଶିକ୍ଷା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁଣ୍ଡାରୀ ଭାଷାରେ ରବିବାର ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ନେଇ ଶିକ୍ଷା ସମୀକ୍ଷା ଏବଂ ଯୋଜନା ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରେମ୍ ଏବଂ ୟୁ.ଏନ୍.ଏଫ୍.ପି.ଏ. ସଂସ୍ଥାର ସହଯୋଗରେ ମୁଣ୍ଡାରୀ ଭାଷାର ସଂରକ୍ଷଣ ତଥା ପ୍ରଚାର ପ୍ରସାର ନିମନ୍ତେ ମୁଣ୍ଡାରୀ ଭାଷାଭାଷୀ ଅଧ୍ୟୁଷିତ ଗ୍ରାମ ଗୁଡିକରେ ରବିବାର ମୁଣ୍ଡାରୀ ବିଦ୍ୟାଳୟ ପ୍ରତିଷ୍ଠା କରାଯାଉଅଛି । ପ୍ରଥମ ପର୍ଯ୍ୟାୟରେ ୩୦ ଗୋଟି ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି । ଆସନ୍ତା ୧୦ ତାରିଖ ରବିବାର ଦିନ ଦିଲ୍ଲୀରୁ ଏକ ପ୍ରତନିଧି ଦଳ ଉକ୍ତ ମୁଣ୍ଡାରୀ ବିଦ୍ୟାଳୟ ପରିଦର୍ଶନ ନିମନ୍ତେ ଆସିବାର କାର୍ଯ୍ୟକ୍ରମ ରହିଛି । ତେଣୁ ସେଥିପାଇଁ ପ୍ରସ୍ତୁତି ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ଏଥିସହିତ ଚଳିତ ବର୍ଷ ମୁଣ୍ଡାରୀ ଭାଷା ସମନ୍ୱୟ ସମିତି ତରଫରୁ ମୁଣ୍ଡାରୀ ଭାଷାରେ ବାର୍ଷିକ ପରୀକ୍ଷା ଅନୁଷ୍ଠିତ ହେବାର ସ୍ଥିରୀକୃତ ହୋଇଛି । ସେହି ପରୀକ୍ଷାରେ ଅଧିକ ସଂଖ୍ୟାରେ ପିଲାମାନଙ୍କୁ ପରୀକ୍ଷା ଦେବା ନିମନ୍ତେ ଆହ୍ୱାନ କରାଯାଇଛି । ମୁଣ୍ଡାରୀ ଭାଷା ସମନ୍ୱୟ ସମିତି ତରଫରୁ ଆୟୋଜିତ ଉକ୍ତ ଶିକ୍ଷା ସମୀକ୍ଷା ବୈଠକରେ ଶ୍ୟାମାଖୁଣ୍ଟା ବ୍ଲକ ୪୯ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ମଧୁସୂଦନ ସିଂ, ବଡ଼ସାହି ବ୍ଲକ ୨୨ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ଦଶରଥ ସିଂ, ମୁଣ୍ଡାରୀ ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା ମୁଣ୍ଡାରୀ ଭାଷା ସମନ୍ୱୟ ସମିତିର ଉପଦେଷ୍ଟା ବିଲକାନ୍ ପ୍ରଭୁଦୟାଲ ନାଗ, ଜିଲ୍ଲା ସମ୍ପାଦକ ବୁଧିଆ ସିଂ, ବେତନଟୀ ବ୍ଲକ ଆବାହକ ତପନ ସିଂ, ଗୋପବନ୍ଧୁନଗର ବ୍ଲକ ଆବାହକ ଅନନ୍ତ ପ୍ରସାଦ ସିଂ, ଖୁଣ୍ଟା ବ୍ଲକ ଆବାହକ ରାଙ୍ଗୋ ସିଂ, ମୁଣ୍ଡାରୀ ପାରମ୍ପରିକ ପୁରୋହିତ ପାହାନ୍ ବସନ୍ତ କୁମାର ସିଂ, ବାଦଲ କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ବସନ୍ତ କୁମାର ସିଂ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭାସାଙ୍ଗ କରାଯାଇଥିଲା ।

## ଖଇରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ

ଖଇରା, ୦୨/୩ (ନି.ପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇ ଯାଇଛି । ବିଦ୍ୟାଳୟ ପରିଚାଳକ ଦିଲ୍ଲିପ କୁମାର ଲେଙ୍କାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନଚାର୍ଯ୍ୟ କୈଳାସ ଚନ୍ଦ୍ର ସାହୁ ଦିବସର ମହତ୍ୱ ଓ ତତ୍ପର୍ଯ୍ୟ ଉପରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ । ଏହି ଅବସରରେ ପିଲା ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ କରାଯିବା ସହ ବିଜ୍ଞାନ ସମ୍ବନ୍ଧୀୟ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପିଲା ମାନଙ୍କୁ ପୁରସ୍କୃତ କରାଯାଇଥିଲା । ସହକାରୀ ଆଚାର୍ଯ୍ୟ ଷ୍ଟାଲିନ ରାଉତ ଅତିଥି ପରିଚୟ ପ୍ରଦାନ ଏବଂ ଗୁରୁମା ସାବିତ୍ରୀ ପଣ୍ଡା,ପୁଷ୍ପାଞ୍ଜଳୀ ରାଉତ, ବନ୍ଦନା ପ୍ରଧାନ, ଦୀପାଞ୍ଜଳୀ ବେହେରା, କ୍ରୀଷ୍ଣାରାଣୀ ହାତୀ, ପ୍ରମୋଦିନୀ ଗିରି ,ଗୁରୁଜୀ ପୂର୍ଣ୍ଣଚନ୍ଦ୍ର ସାହୁ, ପୀୟୁସ ରାଉତ, ଭରତ ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ ।

## ସୁଦର୍ଶନପୁର ପଞ୍ଚାୟତର ମହାଦୁର୍ନୀତିର ଅଭିଯୋଗ ପାଇଁ ପ୍ରେସମିଟ

ବାସୁଦେବପୁର, ୦୨/୩ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ସୁଦର୍ଶନପୁର ଗ୍ରାମ ପଞ୍ଚାୟତର ୯୬ ଲକ୍ଷ ଟଙ୍କାର ମହା ଦୁର୍ନୀତି ହୋଇଛି ବୋଲି ସୂଚନା ଅଧିକାର କର୍ମୀ ତପନ ବାରିକ୍, ଶଙ୍କର୍ଷଣ ନାୟକ ଓ ଏହି ପଞ୍ଚାୟତର ସଚେତନ ନାଗରିକ ସାମ୍ବାଦିକ ସମ୍ମିଳନୀରେ ଲିଖିତ ଅଭିଯୋଗ କରିଛନ୍ତି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଅନିୟମିତତା, ମାଆ ବିଲ ମଙ୍ଗଳା ଠାକୁରାଣୀ ପୋଖରୀ ନ ଥାଇ ତୁଠ ଫଲ୍ସ ବିଲ କରି ଟଙ୍କା ହଡ଼ପ କରିବା, ରାଜ୍ୟ ସରକାରଙ୍କ ହରିଶ୍ଚନ୍ଦ୍ର ଯୋଜନାରେ ଅର୍ଥ ଲୁଟ କରିବା, ଅମୃତ୍ ସରୋବର ପୋଖରୀ ମାଟି କାମରେ ଟଙ୍କା ହଡ଼ପ କରିବା ପ୍ରଭୃତି ଅନେକ ଯୋଜନାରେ ପାଖା ପାଖି ୯୬ ଲକ୍ଷ ଟଙ୍କାର ମହା ଦୁର୍ନୀତି ହୋଇଛି ବୋଲି ଆର ଟି ଆଇ ରୁ ତଥ୍ୟ ମାଗି ତପନ ବାରିକ୍ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି । ଏହି ପଞ୍ଚାୟତର ସରପଞ୍ଚ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜି ଆର ଏସ, ଗାଁ ସାଥି ଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସଚେତନ ନାଗରିକ ଓ ସୂଚନା ଅଧିକାର କର୍ମୀ ଶ୍ରୀ ତପନ ବାରିକ୍ ଅଭିଯୋଗ କରିଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❒ Managing & Executive Editor : Srustidhar Parida
❒ Editor: Sairindhree Sahoo